


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-333 ◆BHUBANESWAR ◆SUNDAY ◆1 JUNE 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୩୩ ◆ଭୁବନେଶ୍ୱର ◆ରବିବାର ◆୧ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବ୍ୟାପୁଛି କରୋନା; ନେଲାଣି ୨୩ ଜୀବନ

**ସଂକ୍ରମିତ ହେଲେଣି ୩୩୯୫, କେରଳରେ ସର୍ବାଧିକ**

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପୁଣି ଚିନ୍ତା ବଢ଼ାଇଲାଣି କରୋନା। ଏହି ଭୂତାଣୁ ଦେଶରେ କ୍ରମାଗତ ଭାବେ କାୟା ବିସ୍ତାର କରିବାରେ ଲାଗିଛି। ଆଜିସୁଦ୍ଧା ଦେଶରେ କରୋନା ରୋଗୀ ସଂଖ୍ୟା ୩ ହଜାର ଅତିକ୍ରମ କରି ୩୩୯୫ରେ ପହଞ୍ଚିଥିବା ବେଳେ ୨୨ ଜଣ ଲୋକ ଏହି ରୋଗରେ ପ୍ରାଣ ହରାଇଲେଣି। ଏଥର କରୋନାର ହଟ୍‌ସ୍ପଟ୍ କେରଳ ହୋଇଥିବା ବେଳେ ଏହାପଛକୁ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। କେରଳରେ ସର୍ବାଧିକ ୧୩୩୬ ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ମହାରାଷ୍ଟ୍ରରେ ୮୪ଟି ନୂଆ ମମାଲା ସାମ୍ନାକୁ ଆସିଛି ଓ ସଂକ୍ରମିତଙ୍କ ସଂଖ୍ୟା ୬୮୧ ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ଦେଶର ୬୦ ପ୍ରତିଶତ ମାମଲା ଦେଖିବାକୁ ମିଳିଛି। ଏହାପଛକୁ ରହିଛି ଦିଲ୍ଲୀ। ସେଠାରେ ୩୭୫ ଜଣ ସଂକ୍ରମିତ ହେଲେଣି। ଏହାପଛକୁ ଗୁରାଟ (୨୬୫) ରହିଥିବା ବେଳେ କର୍ଣ୍ଣାଟକର ୨୩୪, ପଶ୍ଚିମବଙ୍ଗରେ ୨୦୫, ତାମିଲନାଡୁରେ ୧୮୫ ଏବଂ ଉତ୍ତର ପ୍ରଦେଶରେ ୧୧୭ ଜଣ ସଂକ୍ରମିତ ହୋଇଛନ୍ତି। ▶ପୃଷ୍ଠା-୭

## ଧସିଲା ପାହାଡ଼: ଆସାମରେ ୫, ଅରୁଣାଚଳରେ ୯ ମୃତ

**ମିଜୋରାମ-ସିକିମରେ ଭୁଶୁଡ଼ିଲା ଅନେକ ଘର**

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଭାରତରେ ପାଣିପାଗ ବଦଳିବାରେ ଲାଗିଛି। ଅନେକ ରାଜ୍ୟରେ ମୌସୁମୀ ପ୍ରବେଶ କରିଛି। ଏହାର ପ୍ରଭାବରେ ବିଭିନ୍ନ ରାଜ୍ୟର ପ୍ରବଳ ବର୍ଷା ଜାରି ରହିଛି। ଏଥିଯୋଗୁଁ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି। ଦୁଇ ଦିନ ହେଲା ପ୍ରବଳ ବର୍ଷା ଜାରି ରହିଥିବାରୁ ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ଆସାମରେ ଅଚାନକ ବନ୍ୟା ଆସିଛି। ଏହା ସହିତ ଭୂସ୍ଖଳନ ହୋଇଛି। ଭିତ୍ତିଭୂମି ଭୂଶୁଡ଼ି ଯାଇଛି। ଏହା ଜନଜୀବନକୁ ପ୍ରଭାବିତ କରିଛି। ଅରୁଣାଚଳର ଜାତୀୟ ରାଜପଥ ୧୩ରେ ଭୂସ୍ଖଳନ ହୋଇଛି। ଏଥିଯୋଗୁଁ ଏକ ଗାଡ଼ି ଗଭୀର ଖାଇକୁ ଖସି ପଡ଼ିଥିଲା। ଏଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଭୂସ୍ଖଳନରେ ଅନ୍ୟ ଦୁଇ ଜଣ ପ୍ରାଣ ହରାଇଥିବାବେଳେ ଅନେକ ମଧ୍ୟ ଆହତ ହୋଇଛନ୍ତି। ସେହିପରି ମିଜୋରାମର ଲଙ୍ଗତିଲାରେ ଶୁକ୍ରବାର ରାତିରେ ୫ଟି ଘର ଏବଂ ଏକ ହୋଟେଲ ଭୂଶୁଡ଼ି ପଡ଼ିବାରୁ ୫ ଜଣଙ୍କ ଜୀବନ ଯାଇଛି। ଆହୁରି କିଛି ଲୋକ ଅବଶେଷ ତଳେ ଫସି ରହିଥିବା ▶ପୃଷ୍ଠା-୭


### ପୋଲାଭରମ୍ ପ୍ରକଳ୍ପରେ କ୍ଷୟକ୍ଷତି ଆକଳନ

# ତେଲଙ୍ଗାନା ଜିତିଲା; ଓଡ଼ିଶା ଜଲକା

**ତେଲଙ୍ଗାନାରେ ପଛୁଆ ଜଳର ପ୍ରଭାବ ଆକଳନ କରିବ ସିଡବ୍ଲ୍ୟୁସି**

**କ୍ଷତିଗ୍ରସ୍ତ ମାଲକାନଗିରି ପାଇଁ ତୁଣ୍ଡ ଖୋଲୁନାହାନ୍ତି ଓଡ଼ିଶା ସରକାର**

**ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପାଇଁ ପରାମର୍ଶ ଦେଇଥିଲେ ସୁପ୍ରିମକୋର୍ଟ**



■ **ଭୁବନେଶ୍ୱର, ୩୧।୫ (ସମିସ):** ତେଲଙ୍ଗାନା ସରକାରଙ୍କ ପ୍ରବଳ ଚାପ ଆଗରେ ଶେଷରେ ନଇଁଛନ୍ତି କେନ୍ଦ୍ର ଓ ଆନ୍ଧ୍ର ସରକାର। ପୋଲାଭରମ୍ ପ୍ରକଳ୍ପ ଯୋଗୁଁ ତେଲଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ଖୁବଶୀଘ୍ର କେନ୍ଦ୍ରୀୟ ଜଳ ଆୟୋଗଙ୍କ ପକ୍ଷରୁ ସର୍ଭେ କରାଯିବ। ମାତ୍ର ସୁପ୍ରିମକୋର୍ଟଙ୍କ ପରାମର୍ଶ ସତ୍ତ୍ୱେ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ଅନୁରୂପ ସର୍ଭେ ପାଇଁ କେନ୍ଦ୍ର ସରକାର ବା ଆନ୍ଧ୍ର ସରକାର ଆଗ୍ରହ ପ୍ରକାଶ କରୁନାହାନ୍ତି। ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ହୋଇଥିଲେ ମଧ୍ୟ ରାଜ୍ୟର ଶାସକ ବିଜେପି ସରକାର ଏ ସମ୍ପର୍କରେ ନିରବ ରହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏ ସମ୍ପର୍କରେ ବାରମ୍ବାର ଦାବି କରିଥିଲେ ମଧ୍ୟ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

ପୋଲାଭରମ୍ ପ୍ରକଳ୍ପର ପଛୁଆ ଜଳ ଯୋଗୁଁ ତେଲଙ୍ଗାନାର ଭଦ୍ରାଚଳମ୍ ସହର ଜଳମଗ୍ନ ହେବ। ଏହାକୁ ନେଇ ତେଲଙ୍ଗାନା ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ପ୍ରକଳ୍ପ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲା। ଶେଷରେ ଉଭୟ ଆନ୍ଧ୍ର ସରକାର, ତେଲେଙ୍ଗାନା ସରକାର, ପୋଲାଭରମ ପ୍ରକଳ୍ପ ପ୍ରାଧିକରଣ(ପିପିଏ)ଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଛୁଆ ଜଳ ସର୍ଭେ ନେଇ ସହମତି ପ୍ରକାଶ ପାଇବା ପରେ ଏନେଇ ସିଡବ୍ଲ୍ୟୁସିଙ୍କୁ ପିପିଏଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଦିଆଯାଇଥିଲା ଓ ଏହା ଆଧାରରେ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମାତ୍ର ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ପ୍ରସଙ୍ଗରେ ନିରବ ରହିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଓଡ଼ିଶାର କ୍ରମାଗତ ▶ପୃଷ୍ଠା-୭

**ସମ୍ବଲପୁର ଶୀତଳଷଷ୍ଠୀ**

# ଦେବ ବିବାହ ସମ୍ପନ୍ନ


ଝାଡୁଆପଡ଼ା



ମୋଦିପଡ଼ା


ନନ୍ଦପଡ଼ା

■ **ସମ୍ବଲପୁର, ୩୧।୫ (ସମିସ):** ଦେବଦେବ ମହାଦେବ ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ଉତ୍ସବ ଶୀତଳଷଷ୍ଠୀ ଯାତ୍ରା ସକାଶେ ସମ୍ବଲପୁର ଉତ୍ସବମୁଖର ହୋଇଉଠିଛି। ଆଜି ରାତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମହାଦେବଙ୍କୁ ଅଳଙ୍କାରରେ ଭୂଷିତ କରି ବରବେଶରେ ସଜ୍ଜିତ କରାଯାଇଥିଲା। ଦେବଦେବୀଙ୍କ ଗହଣରେ ମହାଦେବ ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ଶୁଭଲଗ୍ନରେ ଶନିବାର ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆସନ୍ତାକାଲି ୧ ତାରିଖ ରାତି ଓ ୨ ତାରିଖ ଦିନବେଳା ନବଦମ୍ପତି ▶ପୃଷ୍ଠା-୭







## ହସିନାଙ୍କ ଗାଦିଚ୍ୟୁତ ହେବା ପଛରେ ହାଫିଜ୍ ସୈଦ

ଇସଲାମାବାଦ, ୩୧।୫ (ଏଜେନ୍ସି): ବାଂଲାଦେଶରୁ ଶେଖ୍ ହାସିନା ବିତାଡିତ ହେବା ପଛରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଆତଙ୍କବାଦୀ ହାଫିଜ ସୈଦର ହାତ ରହିଛି। ଏହି ଆତଙ୍କବାଦୀର ଆତଙ୍କବାଦୀ ସଂଗଠନ ଜମାତ-ଉଦ୍-ଦାୱା (ଜେୟୁଡି) ବାଂଲାଦେଶରେ ଗତ ବର୍ଷ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିଲା। ଏହାର ଆତଙ୍କବାଦୀ ହିଁ ଆନ୍ଦୋଳନକୁ ଉସୁକାଇ ଥିଲେ। ବିଶ୍ୱ ଆତଙ୍କବାଦୀ ତାଲିକାରେ ସାମିଲ ଜେୟୁଡି ସଦସ୍ୟ ସୈଫୁଲା କସୁରୀ ଏବଂ ମୁଜାମିଲ ହାସିମ ଏହି ଦାବି କରିଛି। କିଛି ଦିନ ତଳେ ରହିମ ୟାର ଖାନର ଆହ୍ଲାବାଦରେ ନିଜ ସମର୍ଥକଙ୍କୁ ସମ୍ବୋଧନ କରି କସୁରୀ କହିଥିଲା ଯେ ସେ ୪ ବର୍ଷର ହୋଇଥିବାବେଳେ ୧୯୭୧ରେ ପାକିସ୍ତାନକୁ ଭାଗ ଭାଗ କରିଦେଇଥିବା ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଘୋଷଣା କରିଥିଲେ। କିନ୍ତୁ ଗତ ବର୍ଷ ମେ' ୧୦ରେ ଆମେ ୧୯୭୧ର ପ୍ରତିଶୋଧ ନେଇଛୁ।

## ଅବାସଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ

ଲକ୍ଷ୍ନୌ, ୩୧।୫ (ଏଜେନ୍ସି): ମାଫିଆ ଡନ୍ ମୁଖ୍‌ତାର ଅନସାରୀର ପୁଅ ତଥା ଏସ୍‌ବିଏସ୍‌ପି ବିଧାୟକ ଅବାସ ଅନସାରୀକୁ ବଡ଼ ଝଟ୍‌କା ଲାଗିଛି। ୨୦୨୨ର 'ଅଧିକାରୀଙ୍କ ହିସାବ-କିତାବ' ଘୃଣ୍ୟ ମନ୍ତବ୍ୟକୁ ନେଇ ମଉର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ (ଏମପି-ଏମଏଲଏ) ଅନାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ତାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ୩ ହଜାର ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି। ଆବାସଙ୍କ ଏଜେଣ୍ଟ ମନ୍‌ସୁରକୁ ମଧ୍ୟ ୬ ମାସ ଜେଲ୍ ଦଣ୍ଡ ହୋଇଛି। ତେବେ ପରେ ଉଭୟେ ଜାମିନରେ ମୁକ୍ତି ପାଇଛନ୍ତି। ଏହି ଦଣ୍ଡ ଯୋଗୁଁ ଆବାସ ବିଧାୟକ ପଦ ହରାଇପାରନ୍ତି।

## ମସ୍କଙ୍କ ଆଖିକୁ ନେଇ ଚର୍ଚ୍ଚା

ୱାଶିଂଟନ୍, ୩୧।୫ (ଏଜେନ୍ସି): ଗୁରୁବାର ଶିଳ୍ପପତି ଏଲନ୍ ମସ୍କ ଡୋନାଲ୍ଡ ଟ୍ରମ୍ପ ସରକାରଙ୍କଠାରୁ ଅଲଗା ହେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରି ହଇଚଇ ସୃଷ୍ଟି କରିଥିଲେ। ପରସ୍ପରଠାରୁ ଅଲଗା ହେବା ପୂର୍ବରୁ ଦୁହେଁ ସାମ୍ବାଦିକ ସମ୍ମିଳନୀ କରିଥିଲେ। ମସ୍କ ମୋର ଜଣେ ଭଲ ବନ୍ଧୁ ଓ ତାଙ୍କୁ ମନେ ରଖିବୁ ବୋଲି ଟ୍ରମ୍ପ କହିଥିଲେ। ସେହିପରି ଟ୍ରମ୍ପଙ୍କୁ ପରାମର୍ଶ ଦେବା ଜାରି ରଖିବି ବୋଲି ମସ୍କ କହିଥିଲେ। ଆଖି ତଳେ ଥିବା କଳା ଦାଗ ନେଇ ମସ୍କ ଏକ ପ୍ରଶ୍ନର ଉତ୍ତର ଦେଇ ହାସ୍ୟରୋଳ ସୃଷ୍ଟି କରିଥିଲେ। ଏହା ଡ୍ରଗ୍ସ ସେବନ କାରଣରୁ ନୁହଁ, ପୁଅ ସହ ଖେଳୁଥିବା ବେଳେ ତା'ର ମୁଥା ମୁହଁରେ ବାଜିବା ଫଳରେ କଳାଦାଗ ସୃଷ୍ଟି ହୋଇଥିଲା ବୋଲି ସେ କହିଥିଲେ।

## ପାକିସ୍ତାନ ମନ୍ତବ୍ୟରୁ ଓହରିଲା କଲମ୍ବିଆ: ଥରୁର

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଅପରେସନ ସିନ୍ଦୂର ନେଇ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ପାକିସ୍ତାନ ପାଇଁ ଜାରି କରିଥିବା ଶୋକ ବାର୍ତ୍ତାକୁ ଫେରାଇ ନେଇଛି। ଫଳରେ ଭାରତ ଆଉ ଏକ



କୂଟନୈତିକ ବିଜୟ ହାସଲ କରିଛି ବୋଲି କଂଗ୍ରେସ୍ ସାଂସଦ ଶଶୀ ଥରୁର କହିଛନ୍ତି। ଏବେ କଲମ୍ବିଆ ଭାରତକୁ ସମର୍ଥନ କରି ଆତଙ୍କବାଦ ବିରୋଧରେ ନିଜର ନୂଆ ବିବୃତ୍ତି ଜାରି କରିବ ବୋଲି ସେ କହିଛନ୍ତି। ବୋଗୋଟାସ୍ଥିତ ତାଦେଓ ଲୋଜାନେ ବିଶ୍ୱବିଦ୍ୟାଳୟରେ ଥରୁର ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମା ଉପରେ ଫୁଲମାଳା ଚଢାଇଥିଲେ। ଏହା ପରେ ସେ କଲମ୍ବିଆର ଉପ- ବିଦେଶ ମନ୍ତ୍ରୀ ରୋସା ୟୋଲାଣ୍ଡ ଭିଲାଭିସେନସିଓଙ୍କୁ ସାକ୍ଷାତ କରିଥିଲେ। ତାଙ୍କ ସହ କଥା ହେବା ପରେ ସରକାର ତାଙ୍କ ବୟାନ ଫେରାଇ ନେଇଥିଲେ ବୋଲି ଥରୁର କହିଛନ୍ତି। ଭାରତ ତରଫରୁ ଆମକୁ ଏ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ଯାହାକୁ ଆମେ ହୃଦୟଙ୍ଗମ କରିଛୁ ବୋଲି ଭିଲାଭିସେନସିଓ କହିଛନ୍ତି। ପୂର୍ବରୁ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନରେ ମୃତାହତ ଲୋକଙ୍କ ପାଇଁ କଲମ୍ବିଆ ତରଫରୁ ଜାରି କରାଯାଇଥିବା ଶୋକ ବାର୍ତ୍ତାକୁ ନେଇ ଥରୁର ଆପତ୍ତି ଉଠାଇଥିଲେ। ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଏ ନେଇ ବିଜେପି ସାଂସଦ ତଥା ଭାରତୀୟ ପ୍ରତିନିଧି ମଣ୍ଡଳୀର ସଦସ୍ୟ ତେଜସ୍ୱୀ ସୂର୍ଯ୍ୟା କଲମ୍ବିଆର ପରିବର୍ତ୍ତିତ ଆଭିମୁଖ୍ୟକୁ ସ୍ୱାଗତ କରିଛନ୍ତି।

# ଯୁଦ୍ଧ ବିମାନ ହରାଇଛୁ, କିନ୍ତୁ...

## ତ୍ରୁଟି ସୁଧାରିଛୁ, ପୁଣି ମାଡ଼ ମାରିଛୁ: ଜେନେରାଲ୍ ଚୌହାନ

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି)

ଅପରେସନ୍ ସିନ୍ଦୂର ବେଳେ ଆମେ କିଛି ଲଢୁଆ ବିମାନ ହରାଇଛୁ। କେତେ ହରାଇଛୁ, ତାହା ବଡ଼ କଥା ନୁହେଁ। କିନ୍ତୁ କାହିଁକି ହରାଇଲୁ ଏବଂ ତ୍ରୁଟି କେଉଁଠି ରହିଲା? ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେ ଯାହା ହେଉ, ସେହି ତ୍ରୁଟି ଉପରେ ସମୀକ୍ଷା କରିଛୁ। ତ୍ରୁଟିର ସମାଧାନ ବାଟ ବାହାର କଲୁ। ଦୁଇ ଦିନ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଗଲା ଏବଂ ଏଥିରେ ଆମେ ଶତ ପ୍ରତିଶତ ସଫଳ ରହିଲୁ। ଆମର ଆଉ କୌଣସି କ୍ଷତି ହେଲାନାହିଁ, ଦୂରଗାମୀ ଲକ୍ଷ୍ୟଭେଦ କରି ସମସ୍ତ ବିମାନ ସୁରକ୍ଷିତ ଭାବେ ଫେରିଲେ।

ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାଲାଗି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ ସିନ୍ଦୂର ସଂପର୍କରେ ଏଭଳି ବୟାନ ଦେଇଛନ୍ତି ଭାରତୀୟ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ। କାର୍ଯ୍ୟାନୁଷ୍ଠାନ ବେଳେ ଭାରତୀୟ ସେନା ବିମାନ ହରାଇଛି ବୋଲି କୌଣସି ସେନା ଅଧିକାରୀ ପ୍ରଥମ ଥର ଲାଗି ସୂଚନା ଦେଇଛନ୍ତି। କିନ୍ତୁ ଭାରତୀୟ ସେନାର କେତୋଟି ଲଢୁଆ ବିମାନ ଖସିଛି ତାହାର ସଂଖ୍ୟା ଜଣାଇବାକୁ ସେ ମନାକରିଦେଇଛନ୍ତି। ଭାରତର ୬ଟି ବିମାନକୁ



ପାକିସ୍ତାନ ଖସାଇଥିବା ପାକ୍ ପ୍ରଧାନମନ୍ତ୍ରୀ ସରିଫ ଦେଇଥିବା ବୟାନ ସଂପର୍କରେ ଜେନେରାଲ ଚୌହାନ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ। କେବଳ ସେ ଏତିକି କହିଲେ, ଆମର କିଛି ତ୍ରୁଟି ଥିଲା ଏବଂ ଏହାକୁ ତତକ୍ଷଣାତ୍ ସୁଧାରିବାରେ ସଫଳ ହୋଇଥିଲୁ।

ସିଙ୍ଗାପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜେନେରାଲ ଚୌହାନ କହିଲେ ଯେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ପ୍ରତିହତ କରିବାରେ ଚୀନ ନିର୍ମିତ ଏୟାର ଡିଫେନ୍ସ ସମର୍ଥ ହୋଇଛି ବୋଲି ପାକିସ୍ତାନ କରିଥିବା ଦାବିକୁ ଅଗ୍ରାହ୍ୟ କରିଦେଇ ସେ କହିଲେ ଯେ ସେଗୁଡ଼ିକୁ କିଛି କାମ ଦେଇନି। ଆମେ ଆମର ମିସନରେ ସଫଳ ହୋଇଛୁ। ଭାରତ ସହ ସଂଘର୍ଷ ବେଳେ ପାକିସ୍ତାନକୁ ଚୀନ ଏୟାରଡିଫେନ୍ସ ଏବଂ ଉପଗ୍ରହ ସହାୟତା ଦେଇଥିଲା। କିନ୍ତୁ ସେବୁକୁ ଭାରତୀୟ କ୍ଷେପଣାସ୍ତ୍ର ଚକ୍‌ମା ଦେଇ ଧ୍ୱଂସ ରଚାଇଥିଲା। ପାକିସ୍ତାନ ସୀମା ଭିତରେ ୩୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ଭାରତୀୟ କ୍ଷେପଣାସ୍ତ୍ର ଧ୍ୱଂସ କରିବାକୁ ସକ୍ଷମ ହୋଇଛି ବୋଲି ଜେନେରାଲ ଚୌହାନ କହିଛନ୍ତି।

ସେ ଅହୁରି କହିଲେ ଯେ ଚାରି ଦିନ ଚାଲିଥିବା ସଂଘର୍ଷରେ ଭାରତ ଓ ପାକିସ୍ତାନ କେବେହେଲେ ପରମାଣୁ ଯୁଦ୍ଧର ନିକଟତର ହୋଇନାହାନ୍ତି। ଏସଂପର୍କରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବୟାନକୁ ଖଣ୍ଡନ କରି ସେ କହିଲେ ଯେ ସେମିତି ପରିସ୍ଥିତି ଉପୁଜିନଥିଲା। ଟ୍ରମ୍ପ କହିଥିଲେ, ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିଲେ ଏବଂ ତାଙ୍କ ମଧ୍ୟସ୍ଥତା ଯୋଗୁଁ ଏହାକୁ ଏଡ଼ାଇ ଦିଆଯାଇପାରିଛି।

## ୬ ରାଜ୍ୟରେ 'ଅପରେସନ ସିଲ୍ଡ' ମକ୍ ଡ୍ରିଲ୍

ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଅପରେସନ ଶିଲ୍ଡ ପ୍ରକ୍ରିୟାରେ ଶନିବାର ଗୁଜରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଜମ୍ମୁ-କଶ୍ମୀରରେ ମକ୍ ଡ୍ରିଲ ଚାଲିଛି। ପୂର୍ବରୁ ଗୁରୁବାର ମକ୍ ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଏହାକୁ ସ୍ଥଗିତ ରଖାଯାଇଥିଲା। ଜମ୍ମୁ-କଶ୍ମୀରର ଅନନ୍ତନାଗ, ଜମ୍ମୁ, ବାରାମୂଲା ଓ ଅନ୍ୟ ଜିଲ୍ଲାଗୁଡିକରେ ମକ୍ ଡ୍ରିଲ



କରାଯାଇଛି। ଜମ୍ମୁରେ ରାତି ୮ଟାରେ ପୂରା ବ୍ଲାକ ଆଉଟ ହୋଇଥିଲା। ଜମ୍ମୁର ଅଖନୁର ସେକ୍ଟରରେ ଏୟାର ଷ୍ଟ୍ରାଇକ୍‌ର ଡ୍ରିଲ କରାଯାଇଥିଲା। ଗୁଜରାଟ୍‌ରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ ଚାଲିଛି।

- ବ୍ଲାଷ୍ଟ କରି ଉଦ୍ଧାର କରାଗଲା
- ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡିକରେ ବ୍ଲାକ୍ ଆଉଟ୍ ହେବ
- ମକ୍ ଡ୍ରିଲ ବେଳେ ମହୁମାଛି ଆକ୍ରମଣ

ଗୁଜରାଟର ପାଟଣ ଓ ବ୍ଲାସାଡ୍‌ରେ ସାଇରନ ବାଜିଥିଲା। ପାଟଣ ତହସିଲ ଅଫିସ୍‌ରେ ନିଆଁ ଲାଗିଥିଲା ଓ ସେଥିରେ ଫସିଥିବା ୩ ଜଣ ଲୋକଙ୍କୁ ଉଦ୍ଧାରକାରୀ ଦଳ ଉଦ୍ଧାର କରିଛି। ରାଜସ୍ଥାନର ଜୟପୁରରେ ମଧ୍ୟ ଏୟାର ଷ୍ଟ୍ରାଇକ୍‌ର ମକ୍ ଡ୍ରିଲ କରାଯାଇଥିଲା। ଏଠାରେ ଅଚାନକ ବିସ୍ଫୋରଣ କରାଯାଇଥିଲା ଓ ବାୟୁରୁ ଫାୟାର କରାଯାଇଥିଲା। ଲୋକେ ଦୌଡ଼ାଦୌଡ଼ି କରିଥିଲେ। ଘଟଣାସ୍ଥଳରେ ମେଡିକାଲ ଏଡ୍ ପହଞ୍ଚିଥିଲା ଓ ଏସ୍‌ଡିଆରଏଫ୍ ସମେତ ଅନ୍ୟ ଟିମ ସ୍ଥିତି ସମ୍ଭାଳିଥିଲେ। ସେହିପରି ହରିୟାଣା, ପଞ୍ଜାବ ଓ ଚଣ୍ଡିଗଡ଼ରେ ମଧ୍ୟ ମକ୍ ଡ୍ରିଲ କରାଯାଇଥିଲା। ମକ୍ ଡ୍ରିଲ୍ ଚାଲିଥିବା ବେଳେ ରାଜସ୍ଥାନର ଝାଲାବଡ଼ରେ ମହୁମାଛି ଆକ୍ରମଣର ଦୃଶ୍ୟ ସାମାଜିକ ଗଣମାଧ୍ୟରେ ଭାଇରାଲ ହୋଇଛି। ମହୁମାଛିଙ୍କ ଦଳ ପୁଲିସ ଓ ପ୍ରଶାସନର ଲୋକଙ୍କ ଉପରେ ଆକ୍ରମଣ କରିଥିଲେ। ଫଳରେ ଜିଲ୍ଲାପାଳ ଓ ଏସ୍‌ପି ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଦୌଡ଼ିବାରେ ଲାଗିଥିଲେ।

## ସୀମା ବିବାଦକୁ ନେଇ ପାକିସ୍ତାନ-ତାଲିବାନ ମୁହାଁମୁହିଁ

କାବୁଲ, ୩୧।୫ (ଏଜେନ୍ସି): ପାକିସ୍ତାନ ଏବଂ ଆଫଗାନିସ୍ତାନ ସୀମା ପୁଣି ଅଶାନ୍ତ ହୋଇପଡ଼ିଛି। ସୀମା ବିବାଦକୁ ନେଇ ଏହି ଦୁଇ ଦେଶ ପୁଣି ମୁହାଁମୁହିଁ ହୋଇଛନ୍ତି। ଏଥିଯୋଗୁ ସୀମାରେ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଛି। ଏହା ସଶସ୍ତ୍ର ସଂଗ୍ରାମର କେନ୍ଦ୍ର ପାଲଟି ଯାଇଛି। ଉଭୟ ପକ୍ଷ ମଧ୍ୟରେ ଗୁଳିଗୋଳା ମାଡ଼ ଚାଲିଛି। ଆଫଗାନିସ୍ତାନର ହେଲମନ୍ଦ ପ୍ରଦେଶରେ ଥିବା ବହରାମ ଚହରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳ ପାକିସ୍ତାନର ଚଗଇ ଜିଲ୍ଲାକୁ ଲାଗିଛି। ସୀମାରେ ତାଲିବାନ ନିଜ ସୁରକ୍ଷା ପାଇଁ ସେନା ପୋଷ୍ଟ ନିର୍ମାଣ ପ୍ରୟାସ କରିବାରୁ ଏହି ନୂଆ ବିବାଦ ଆରମ୍ଭ ହୋଇଛି। ପାକିସ୍ତାନ ସୁରକ୍ଷାବାହିନୀ ଏହାକୁ ବିରୋଧ କରିଛି। ଏହାକୁ ଚୁକ୍ତିର ଉଲ୍ଲଘଂନ ବୋଲି କହି ଅଫଗାନିସ୍ତାନ ଉପରେ ଗୁଳିଗୋଳା ମାଡ଼ ଆରମ୍ଭ କରିଦେଇଥିଲା। ଫଳରେ ତାଲିବାନ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାକିସ୍ତାନ ସେନା ପୋଷ୍ଟ ଉଡାଇ ଦେଇଥିଲା। ତାଲିବାନ ଆକ୍ରମଣ ଦେଖି ପାକିସ୍ତାନ ଛାନିଆ ହୋଇ ଯାଇଥିଲା। ଏହାର ଯବାନ ଭୟଭୀତ ହୋଇ ୪ଟି ପୋଷ୍ଟରୁ ହଟି ଯାଇଛନ୍ତି। ଏଥିରୁ ତିନୋଟି ପୋଷ୍ଟ ବହରମ୍ ଚାହ ନିକଟରେ ରହିଛି। ସୂଚନାଯୋଗ୍ୟ ଯେ ସଂଘର୍ଷରତ ଚଗଇ ଜିଲ୍ଲା ପାକିସ୍ତାନର ସର୍ବବୃହତ ପ୍ରଦେଶ ବେଲୁଚିସ୍ତାନରେ ରହିଛି। ଆଫଗାନିସ୍ତାନ ଏବଂ ଇରାନକୁ ସୀମା ଲାଗି ରହିଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏହି ସଂଘର୍ଷ ବିରାଟ ରୂପ ଧାରଣ କରିବ ବୋଲି କୁହାଯାଉଛି। ଏହି ସ୍ଥିତିକୁ ଦେଖି ଶାହବାଜ ସରିଫ ସରକାର ଚଗଇ ଜିଲ୍ଲାରୁ ଅଢେଇ ଲକ୍ଷ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲିବାନ ମଧ୍ୟ ଏହାର ନାଗରିକମାନଙ୍କୁ ଅଞ୍ଚଳ



- ଅଢେଇ ଲକ୍ଷ ଲୋକଙ୍କୁ ଘର ଛାଡ଼ିବାକୁ ନିର୍ଦ୍ଦେଶ
- ପାକିସ୍ତାନ ପୋଷ୍ଟ ଉଡ଼ାଇଦେଲା ତାଲିବାନ
- ଭୟରେ ୪ ପୋଷ୍ଟ ଛାଡ଼ି ପଳାଇଲେ ପାକିସ୍ତାନ ଯବାନ

ଖାଲି କରିବାକୁ କହିଛି। ଏହି ସ୍ଥିତି ପାକ୍-ଆଫଗାନ ସମ୍ପର୍କକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଦେଇଛି।

ବହରମ ଚାହ ଚେକପୋଷ୍ଟ ଡୁରାଣ୍ଡ ଲାଇନରେ ଅବସ୍ଥିତ। ଏହାକୁ ଡ୍ରଗ୍ସ, ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଏବଂ ବିଦ୍ରୋହୀ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କରିଡର ଧରାଯାଉଛି। ଏହା ଚଗଇ ଏବଂ ହେଲମନ୍ଦ ମଧ୍ୟରେ ସାମରିକ କାର୍ଯ୍ୟକଳାପକୁ ବି ନିୟନ୍ତ୍ରଣ କରୁଛି। ତାଲିବାନ ଏହାକୁ ନଷ୍ଟ କରିଦେଇଥିବାରୁ ପାକିସ୍ତାନୀ ସେନା ପାଇଁ ସଙ୍କଟ ସୃଷ୍ଟି ହୋଇପାରେ।

ଦୁଇ ଦେଶର ସେନା ମଧ୍ୟରେ ଚାଲିଥିବା ସଂଘର୍ଷର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥିତିକୁ ଦେଖି ତାଲିବାନ ଆତ୍ମଘାତୀ ଦଳ ଏବଂ ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ମୁତୟନ କରିଛି। ଦୁଇ ଦେଶ ସାମରିକ ପ୍ରସ୍ତୁତିକୁ ମଧ୍ୟ ଜୋରଦାର କରିଛି। ତାଲିବାନ କାନ୍ଦାହାରର ୨୦୫ତମ କର୍ପସ ନିୟୋଜିତ କରିଛି। ଏଥିରେ ୫୦ ଜଣିଆ ଆତ୍ମଘାତୀ ଦଳ ରହିଛି। ଏହି ସ୍କ୍ୱାଡ୍ ପାକିସ୍ତାନୀ ସେନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଛି। ଏହା ସ୍ଥିତିକୁ ଅଧିକ ବିପଜ୍ଜନକ କରିଦେଇଛି। ସେହିପରି ପାକିସ୍ତାନ ଫ୍ରଣ୍ଟିୟର୍ କର୍ପସ ବେଲୁଚିସ୍ତାନକୁ ମଧ୍ୟ ଶକ୍ତିଶାଳୀ କରିଛି। ତାଲିବାନ ସହିତ ମୁକାବିଲା କରିବା ପାଇଁ ସୀମାରେ ଟ୍ୟାଙ୍କ ନିୟୋଜିତ କରିଛି। ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାରୁ ଯୁଦ୍ଧ ସ୍ଥିତି ଦେଖି ସାଧାରଣ ଲୋକ ଭୟରେ ବଞ୍ଚୁଛନ୍ତି। ପାକିସ୍ତାନ ପ୍ରଶାସନ ସ୍କୁଲ, କଲେଜ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ବନ୍ଦ କରିଦେଇଛି। ହସ୍ପିଟାଲକୁ ହାଇ ଆଲର୍ଟରେ ରଖିଛି। ଏପରି ସ୍ଥଳେ ବଲୁଚି ବିଦ୍ରୋହୀ ତାଲିବାନକୁ ସମର୍ଥନ କରିଛନ୍ତି।

**ଜଷ୍ଟିସ ବର୍ମାଙ୍କ ଘରୁ ଟଙ୍କା ଜବତ ମାମଲା**

## ନିଆଁ ଲାଗିବା ପରେ ଷ୍ଟୋରରୁମ୍‌ରୁ ଟଙ୍କା ହଟାଇଥିଲେ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ଅଧାଜଳା ଟଙ୍କା ମିଳିବା ମାମଲା ନେଇ ଏବେ ନୂଆ କଥା ସମ୍ନାକୁ ଆସିଛି। ଯେଉଁ ଷ୍ଟୋରରୁମ୍‌ରେ ଅଧଜଳା ଟଙ୍କା ମିଳିଥିଲା ତାହା, ବର୍ମା ଓ ତାଙ୍କ ପରିବାର ଲୋକଙ୍କ ଅଧିନରେ ରହିଥିଲା। ତଦନ୍ତ କରୁଥିବା କମିଟି ବାସଭବନର ଇଲେକଟ୍ରୋନିକ ସାକ୍ଷୀ, ପ୍ରମାଣ ଓ ତଦନ୍ତକୁ ଆଧାର କରି ଏହି ନିଷ୍କର୍ସରେ ପହଞ୍ଚିଛି। କମିଟି ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଛି। ଏଥିରେ ଦିଲ୍ଲୀ ପୁଲିସ କମିଶନର ସଞ୍ଜୟ ଆରୋରା ଓ ଦମକଳ ବିଭାଗର ମୁଖ୍ୟ ସାମିଲ ରହିଛନ୍ତି। ଟଙ୍କାରେ ନିଆଁ ଲଗାଯିବା ପରେ ଏହି ଦୁଇଜଣ ଅଧିକାରୀ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗତ ମାର୍ଚ୍ଚ ୧୪ ତାରିଖ ରାତି ୧୧.୩୫ରେ ନିଆଁ ଲଗାଇବା ପରେ ଷ୍ଟୋର ରୁମ୍‌ରୁ ଅଧାଜଳା ଟଙ୍କା ହଟାଇବାକୁ ପ୍ରୟାସ କରାଯାଇଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ମାମଲାର ଯାଞ୍ଚ୍ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ମାର୍ଚ୍ଚ ୨୨ରେ ଏକ ସ୍ୱତନ୍ତ୍ର କମିଟି ଗଠନ କରିଥିଲେ। ଏହି କମିଟି ମେ ୪ରେ ଖାନ୍ନାଙ୍କୁ ତା'ର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ବିଚାରପତି ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏବେ ତାଙ୍କ ବିରୋଧରେ ଦେଶର ସଂସଦରେ ମହା ଅଭିଯୋଗ ଆଣିବାକୁ ବିଚାର କରାଯାଉଛି। ବର୍ମା ନିଜ ପଦରୁ ଆପେ ଇସ୍ତଫା ଦିଅନ୍ତୁ ବୋଲି ସରକାର ଅପେକ୍ଷା କରିଛନ୍ତି। ଏବେ ବର୍ମା ଆହ୍ଲାବାଦ ହାଇ କୋର୍ଟରେ ଦାୟିତ୍ୱ ବହନ କରୁଛନ୍ତି। ଘଟଣା ସମୟରେ ସେ ଦିଲ୍ଲୀ ହାଇକୋର୍ଟରେ ନିୟୋଜିତ ଥିଲେ। ପରେ ତାଙ୍କର ବଦଳି କରାଯାଇଥିଲା। ତେବେ କୌଣସି ନ୍ୟାୟିକ କାର୍ଯ୍ୟ ସମ୍ପାଦନରୁ ତାଙ୍କୁ ବାରଣ କରାଯାଇଛି। ଉଲ୍ଲେଖଥାଉ କି, ୨୦୧୮ ରେ ବର୍ମାଙ୍କ ବିରୋଧରେ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସୁଗାର ମିଲ୍‌ରେ ୯୭.୮୫ କୋଟି ଟଙ୍କାର ଘୋଟାଲା କରିଥିବାର ଅଭିଯୋଗ ଆସିଥିଲା।

## ଶାଳୀର କଟାମୁଣ୍ଡ ଧରି ବୁଲିଲା ଭିଣୋଇ

କୋଲକାତା,୩୧।୫(ଏଜେନ୍ସି): ପଶ୍ଚିମବଙ୍ଗର ସାଉଥ ୨୪ ପରଗନା ଜିଲ୍ଲାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଭିଣୋଇ ନିଜ ଶାଳୀର କଟାମୁଣ୍ଡ ଧରି ବୁଲୁଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକ ଏ ନେଇ ସୂଚନା ଦେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି। ଏହି ଘଟଣାକ୍ରମର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ବ୍ୟକ୍ତିଜଣକ ଡାହାଣ ହାତରେ ଧାରୁଆ ହତିଆର ଓ ବାମହାତରେ କଟାମୁଣ୍ଡ ଧରିଥିବାର ଦେଖାଯାଇଥିଲା। ସେ ମଧ୍ୟ ଏକ ମନ୍ଦିର ସାମ୍ନାରେ ଜୟକାର ଲଗାଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହି ଘଟଣା ବସନ୍ତୀ ଥାନର ଭରତଗଡ଼ ଗାଁରେ ଘଟିଛି। ଶାଳୀଙ୍କ ସହ ଅଭିଯୁକ୍ତ ବ୍ୟକ୍ତିଙ୍କର ଶୁକ୍ରବାର ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟକ୍ତିଜଣକ ଧାରୁଆ ଅସ୍ତ୍ରରେ ଶାଳୀର ମୁଣ୍ଡକୁ ହାଣି ଶରୀରରୁ ଅଲଗା କରିଦେଇଥିଲେ। ଘଟଣାର ଯାଞ୍ଚ କରାଯାଉଛି ବୋଲି ପୁଲିସ କହିଛି। ଘଟଣାସ୍ଥଳକୁ ଫରେନସିକ୍ ଟିମ୍‌କୁ ପଠାଯାଇଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଚୀନ୍‌ର ନୂଆ ଚାଲ୍: ଅନ୍ତର୍ଜାତୀୟ ବିବାଦରେ ଏଥର ମୁଣ୍ଡ ପୂରାଇବ

ବେଜିଂ, ୩୧।୫ (ଏଜେନ୍ସି): ବିଶ୍ୱରେ କର୍ତ୍ତୃତ୍ୱ ଜାହିର କରିବା ପାଇଁ ଚୀନ୍ ନୂଆ ଚାଲ୍ ଚଳାଇଛି। ଏହି କମ୍ୟୁନିଷ୍ଟ ଦେଶ ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ନୂଆ ସଂଗଠନ ଗଠନ କରିଛି। ଏହାର ନାମ ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ ଫର୍ ମିଡିଏସନ (ଆଇଓଏମଇଡି) ରଖାଯାଇଛି। ଏହାକୁ ଅନ୍ତର୍ଜାତୀୟ କୋର୍ଟ (ଆଇସିଜେ) ଏବଂ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟେସନ ଭଳି ସଂସ୍ଥାର ବିକଳ୍ପ ଭାବେ ଉପସ୍ଥାପନ କରାଯାଇଛି। ଏହାକୁ ଚୀନ୍‌ର ଶକ୍ତି ପ୍ରଦର୍ଶନ ଭାବେ ମଧ୍ୟ ଦେଖାଯାଉଛି। ଆମେରିକା ଏବଂ ଜାତିସଂଘକୁ ଅଣଦେଖା କରିବା ପାଇଁ ଚୀନ୍ ଏଭଳି କୁଟୀଳ ଖେଳ ଖେଳିଥିବା କୁହାଯାଉଛି। କାରଣ ଆଇଓଏମଇଡି କାର୍ଯ୍ୟକ୍ରମରେ ୮୫ ଦେଶ ଏବଂ ପ୍ରାୟ ୨୦ ଅନ୍ତର୍ଜାତୀୟ ସଂଗଠନର ୪୦୦ ବଡ଼ ଅଧିକାରୀ ସାମିଲ ହୋଇଥିଲେ। ଏଗୁଡିକ ମଧ୍ୟରୁ ୩୩ ଦେଶ ତୁରନ୍ତ ସ୍ୱାକ୍ଷର କରି ଆଇଓଏମଇଡିର ପ୍ରତିଷ୍ଠାତା ସଦସ୍ୟ ହୋଇଛନ୍ତି। ଚୀନ୍‌ର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସ ଏହାକୁ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ କରୁଥିବା ବିଶ୍ୱର ପ୍ରଥମ 'ଆନ୍ତଃ ସରକାରୀ ଆଇନଗତ ସଙ୍ଗଠନ' କହିଛି। ତେବେ ଆମେରିକା ଏହାକୁ ତୀବ୍ର ବିରୋଧ କରିଛି। ଏସିଆର ସନ୍ତୁଳନ ବିଗାଡିବାକୁ ଚୀନ୍ ପ୍ରୟାସ କରୁଛି ବୋଲି ଆମେରିକା ଅଭିଯୋଗ କରିଛି।

ହଂକଂରେ ଆୟୋଜିତ ଏକ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟି ଆଇଓଏମଇଡିର ପ୍ରତିଷ୍ଠାକୁ ଔପଚାରିକ





ଭାବେ ଉଦ୍‌ଘାଟନ କରିଥିଲେ। ଇଣ୍ଡୋନେସିଆ, ପାକିସ୍ତାନ, ବେଲାରୁଷ, କ୍ୟୁବା ଏବଂ କମ୍ବୋଡିଆ ସହିତ ୩୩ ଦେଶର ଏହାର ପ୍ରତିଷ୍ଠାତା ସଦସ୍ୟ ହୋଇଥିଲେ। ଏହି ସଂଗଠନର ମୁଖ୍ୟାଳୟ ହଂକଂରେ ରହିବ। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ବିବାଦର ସମାଧାନ କିପରି ଶାନ୍ତିପୂର୍ଣ୍ଣ ଭାବରେ କରାଯାଇପାରିବ ହଂକଂ ତାହାର ଉଦାହରଣ। ଚୀନ୍ ଯୁଦ୍ଧ ଦ୍ୱାରା ନୁହେଁ, ଆଲୋଚନା ଏବଂ ବୁଝାମଣା ମାଧ୍ୟମରେ ବିଶ୍ୱର ସମସ୍ୟାର ସମାଧାନ କରିବାକୁ ଚାହୁଁଛି। 'ତୁମେ ହାରିବ, ମୁଁ ଜିତିବି' ଚିନ୍ତାଧାରାକୁ ଏହା ଛାଡିବାରେ ସାହାଯ୍ୟ କରିବ। ଦେଶ ଏବଂ ଅନ୍ୟ ଦେଶର ନାଗରିକଙ୍କ ମଧ୍ୟରେ କିମ୍ବା ଅନ୍ତର୍ଜାତୀୟ ବ୍ୟବସାୟୀକ ସଂଗଠନ ମଧ୍ୟରେ ବିବାଦର ସମାଧାନ କରିବା ଏହାର ଉଦ୍ଦେଶ୍ୟ। କେବଳ ମଧ୍ୟସ୍ଥତା ମାଧ୍ୟମରେ ଅନ୍ତର୍ଜାତୀୟ ବିବାଦର ସମାଧାନ ପାଇଁ ଏହାକୁ ଗଠନ କରାଯାଇଛି। ସେହିପରି ହଂକଂ ସରକାରର ମୁଖ୍ୟ ଜନ୍ ଲି କହିଛନ୍ତି ଯେ ଶୀଘ୍ର ଏବଂ ଭରସାଯୋଗ୍ୟ ସମାଧାନ ଦେବା ପାଇଁ ତାଙ୍କ ସରକାର ଆଇଓଏମଇଡିକୁ ସବୁ ପ୍ରକାରର ସମର୍ଥନ କରିବ।

ଅନ୍ୟପକ୍ଷରେ ଆମେରିକା ଚୀନ୍‌ର ଏଭଳି ପଦକ୍ଷେପକୁ ନେଇ ଚିନ୍ତିତ ହୋଇପଡ଼ିଛି। ଏହି ଦେଶ ଏସିଆରେ କ୍ଷମତାର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ପିଟ୍ ହେଗ୍‌ସେଥ୍ କହିଛନ୍ତି। ସେ ସିଙ୍ଗାପୁରରେ ଜାରି ସାଙ୍ଗରି-ଲା ଡାଏଲଗରେ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଚୀନ୍ ୨୦୨୭ ସୁଦ୍ଧା ତାଇୱାନ ଉପରେ ଆକ୍ରମଣ କରିପାରେ। ଚୀନ୍ ଯଦି ଜବରଦସ୍ତି ତାଇୱାନକୁ କବ୍‌ଜା କରେ ତେବେ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ସମ୍ପୂର୍ଣ୍ଣ ବିଶ୍ୱ ଉପରେ ଏହାର ଅତ୍ୟନ୍ତ ଖରାପ ପ୍ରଭାବ ପଡ଼ିବ। ସେ ଚୀନ୍ ଉପରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ଚୀନ୍ ପଡୋଶୀଙ୍କୁ ଭୟଭୀତ କରିବାରେ ଲାଗିଛି। ପଡୋଶୀ ରାଷ୍ଟ୍ର ଉପରେ ସାଇବର ଆକ୍ରମଣ ଏବଂ ଦକ୍ଷିଣ ଚୀନ୍ ସାଗରକୁ ବେଆଇନ ଭାବେ କବ୍‌ଜା କରୁଛି। ତାଇୱାନ ଚାରିପାଖରେ କ୍ରମାଗତ ଭାବେ ଯୁଦ୍ଧାଭ୍ୟାସ ମଧ୍ୟ କରୁଛି। ଏଥିରୁ ଚୀନ୍ କୌଣସି ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଥିବା ମନେ ହେଉଛି। ଚୀନ୍ ଠାରୁ ବିପଦ ବାସ୍ତବ ଏବଂ ଏହା ଯେକୌଣସି ସମୟରେ ସାମ୍ନାକୁ ଆସିପାରେ। ହେଗସେଥ୍ ଦାବି କରିଛନ୍ତି ଯେ ଚୀନ୍‌ର ଲକ୍ଷ୍ୟ ୨୦୭ ସୁଦ୍ଧା ତାଇୱାନକୁ କବ୍‌ଜା କରିବା। କିନ୍ତୁ ଏପରି ହେବାକୁ ଦେବୁନାହିଁ। ଆମେରିକା ଏବଂ ଏହାର ସହଯୋଗୀମାନେ ମିଳିତ ଭାବରେ ଚୀନ୍‌ର ଆକ୍ରମଣର ମୁକାବିଲା କରିବେ। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଚୀନ୍‌କୁ ରୋକିବା ପାଇଁ ବାଣିଜ୍ୟ ଏବଂ ପ୍ରତିରକ୍ଷା ଉଭୟ ମୋର୍ଚ୍ଚାରେ କାମ କରୁଛି। ଆମେରିକା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ଚାହୁଁଛି। ଆମେରିକା ଏହାର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସହଯୋଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛି। ଏହି ରାଷ୍ଟ୍ରଙ୍କ ସହାୟତାରେ ଆମେରିକା ଏହି ଅଞ୍ଚଳକୁ ଅଧିକ ଧ୍ୟାନ ଦେବ। ଆମେରିକା ଏବଂ ଏହାର ସହଯୋଗୀଙ୍କ ସୁରକ୍ଷା ଓ କଲ୍ୟାଣ ପରସ୍ପର ସହିତ ଜଡିତ। ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଦାୟିତ୍ୱ ନିଜେ ନିଅନ୍ତୁ ବୋଲି କହିଛନ୍ତି। ଏପରି କରି ଆମେରିକା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଚୀନ୍ ଏବଂ ରୁଷ୍‌କୁ ତୀବ୍ର ସମାଲୋଚନା କରିଥିଲେ। କିଛି ଦେଶ ଜୋର ଜବରଦସ୍ତି ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ।

- ଅନ୍ତର୍ଜାତୀୟ ବିବାଦର ସମାଧାନ ଲାଗି ଗଢ଼ିଲା ନୂଆ ସଂସ୍ଥା
- ସଦସ୍ୟ ହେଲେ ପାକିସ୍ତାନ ସମେତ ୩୩ ଦେଶ
- ତୀବ୍ର ବିରୋଧ କଲା ଆମେରିକା
- ଏସିଆର ସନ୍ତୁଳନ ବିଗାଡିବାକୁ ପ୍ରୟାସ କରୁଛି ଚୀନ୍
- ୨୦୨୭ ସୁଦ୍ଧା ଚୀନ୍ ତାଇୱାନ ଉପରେ ଆକ୍ରମଣ କରିପାରେ

■ କାୟା ମେଲାଉଛି କରୋନା

## କଟକ ଓ ଭୁବନେଶ୍ୱରରେ ୭ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର,୩୧।୫(ସମିସ):** ରାଜ୍ୟରେ କାୟା ମେଲାଉଛି କରୋନା। ଦିନେ ଦୁଇ ଦିନ ବ୍ୟବଧାନ ପରେ ବଢ଼ିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଭୁବନେଶ୍ୱର-କଟକର ବିଭିନ୍ନ ଅଞ୍ଚଳରେ ଏବେ ସୁଦ୍ଧା ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ କଟକରୁ ଚିହ୍ନଟ ହୋଇଥିବା ଦୁଇ ଜଣ ଆକ୍ରାନ୍ତଙ୍କ ଟ୍ରାଭେଲ୍ ହିଷ୍ଟ୍ରି ଜଣା ପଡୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ବର୍ତ୍ତମାନ ଚିହ୍ନଟ ହେଉଥିବା ଭେରିଏଣ୍ଟ୍‌କୁ ନେଇ ବିଶେଷ ଭୟଭୀତ ହେବାର କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



**ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ**

ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥୀ କହିଛନ୍ତି ଯେ ଏବେ ମୌସୁମୀ ଆସିଛି, ତେଣୁ ସମସ୍ତେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଯେତିକି ରୋଗୀ ଚିହ୍ନଟ ହେଉଛନ୍ତି, ସେମାଙ୍କର ଚିକିତ୍ସା ମଧ୍ୟ ଚାଲିଛି। ସେମାନେ ସୁସ୍ଥ ହେଉଛନ୍ତି। କୋଭିଡ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହୋଇଥିବା ରୋଗୀମାନେ ସ୍ୱାସ୍ଥ୍ୟ ବିଭାଗ ନଜର୍‌ରେ ଅଛନ୍ତି। ତେଣୁ ଭୟଭୀତ ହେବାର କାରଣ ନାହିଁ ବୋଲି ଉଲ୍ଲେଖ କରି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ମାନିବାକୁ ଜନସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି।

କଟକରେ ମଧ୍ୟ ଗତକାଲି ଦୁଇ ଜଣ ବ୍ୟକ୍ତି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। କଟକ ସିଡିଏମଓ ପ୍ରଶାନ୍ତ ହୋତାଙ୍କ ସୂଚନା ମୁତାବକ ପ୍ରଥମ ଆକ୍ରାନ୍ତ ହେଉଛନ୍ତି ୪୪ ବର୍ଷୀୟ ବ୍ୟକ୍ତି। ତାଙ୍କର କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନ ଥିବା ବେଳେ ଥଣ୍ଡା ଓ ଜ୍ୱରରେ ଆକ୍ରାନ୍ତ ହେବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ କୋଭିଡ୍ ଟେଷ୍ଟ କରାଇଥିଲେ। ତେବେ ଟେଷ୍ଟ କରିଲା ପରେ କୋଭିଡ ପଜିଟିଭ ଥିବା ଜାଣିବାକୁ ମିଳିଥିଲା। ସଂପୃକ୍ତ ଆକ୍ରାନ୍ତ ଏବେ ନିଜ ଗୃହରେ ସଂଗରୋଧ ହୋଇ ରହିଛନ୍ତି।

# ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର: କଂଗ୍ରେସ

**ଭୁବନେଶ୍ୱର,୩୧।୫(ସମିସ):** ଓଡ଼ିଶାରେ ୩୦ ପ୍ରତିଶତ ପିସି ସରକାର ଚାଲିଛି। ଓଡ଼ିଆଙ୍କୁ ଶୋଷଣ ଓ ଓଡ଼ିଶାକୁ ଲୁଟ୍ କରିବା ବର୍ତ୍ତମାନ ରାଜ୍ୟ ସରକାରଙ୍କର ଏକମାତ୍ର କାମ ହୋଇଛି ବୋଲି ସାଂଘାତିକ ଅଭିଯୋଗ କରିଛି କଂଗ୍ରେସ।

ଶନିବାର ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି ଯେ ବିଜେପି ସରକାରକୁ ବର୍ଷେ ହେବାକୁ ଆଉ ୧୨ଦିନ ବାକିଅଛି। ସରକାରର ପ୍ରଥମ ବର୍ଷରେ ଉଭୟ ମନ୍ତ୍ରୀ, ଯନ୍ତ୍ରୀ, ସଚିବ ଓ ବାବୁମାନେ ଖୁଲମଖୁଲା ଦୁର୍ନୀତି କରିବାରେ ଲାଗିପଡ଼ିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛି ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀ। ଧରା ପଡ଼ିଥିବା ମୁଖ୍ୟଯନ୍ତ୍ରୀ କେବଳ ଏକ ଉଦାହରଣ, ରାଜ୍ୟର ସବୁ ସରକାରୀ ଅଫିସ ଏବେ ବଟି ଆଦାୟର କେନ୍ଦ୍ରସ୍ଥଳ ପାଲଟିଛି ଓ ୩୦% ପିସି ନ ଦେଲେ କୌଣସି କାମ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।



■ ଓଡ଼ିଆଙ୍କୁ ଶୋଷଣ, ଓଡ଼ିଶାକୁ ଲୁଟ ଏବେ ସରକାରଙ୍କ ଏକମାତ୍ର କାମ
■ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପଛରେ କିଏ

ସେ କହିଛନ୍ତି ଯେଦୁଇଦିନ ତଳେ ଭିଜିଲାନ୍ସ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରିବା ସହିତ ତାଙ୍କ ଘରୁ ୨କୋଟି ୫୬ ଲକ୍ଷ ୨୯ ହଜାରରୁ ଅଧିକ ଟଙ୍କା ସହିତ ୧୫ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ରାଜ୍ୟରେ ଦୁର୍ନୀତିମୁକ୍ତ ସରକାର ଗଠନ ପ୍ରତିଶ୍ରୁତି ଦେଇ ସରକାକୁ ଆସିଥିବା ବିଜେପି ଏବେ ଓଡ଼ିଶାକୁ ଲୁଟ୍ କରିବାରେ ଲାଗି ପଡ଼ିଛି । ସରକାରୀ ଅଧିକାରୀ ଓ ମନ୍ତ୍ରୀ ବହୁ ମାତ୍ରାରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ୧୨ ମାସର ସରକାର ରହିଲା ପରେ ମଧ୍ୟ ଏହି ବ୍ୟକ୍ତି ଏତେ ଦୁର୍ନୀତିଖୋର ହୋଇଥିଲେ ମଧ୍ୟ କାଣିଚାଏ ଖବର ମନ୍ତ୍ରୀ ଓ ସଚିବଙ୍କ ପାଖରେ କିପରି ପହଞ୍ଚିଲା ନାହିଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ତଥା ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ବର୍ଷ ବର୍ଷ ଧରି ଦୁର୍ନୀତି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆ ସରକାର ପ୍ରଥମ ଦିନରୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଦୁର୍ନୀତିଗ୍ରସ୍ତ ଅଫିସର ଓ ସରକାରଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । ସେମାନଙ୍କ ପାଖରୁ ମୋଟା ଅଙ୍କର ପାଣ୍ଠି ଦଳ ପାଇଁ ସଂଗ୍ରହ କରିବା ପାଇଁ ସଲାସୁତୁରା ହୋଇଛି। ଏ ସରକାର ଦୁର୍ନୀତି କରୁଥିବା ବ୍ୟକ୍ତିମାନଙ୍କୁ ନିଜ ବେକରେ ମାଳା କରି ପିନ୍ଧୁଛନ୍ତି। ରାଜ୍ୟକୁ ଦୁର୍ନୀତିମୁକ୍ତ କରିବା ଏମାନଙ୍କ ଏଜେଣ୍ଡାରେ ନାହିଁ ବୋଲି ସେ କହିଛନ୍ତି।

■ ଆୟଠାରୁ କଳାଧନ ୪୮୩ ପ୍ରତିଶତ ଅଧିକ

## ଜେଲ ଗଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ

**ଭୁବନେଶ୍ୱର,୩୧।୫(ସମିସ):** ଆୟଠାରୁ ୪୮୩ ପ୍ରତିଶତ କଳାଧନ ଅର୍ଜନ କରିବା ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠ ନାଥ ଷଡ଼ଙ୍ଗୀଙ୍କୁ ଗିରଫ କରି ଜେଲ ପଠାଇଛି ଭିଜିଲାନ୍ସ । ଏହା ସହ କଳାଧନ ଅର୍ଜନରେ ସହଯୋଗ କରିଥିବା ତାଙ୍କ ପତ୍ନୀଙ୍କ ନାମରେ ମଧ୍ୟ ଏକ ମାମଲା ରୁଜ୍ଜୁ କରାଯାଇଛି। କୋର୍ଟ ବୈକୁଣ୍ଠଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜକୁ ପଠାଇ ଦିଆଯାଇଛି। ଗତକାଲି ଚଢଉ ସମୟରେ ତାଙ୍କ ଘରୁ ସମୁଦାୟ ୨.୫୬କୋଟିର ନଗଦ ଟଙ୍କା ଠାବ କରାଯାଇଥିଲା। ଅନୁଗୁଳସ୍ଥିତ କାରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଓ ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ ହୋଇଥିଲା। ସେହିପରି କାରଡ଼ାଗାଡ଼ିଆ ଓ ଅନୁଗୁଳ ମାଟିଆସାହିରେ ଅନ୍ୟ ଦୁଇଟି ଦୁଇ ମହଲା କୋଠା, ଡୁମୁଡୁମାରେ ଓ ପିପିଲିରେ ଦୁଇଟି ଫ୍ଲାଟ, ଭୁବନେଶ୍ୱର ଓ ଅନୁଗୁଳରେ ୭ଟି ଦାମୀ ପ୍ଲଟ, ଘରୁ ୧.୧କେଜିର ସୁନା ଗହଣା, ସେୟାର ମାର୍ଗେଟରେ ୨.୭ କୋଟି ଟଙ୍କା ଓ ବ୍ୟାଙ୍କରେ ପ୍ରାୟ ଜମା ଦେଢ଼ କୋଟି ଟଙ୍କା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଆସବାବପତ୍ର, ଦୁଇଚକିଆ ଓ ଚାରଚକିଆ ଯାନ ମଧ୍ୟ ଭିଜିଲାନ୍ସ ଜବତ କରିଥିଲା।

**ମୁଖ୍ୟ ଯନ୍ତ୍ରୀଙ୍କ ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜ୍ଜୁ**

**ଦାଦନ ଯନ୍ତ୍ରଣା**

## ପ୍ରୟାଗରାଜରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

**ନୂଆପଡ଼ା, ୩୧।୫ (ସମିସ):** ନୂଆପଡ଼ା ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କୁ ପ୍ରୟାଗରାଜରେ ହତ୍ୟା କରାଯାଇଛି। ମୃତକ ହେଲେ, ନୂଆପଡ଼ା ସଦରଥାନା ଅନ୍ତର୍ଗତ ସାରାବଙ୍ଗ ଗାଁର ଭୋକ ସିଂ ରାଉତ(୩୨)। ସେ ସେଠାରେ ଏକ ଇଟଭାଟିରେ କାମ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଇଟାଭାଟିରେ ହତ୍ୟା କରିବା ପରେ ଶବକୁ ରେଳଲାଇନ୍ ଫିଙ୍ଗି ଦେଇଛନ୍ତି। ଏହି ଘଟଣାରେ ପ୍ରୟାଗରାଜ ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଭୋକସିଂଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ପରିବାରଲୋକ ଆଜି ସେଠାରେ ଭୋକସିଂଙ୍କ ଅନ୍ତିମ ସଂସ୍କାର କରିଛନ୍ତି।



ମ୍ରିୟମାଣ ପରିବାର

ସୂଚନାନୁଯାୟୀ, ସାରାବଙ୍ଗ ଗାଁର ଚୈନ ସିଂ ରାଉତଙ୍କ ପୁଅ ଭୋକସିଂ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କ ସହ ମିଶି ଗତବର୍ଷ ଅକ୍ଟୋବରରେ ଜଗତ ଗୁପ୍ତା ନାମକ ଦଲାଲଙ୍କ ଜରିଆରେ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଖଟୋଲୀ ଗାଁସ୍ଥିତ ଜଣେ ଇଟାଭାଟି ସର୍ଦ୍ଦାରଙ୍କ ନିକଟରେ ଇଟାଗଢ଼ା କାମରେ ନିୟୋଜିତ ଥିଲେ। ଗରମ ଯୋଗୁଁ ଗୁରୁବାର ରାତିରେ ସେ କୁଡ଼ିଆ ବାହାରେ ଶୋଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ରେଳ ଲାଇନ୍ କଡ଼ରେ ଫିଙ୍ଗି ଦେଇଥିଲେ। ଭୋକସିଂ ଶୋଇଥିବା ଜାଗାରେ ରକ୍ତ ପଡ଼ିଥିବା ବେଳେ ମଶାରୀରେ ମଧ୍ୟ ରକ୍ତଛିଟା ଲାଗିଥିଲା।


**ଶୋଇଥିବା ବେଳେ ହତ୍ୟା କରି ରେଳଧାରଣାରେ ଫିଙ୍ଗିଦେଲେ**


ଶୁକ୍ରବାର ସକାଳେ କିଛି ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ଶବକୁ ଜବତ କରିଥିଲା। ଖବର ପାଇ ସାରାବଙ୍ଗରୁ ସମ୍ପର୍କୀୟମାନେ ଟ୍ରେନ୍ ଯୋଗେ ସେଠାରେ ଯାଇ ପହଞ୍ଚିଥିଲେ। ପ୍ରୟାଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ତ୍ରୀ ସମେତ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟରେ ମୃତଦେହକୁ ପ୍ରୟାଗରାଜଠାରେ ଅନ୍ତିମ ସତ୍କାର କରାଯାଇଛି।

## ହତ୍ୟାକାରୀକୁ ୨୦ବର୍ଷ ଜେଲ୍

**ସମ୍ବଲପୁର, ୩୧।୫ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବୁର୍ଲା ଥାନା ଅଞ୍ଚଳରେ ୨୦୨୨ ମସିହାରେ ଘଟିଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ କିଷାନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଦୋଷୀକୁ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୨୦୨୨ ଜୁଲାଇ ୩୦ ରାତିରେ ବୁର୍ଲା ଥାନା ଅନ୍ତର୍ଗତ ଧୁଡ଼ିଆପଡ଼ାରେ ବିନୋଦ ଓରାମଙ୍କୁ ହତ୍ୟା କରାଯାଇଥିଲା। ସେଦିନ ବିନୋଦ ତା' ମା'ଙ୍କଠାରୁ ୫୦୦ ଟଙ୍କା ନେଇ ରାତି ପ୍ରାୟ ୯ଟା ବେଳେ ବାହାରକୁ ଯାଇଥିଲେ। କୌଣସି କଥାକୁ କେନ୍ଦ୍ର କରି ସୂରଜ ଏକ ପଥରରେ ବିନୋଦଙ୍କ ମୁଣ୍ଡକୁ ଛେଚିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିନୋଦଙ୍କ ଭାଇ ମନୋଜ ବୁର୍ଲା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ସୂରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଦେବ ଦେବ ମହାଦେବଙ୍କ ହାତ ଧରିଲେ ମା’ ପାର୍ବତୀ

## ● ବାଲୁଙ୍କେଶ୍ୱର ବାବାଙ୍କ ବିବାହ ସମ୍ପନ୍ନ



**ଭବାନୀପାଟଣା, ୩୧।୫ (ସମିସ):** ସ୍ଥାନୀୟ ପଡ଼ାସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିରଠାରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବର ପକ୍ଷରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିର ପ୍ରବେଶ କରିଥିଲେ। ଏହା ପରେ ପ୍ରଭୁ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବର ପକ୍ଷରୁ ସୀମା ମିତ୍ତଲ ଓ ଶ୍ରୀ ପ୍ରଣବ ପ୍ରଧାନ ଏବଂ କନ୍ୟା ପକ୍ଷରୁ ଜୟନ୍ତୀ ନାୟକ ଓ ସିଦ୍ଧାର୍ଥ ନାୟକ କର୍ତ୍ତାକର୍ତ୍ତୀ ଭାବେ ଯୋଗଦେଇ ସମସ୍ତ କାର୍ଯ୍ୟ ସମାପନ କରିଥିଲେ। ପୂଜକ ଉଦ୍ଧବ ମୁନୀ, ଇନ୍ଦ୍ରମଣି ଡାକୁଆ, ମନମୋହନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ବିକାଶ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ସନ୍ତୋଷ ପ୍ରଧାନ, ରଜତ ପ୍ରଧାନ, କମ୍ବୁ ପାଣି ପରିଚ୍ଛା, ଜୟରାମ ପ୍ରଧାନ, ପରକ୍ଷିତ ବିଶ୍ୱାଳ, ନିମାଞ୍ଚଳ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ● ସୁନାନାଗ ସହ ଯୁଗଳ ମୂର୍ତ୍ତି ଦର୍ଶନ କରି ଭକ୍ତ ଭାବବିହ୍ୱଳ



**ସୋନପୁର, ୩୧।୫(ସମିସ):** ସୁବର୍ଣ୍ଣପୁର ସହରରେ ଧୂମ୍‌ଧାମ୍‌ରେ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଛି। ହିମାଦ୍ରି ନଗର କନ୍ୟାପିତାଙ୍କ ଘର ଘୋଡାଘାଟପଡ଼ାରେ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ଭକ୍ତ ଭାବବିହ୍ୱଳ ହୋଇଥିବା ଦେଖିବାକୁ ମିଳିଛି। କନ୍ୟାପିତା ଇତିଶ୍ରୀ ବିଦ୍ୟାଧର ଓ ପ୍ରକାଶ ବିଦ୍ୟାଧରଙ୍କ ବାସଭବନ ଲୋକାରଣ୍ୟ ହୋଇପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଭୁ ଭୋଳାଶଙ୍କର ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଭାବରେ ୧୦୮ ଭରି ଓଜନର ସୁନା ନାଗ ମୂର୍ତ୍ତି ଓ ମହଣ ମହଣ ରୂପା ନିର୍ମିତ ବିମାନ ଶ୍ରଦ୍ଧାଳୁଙ୍କ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସୁବର୍ଣ୍ଣପୁରର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁ ମହାରାଜାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ବିବାହ ଶୋଭାଯାତ୍ରାରେ ଅଷ୍ଟ ଶମ୍ଭୁ, ଅଷ୍ଟ ବିଷ୍ଣୁଙ୍କ ସହ ସମସ୍ତ ଦେବୀଦେବତା ହିମାଦ୍ରୀ ନଗରକୁ ବିଜେ କରିଛନ୍ତି। ସେଠାରେ ପୂଜାର୍ଚ୍ଚନା ସହ ବିଧିମତେ ମାତା ପାର୍ବତୀ ଦେବୀଙ୍କ ସହ ବିବାହ ଅନୁଷ୍ଠିତ ହୋଇଥିଲା। ଦେବ ଦମ୍ପତ୍ତିଙ୍କ ବିବାହ ସମାପନ ପରେ ଯୁଗଳ ମୂର୍ତ୍ତି ଦର୍ଶନ କରିବାପାଇଁ କନ୍ୟା ପିତାଙ୍କ ବାସଭବନରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ସନ୍ଧ୍ୟା ୫ଟା ବେଳେ ନିଜସ୍ୱ ମନ୍ଦିରକୁ ବିଜେ ପାଇଁ ଏକ ବିରାଟ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ବର ମାତାପିତା ଜ୍ୟୋତିର୍ମୟୀ ମିଶ୍ର, ଶ୍ରୀକାନ୍ତ ମିଶ୍ରଙ୍କ ଉଦୟନଗର ସ୍ଥିତ କୈଳାସ ପୁରୀ ବାସଭବନରେ ପହଞ୍ଚି ସେଠାରେ ପାରମ୍ପରିକ ପୂଜାର୍ଚ୍ଚନା କରିବା ପରେ ପୁଣି ଶୋଭାଯାତ୍ରା କୁଞ୍ଜଛକ, ନଳିନୀ ଛକ, ବସଷ୍ଟାଣ୍ଡ ବିଜୁପଟ୍ଟନାୟକ ଛକ, ଗଙ୍ଗାଧର ମେହେର ଛକ ବଡବଜାର ଦୁର୍ଗାମଣ୍ଡପ ଛକଦେଇ ଶ୍ରୀ ଚନ୍ଦ୍ରଶେଖରଙ୍କ ମନ୍ଦିରକୁ ଆସିବ ବୋଲି କମିଟି ପକ୍ଷରୁ ସୂଚାଯାଇଛି।

## ■ ତରଭାରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ



ତରଭା, ୩୧।୫ (ସମିସ): ତରଭା ନୀଳକଣ୍ଠେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ନିରାଡମ୍ବର ଭାବେ ସମ୍ପନ୍ନ ହୋଇଛି। ଶନିବାର ଉଭୟ କନ୍ୟା ଓ ବର ପକ୍ଷରୁ ମାଙ୍ଗଳିକ ଶ୍ରାଦ୍ଧ, ପାଣି ପାଲଟା ସହ ସମସ୍ତ ଦେବ ଦେବୀଙ୍କୁ ନିମନ୍ତ୍ରଣ ଓ ତାଙ୍କର ଆଗମନକୁ ସ୍ୱାଗତ କରାଯାଇଥିଲା। ଅନ୍ୟପକ୍ଷରେ ସାହି, ପଡ଼ିଶା, ପଡ଼ାମାନଙ୍କରୁ ମହିଳାମାନେ ମଙ୍ଗଳନ କାର୍ଯ୍ୟରେ ଯୋଗ ଦେଇଥିଲେ। ବର ପକ୍ଷରୁ ପାର୍ବତୀଙ୍କ ଅଳଙ୍କାର ଧାରଣ କରାଯାଇଥିଲା। ରାତିରେ ମହାଦେବ ତାଙ୍କର ନନ୍ଦୀ, ଭୃଙ୍ଗୀ ଓ ନର୍ତ୍ତକୀ, ଅଞ୍ଚଳବାସୀ ତଥା ଘଣ୍ଟ ଶଙ୍ଖ ବାଦ୍ୟ ସହ ବରଯାତ୍ରୀଙ୍କ ଉପସ୍ଥିତିରେ ମନ୍ଦିରରେ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତରଭା କୁମ୍ଭାରପଡ଼ାର ସାମ୍ବାଦିକ କପିଳାସ ସେଠ ଓ କମଳିନୀ ସେଠ କନ୍ୟା ପିତା ମାତା ଓ ତେଲିପଡ଼ାର ଦେବେନ୍ଦ୍ର ନାଏକ ଓ ବିନୋଦିନୀ ମାଝୀ ବର ପିତାମାତାର ଦାୟିତ୍ୱ ତୁଲାଇଥିଲେ। ପୂଜକ ପବିତ୍ର ଶତପଥୀ ଦେବ ଦମ୍ପତ୍ତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିବା ବେଳେ ମନ୍ଦିର ପୂଜକ ଜନାର୍ଦ୍ଦନ ଥନାପତି, ଗୋବର୍ଦ୍ଧନ ଥନାପତି ଓ ଆଭାସ ଥନାପତି ସହଯୋଗ କରିଥିଲେ। ନୀଳକଣ୍ଠେଶ୍ୱର ମନ୍ଦିର କମିଟି ସଭାପତି ସନ୍ତୋଷ ସାହୁଙ୍କ ସମେତ ପର୍ଶୁରାମ ସାହୁ, ଶଙ୍କର ସାହୁ, ସନସିତ ସାହୁ, ବିକ୍ରମ ନାଏକ, ଗୁଞ୍ଜୁରୁ ଗୁରୁ, ଶିବୁ ଷଡଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।




# ପ୍ରତ୍ୟେକ ନାଗରିକ ରାଷ୍ଟ୍ର ଭକ୍ତ ହେବା ଜରୁରୀ




ଭବାନୀପାଟଣା, ୩୧।୫(ସମିସ): ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଘ ଶିକ୍ଷା ବର୍ଗର ସମାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ନାଗରିକ ଜଣେ ଜଣେ ପ୍ରକୃତ ରାଷ୍ଟ୍ର ଭକ୍ତ ଭାବେ ନିଜର କର୍ତ୍ତବ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ଏହି ସଂଘ ଶିକ୍ଷା ବର୍ଗରେ ୧୯୧ ସ୍ଥାନରୁ ୨୭୦ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ସେହିଭଳି ପ୍ରଶିକ୍ଷଣ ଦେବା ନିମନ୍ତେ ୩୬ ଜଣ ଶିକ୍ଷକ ଯୋଗ ଦେଇଥିଲେ। ବ୍ୟବସ୍ଥା ପାଇଁ ୫୦ ଜଣ ପ୍ରବନ୍ଧକ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସହ ପ୍ରାନ୍ତ କାର୍ଯ୍ୟବାହ ହରିଶ୍ଚନ୍ଦ୍ର ପରିଡ଼ା ଉଦ୍‌ଘାଟନ କରିଥିଲେ। ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସୁଶ୍ରୀ ପ୍ରିୟଙ୍କା ମାଝୀ ଓ ମୁଖ୍ୟବକ୍ତା ରୂପେ ପୂର୍ବ କ୍ଷେତ୍ରର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ଯୋଗ ଦେଇଥିଲେ।






## ● ତୁଳାପଡ଼ା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ


# ରତ୍ନ ସିଂହାସନରେ ବିରାଜିଲେ ଚତୁର୍ଦ୍ଧାମୂର୍ତ୍ତି



ଭବାନୀପାଟଣା, ୩୧।୫(ସମିସ): ନର୍ଲା ବ୍ଲକ ଅଧୀନ ତୁଳାପଡ଼ାରେ ୨୫ ତାରିଖରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରେ ବିରାଜିଛନ୍ତି। ଏହା ସହ ୩୨ ପ୍ରହର ନାମଯଜ୍ଞ ଚାଲିଛି। ମୁଖ୍ୟ ଆଚାର୍ଯ୍ୟ ଦେବ ପ୍ରସାଦ ଷଡ଼ଙ୍ଗୀ, ସହଯୋଗୀ କିଶୋର ଚନ୍ଦ୍ର ତ୍ରିପାଠୀ ଓ ମୁଖ୍ୟ କର୍ତ୍ତା ମନମୋହନ ନାୟକଙ୍କ ନେତୃତ୍ୱରେ ପୁରୀରୁ ଆଜ୍ଞାମାଳ ଅଣାଯିବା ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା। ଏନେଇ କଳସ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିଚାଳନା କମିଟିର ସଭାପତି ଅରୁଣ ନାୟକ ଓ ସମ୍ପାଦକ ଗଙ୍ଗାଧର ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥଲା। ନବ ନିର୍ମିତ ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ନିର୍ମିତ ପଞ୍ଚକୁଣ୍ଡୀୟ ଯଜ୍ଞ ମଣ୍ଡପରେ ୫ ଦିନ ବ୍ୟାପୀ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପାଞ୍ଚଟି ଯଜ୍ଞ କୁଣ୍ଡ ପାଇଁ ପାଞ୍ଚ ଯୋଡ଼ି ଦମ୍ପତି କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବ୍ରହ୍ମା ପଣ୍ଡିତ ମୁଖ୍ୟ ଆଚାର୍ଯ୍ୟ ଦେବ ପ୍ରସାଦ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ୧୫ ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ନୂତନ ଭାବରେ ଅଣା ଯାଇଥିବା ପାର୍ଶ୍ୱ ଦେବାଦେବୀ, ଶ୍ରୀ ଅରୁଣ, ଶ୍ରୀ ଗରୁଡ଼ଙ୍କ ପ୍ରାଣ ପ୍ରତିଷ୍ଠା ପରେ ସଙ୍କୀର୍ତ୍ତନ ମଣ୍ଡଳୀ, ଘଣ୍ଟ ଦଳ ସହ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ସେମାନଙ୍କୁ ଯଥା ସ୍ଥାନରେ ସ୍ଥାପନା କରାଯାଇଥିଲା। ଏହାପରେ ତିନି ଠାକୁରଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ ପରେ ତିନି ଠାକୁର ରତ୍ନ ସିଂହାସନରେ ବିରାଜିଛନ୍ତି। ଜୁନ୍ ୨ରେ ଏହାର ପୂର୍ଣ୍ଣାହୁତି ପଡ଼ିବ।





# ମାଳ ମାଳ ଜାଲ୍ ଶିକ୍ଷକ; ଜଣେ ବି ଧରା ପଡୁନାହାନ୍ତି

**ସିନାପାଲି, ୩୧।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ବର୍ଷ ବର୍ଷ ଧରି ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ରରେ ଅନେକ ବ୍ୟକ୍ତି ଶିକ୍ଷକତା କରଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ବ୍ଲକର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଅଣ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ତାଲିମ କେନ୍ଦ୍ରରୁ ସିଟି, ବିଇଡି ପାସ୍ ପ୍ରମାଣ ପତ୍ର ଆଣି ଚାକିରି କରୁଛନ୍ତି। କେତେକ ଫେଲ୍ ଶିକ୍ଷକ ମଧ୍ୟ ପ୍ରମାଣ ପତ୍ରରେ ଦର୍ଶାଯାଇଥିବା ମାର୍କରେ ତଞ୍ଚକତା କରି ଅଧିକ ମାର୍କ ଦର୍ଶାଇ ଚାକିରି କରୁଥିବା ଅଭିଯୋଗ ହେଉଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାଲ୍ ଶିକ୍ଷାଗତ ପ୍ରମାଣ ପତ୍ରରେ ଚାକିରି କରୁଥିବା ଜଣାପଡ଼ିବା ପରେ ସରକାର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ କରାଇଥିଲେ। ଯାଞ୍ଚ ସତ୍ତ୍ୱେ ଜାଲ ଶିକ୍ଷାଗତ ପ୍ରମାଣ ପତ୍ରରେ ଅନେକ ଶିକ୍ଷକତା କରୁଥିଲେ ମଧ୍ୟ କିପରି ଧରା ପଡ଼ି ପାରୁ ନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରମାଣପତ୍ର ଯାଞ୍ଚ କରୁଥିବା କେତେକ ଅଧିକାରୀ ମଧ୍ୟ ଦୁର୍ନୀତିରେ ସାମିଲ ରହିଥିବା ଅଞ୍ଚଳରେ ବେଶ୍ ଚର୍ଚ୍ଚା ହେଉଛି। ବିଶ୍ୱବିଦ୍ୟାଳୟରୁ ଫେଲ୍ ହୋଇଥିବା ବେଳେ ପାସ୍ ପ୍ରମାଣ ପତ୍ର ଦେଇ ସିନାପାଲି ବ୍ଲକରେ ୫୦ରୁ ଅଧିକ ଶିକ୍ଷକ, ଶିକ୍ଷୟିତ୍ରୀ ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି; କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। କେତେକ ଶିକ୍ଷକ ନିଜେ ପଢ଼ିଥିବା ବିଶ୍ୱବିଦ୍ୟାଳୟ ଦେଖି ନ ଥିବା ବେଳେ ମୋଟା ଅଙ୍କର ଅର୍ଥ ଦେଇ ସେଭଳି ବିଶ୍ୱବିଦ୍ୟାଳୟରୁ ବିଇଡି ଶିକ୍ଷାଗତ ପ୍ରମାଣ ପତ୍ର ଆଣି ଶିକ୍ଷକତା କରୁଥିବା ଆଲୋଚନା ହେଉଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ନିୟମିତ ବ୍ୟବଧାନରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ କରାଯାଇଛି। ଏହା ସତ୍ତ୍ୱ ଆଜି ପର୍ଯ୍ୟନ୍ତ ସିନାପାଲି ବ୍ଲକରେ ଜଣେ ବି ଶିକ୍ଷକ ଧରା ନ ପଡ଼ିବା ସମସ୍ତଙ୍କୁ ବିସ୍ମିତ କରିଛି। ଯାଞ୍ଚ କରୁଥିବା ଅଧିକାରୀ ତଥା କର୍ମଚାରୀଙ୍କ ମଧ୍ୟରୁ କେତେକ ନିଜେ ଜାଲ ପ୍ରମାଣ ପତ୍ରରେ ଚାକିରି କରୁଛନ୍ତି। କେତେକ ପ୍ରଭାବଶାଳୀ ଶିକ୍ଷକଙ୍କ ରାଜନୈତିକ ପତିଆରା ସହ ଚିହ୍ନାମୁହଁ ଯୋଗୁଁ ଯାଞ୍ଚ ଅଧିକାରୀ ସବୁ ଜାଣି ଶୁଣି ଚୁପ୍ ରହିବାକୁ ବାଧ୍ୟ ହେଉଥିବା ଆଲୋଚନା ହେଉଛି। କେତେକ ଶିକ୍ଷକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଗୋଲାମ ଗିରି କରୁଥିବାରୁ ସମ୍ପୃକ୍ତ ଅଧିକାରୀଙ୍କ ଛତ୍ର ଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଜାଲ୍ ପ୍ରମାଣ ପତ୍ରରେ ଚାକିରି କରୁଛନ୍ତି। ଏଣୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ପାରୁ ନାହିଁ। ସିନାପାଲି ଅଞ୍ଚଳର ଶହ ଶହ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଚାକିରି ଆଶାରେ ରହିଛନ୍ତି। ଅନ୍ୟପଟେ ଜାଲ ପ୍ରମାଣ ପତ୍ର ଦେଇ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା ହାତେଇ ନେବାରେ ସକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏଁଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନ ଥିବା ବେଳେ ଏ ବିଷୟରେ ସେ ଅବଗତ ନୁହନ୍ତି। ତାଙ୍କୁ ସରକାରୀ ସ୍ତରରେ କୌଣସି ଚିଠି ଆସିନାହିଁ। ତଦନ୍ତ କଲା ପରେ ଜଣାପଡ଼ିବ ବୋଲି ପ୍ରକାଶ କରିଥିଲେ।

# ବିପଦସଙ୍କୁଳ ଗୋଡ଼ାଳ ଛକ



**ସିନାପାଲି, ୩୧।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସହର ଗୋଡାଳ ଛକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଛକରେ ଗୋଲେଇ କିମ୍ବା ଫ୍ଲାଏଓଭର ନିର୍ମାଣ କରିବାକୁ ସ୍ଥାନୀୟବାସୀନ୍ଦା ଦାବି କରିଛନ୍ତି। ଏହି ଛକ ଦେଇ ବିଜୁ ଏକ୍ସପ୍ରେସ ରାସ୍ତା ଯାଇଥିବା ବେଳେ ଛକ ରାସ୍ତା ସର୍ବଦା ଜନଗହଳିପୂର୍ଣ୍ଣ ରହୁଛି। ପ୍ରତ୍ୟେହ ଶହଶହ ଯାନବାହନ ଚଳାଚଳ କରୁଥିବା ବେଳେ ଦୈନିକ ପନିପରିବା ବଜାର ସାଙ୍ଗକୁ ଅନେକ ଉଠା ଦୋକାନ ରହିଛି। ଏପରିକି ଏହି ଛକରୁ ଗୋଟିଏ ରାସ୍ତା ଦକ୍ଷିଣ ଦିଗରେ ଛତିଶଗଡ଼ ରାଜ୍ୟର ଦେଭୋଗ ବ୍ଲକକୁ ସଂଯୋଗ କରୁଥିବା ବେଳେ ଗୋଡାଳ, ସିଙ୍ଗଝର, କୁସୁମଯୋର, ଝାରବନ୍ଧ ସମେତ ଅନେକ ପଞ୍ଚାୟତ ଉକ୍ତ ରାସ୍ତାରେ ରହିଛି। ସେହିପରି ଅନ୍ୟଏକ ରାସ୍ତା ପୂର୍ବ ଦିଗରେ କଳାହାଣ୍ଡି ଜିଲ୍ଲାକୁ ସଂଯୋଗ କରିଛି। ଉକ୍ତ ରାସ୍ତାରେ ସିନାପାଲି କଲେଜ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରଥମ ବିଚାର ବିଭାଗୀୟ ଅଦାଲତ, ଉଦ୍ୟାନ ବିଭାଗ, ଉଦ୍ୟାନ ବିଭାଗ ସମେତ ହାତିବନ୍ଧା, ଭରୁଆମୁଣ୍ଡା, ଘଣ୍ଟିଗୁଡା, ମଖାପଦର ପଞ୍ଚାୟତ ରହିଛି। ସେହିପରି ପଶ୍ଚିମ ଦିଗରେ ଆଉ ଏକ ରାସ୍ତା ଯୁଗେନପଦର ଦେଇ ବୋଡ଼େନ ବ୍ଲକରୁ ସିଧାସଳଖ ନୂଆପଡ଼ା ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଛି। ଆଉ ଏକ ରାସ୍ତା ଉତ୍ତର ଦିଗକୁ ସିନାପାଲି ସହର ସହ ସଂଯୋଗ କରୁଛି। ପ୍ରତ୍ୟହ ସିନାପାଲି ସହରକୁ ବିଭିନ୍ନ ଅଫିସ ସାଙ୍ଗକୁ ଅନେକ ବ୍ୟବସାୟ ପାଇଁ ଯାଉଛନ୍ତି। ହେଲେ ଏଭଳି ଏକ ବ୍ୟସ୍ତବହୁଳ ଛକ ସମ୍ପୂର୍ଣ୍ଣ ମୁକୁଳା ପଡ଼ିରହିଥିବା ଓ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଏହି ଛକ ନିକଟରେ ଦେଶୀ ମଦ ଭାଟି ଓ ୫୦ ମିଟର ଦୂରରେ ବିଦେଶୀ ମଦ ଦୋକାନ ରହିଛି। ଅନେକ ସମୟରେ ମଦ୍ୟପମାନେ ଉକ୍ତ ଛକରେ ଭିଡ ଜମାଉଛନ୍ତି। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଅନେକ ସମୟରେ ଛକରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ମୃତ୍ୟୁ ଘଟୁଛି। ଏହି ସ୍ଥାନରୁ ପଡ଼ୋଶୀ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ପ୍ରତ୍ୟହ ବସ୍ ଚଳାଚଳ ସାଙ୍ଗକୁ ଅନେକ ସ୍ଥାନକୁ ଯାନବାହାନ ଯାତାୟାତ କରୁଛି। ହେଲେ ଏଠାରେ ଏକ ଗୋଲେଇ ଛକ କିମ୍ବା ଫ୍ଲାଏ ଓଭର ନିର୍ମାଣ କରାଯାଇ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲା ରାସ୍ତା ଦେଖିବା ପରେ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ରେଜେଙ୍ଗାଲା ମାଟି କଳସକୁ ଭବ୍ୟ ସ୍ୱାଗତ




**ନୂଆପଡ଼ା, ୩୧।୫(ସମିସ):** ଭାରତୀୟ ସେନାରେ ଅହୀର ରେଜିମେଣ୍ଟ ସ୍ଥାପନ ସକାଶେ ଦାବି ଜଣାଇବାକୁ ଅଖିଳ ଭାରତୀୟ ଯାଦବ ମହାସଭା ତରଫରୁ ବିହାରରୁ ବାହାରିଥିବା ରେଜେଙ୍ଗାଲା ମାଟି କଳସ ଓଡ଼ିଶା ସୀମାରେ ପ୍ରବେଶ କରିଛି। ଏହାପରେ ନୂଆପଡ଼ା ଜିଲ୍ଲା ଯାଦବ ସମାଜ ତରଫରୁ ଖରିଆରରୋଡଠାରେ ତାହାକୁ ଭବ୍ୟ ସ୍ୱାଗତ କରାଯାଇଛି। ସୀମାନ୍ତ ରେଳ ଫାଟକ ନିକଟରେ ଜିଲ୍ଲା ସଭାପତି ଭରତ ଲାଲ ରାଉତଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ, କାର୍ ରାଲିରେ ମାଟି କଳସକୁ ସ୍ୱାଗତ କରାଯାଇଥିଲା। ଖରିଆରରୋଡ ସହର ପରିକ୍ରମା ପରେ ଯାଦବ ଭବନରେ ଆୟୋଜିତ ସ୍ୱାଗତ ସମାରୋହରେ ଅଖିଳ ଭାରତୀୟ ଯାଦବ ମହାସଭାର ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ରାଞ୍ଚି ପ୍ରଭାରୀ ପିତାମ୍ବର ଦାସ, ହାଇଦ୍ରାବାଦ ପ୍ରଭାରୀ କିରଣ ଯାଦବ, ଓଡ଼ିଶା ସଂଯୋଜକ ନନ୍ଦଲାଲ ସିଂ ଯାଦବ, ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ବୋଦର ନିଆଲ, ସାଧାରଣ ସମ୍ପାଦକ ତ୍ରିଲୋଚନ ନାଗ, ରାଜ୍ୟ ଯୁବ ଯାଦବ ସଭାପତି ପ୍ରଦୀପ ବେହେରା ଯୋଗ ଦେଇଥିଲେ। ସ୍ଥାନୀୟ ନୂଆପଡ଼ା ବ୍ଲକ ସମ୍ପାଦକ ଯୋହନ ରାଉତ, ଖରିଆରରୋଡ଼ ଏନ୍ଏସି ସଭାପତି ଯଦୁ ସଲମା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଜୟ ଯାଦବ ପରିଚାଳନା କରିଥିଲେ। କଳସକୁ ନୂଆପଡ଼ାଠାରେ ମହେଶ କୁମାର ନିଆଲ, ରିଙ୍କୁ ବର୍ଗଙ୍କ ନେତୃତ୍ୱରେ ତରବୋଡ଼ଠାରେ ପପୁ ଅହୀରଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। କୋମନାରେ ବ୍ଲକ ସଭାପତି ତାରାଚାନ୍ଦ ଥପା, କାର୍ତ୍ତିକ ବାଗ, କୈଳାଶ ବାଗ, ଖଡ଼ିଆଳରେ ବ୍ଲକ ସଭାପତି କୀର୍ତନ ପୋଢ଼, କପିଳେନ୍ଦ୍ର ଭୋଇ, ଦୟା ଥପାଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଖରିଆରରୋଡରୁ ଖଡ଼ିଆଳ ପର୍ଯ୍ୟନ୍ତ ଦୀର୍ଘ ୭୫କିମି ଦୂର ବାଇକ, କାର ରାଲି ଯାଇଥିଲା। ସୂଚନାଯୋଗ୍ୟ, ୧୯୬୨ମସିହାରେ ରେଜେଙ୍ଗାଲାଠାରେ ଭାରତ-ଚୀନ ଲଢେଇ ବେଳେ ୧୨୦ରୁ ଊର୍ଦ୍ଧ୍ୱ ଯାଦବ ସେନା ସହୀଦ ହୋଇଥିଲେ। ବିଭିନ୍ନ ସମୟରେ ଦେଶର ସୁରକ୍ଷା ପାଇଁ ଯାଦବ ସେନା ସାହସିକତାର ସହ ଲଢେଇ କରି ଜୀବନ ଦେଉଛନ୍ତି। ତେଣୁ ଏକ ସ୍ୱତନ୍ତ୍ର ରେଜିମେଣ୍ଟ କରାଯିବାକୁ ଦାବି କରାଯାଉଛି। ସରକାରଙ୍କୁ ଦାବି ଜଣାଇବା ଉପଲକ୍ଷେ ଗତ ଏପ୍ରିଲ ୧୩ ତାରିଖରୁ ବିହାରରୁ ବାହାରିଥିବାବେଳେ ଆସନ୍ତା ନଭେମ୍ବର ୧୮ ରେ ଏହା ଦିଲ୍ଲୀରେ ପହଞ୍ଚିବ।

## ମା-ପୁଅଙ୍କୁ ଭାଲୁ କାମୁଡିବା ଘଟଣା

# ଚିକିତ୍ସା ପରେ ଘରକୁ ଫେରିଲେ



**ନୂଆପଡ଼ା, ୩୧।୫(ସମିସ):** ନୂଆପଡ଼ା ଜିଲ୍ଲା ଯୋଙ୍କ ଥାନା ସାଳିହା ଗାଁର ଜ୍ଞାନ ମହାନନ୍ଦଙ୍କ ସ୍ତ୍ରୀ ଗୀତାଞ୍ଜଳି ସାହୁ(୩୨) ଏବଂ ତାଙ୍କର ଅଢ଼େଇ ବର୍ଷର ପୁଅ ପ୍ରତୀକଙ୍କୁ ଗାଁ ପାଖ ଜଙ୍ଗଲରେ ଭାଲୁ କାମୁଡି ଦେଇଥିଲା। ବର୍ତ୍ତମାନ ଉଭୟ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ହେଲେ ଗରିବ ପରିବାର ହେତୁ ଘରେ ରୋଜଗାରକ୍ଷମ ଲୋକ ନଥିବାରୁ ସରକାରଙ୍କ ତରଫରୁ ବ୍ୟବସ୍ଥିତ ସହାୟତା ତଥା କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ ଯେ, ଦୁହେଁ ମା-ପୁଅ ଗାଁ ପାଖ ଝାଲବାହାଲ ବଜାରକୁ ସାବିତ୍ରୀ ବ୍ରତ ପାଇଁ ସାମଗ୍ରୀ କିଣିବାକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ବାଟରେ ସାଳିହା କାଜୁ ବଗିଚାରେ ତିନୋଟି ଭାଲୁ ଉଭୟଙ୍କୁ ଆକ୍ରମଣ କରିଥିଲେ। ପରେ ସ୍ଥାନୀୟ ଲୋକେ ଭାଲୁକୁ ତଡିବା ସହ ମା ଓ ପୁଅକୁ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତିନିରୁ ଚାରି ଦିନ ହସ୍ପିଟାଲ ରହି ସୁସ୍ଥ ହେବା ପରେ ସେମାନେ ଘରକୁ ଫେରିଛନ୍ତି। ତଥାପି ସମ୍ପୂର୍ଣ୍ଣ ଭାବେ ସୁସ୍ଥତା ଅନୁଭବ କରୁନାହାଁନ୍ତି। ସେମାନେ ଗରିବ ଶ୍ରେଣୀ ପରିବାର ହୋଇଥିବାରୁ ସରକାରୀ ସହାୟତା ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ପାଖରେ ଦାବି କରିଛନ୍ତି। ସ୍ୱାମୀ ଜ୍ଞାନ ଏମାନଙ୍କୁ ଛାଡି କୁଆଡେ ବାହାରକୁ ରୋଜଗାର ପାଇଁ ଯାଇ ପାରୁନାହାନ୍ତି। ଏହା ଉପରେ ପ୍ରଶାସନ ଧ୍ୟାନ ଦେବାକୁ ଦାବି ହୋଇଛି।

# ଲଘୁଚାପ ବର୍ଷାରେ ଗଛ ଭାଙ୍ଗି ରାସ୍ତା ଅବରୋଧ



ଗୋଲାମୁଣ୍ଡା, ୩୧।୫( ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁଠୁ ସିନାପାଲି ରାସ୍ତାରେ ଲଘୁଚାପ ବର୍ଷା ଯୋଗୁଁ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଏଣୁ କିଛି ସମୟ ପାଇଁ ଯାତାୟାତ ବନ୍ଦ ଥିଲା। ଲଘୁଚାପ ଜନିତ ବର୍ଷାରେ କେଗାଁ ଓ ସିନାପାଲି ରାସ୍ତାର ମଝିରେ ଏକ ବିଶାଳ ବମ୍ବୁର ଗଛ ପଡ଼ିବାରୁ ଯାତାୟାତ ବନ୍ଦ ହୋଇଯାଇଥିଲା। ଏହା ଫଳରେ କେଗାଁ-ସିନାପାଲି ଦେଇ ବଲାଙ୍ଗୀର ଯାଉଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଗଛ କାଟିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory body under aegis of Ministry of Health and Family Welfare, Govt. of India)
Sijua, Post-Dumuduma, Bhubaneswar (Odisha) -751019

F. No.: RECT-11015/1/2023-RECU SEC/1217 Date: 30.05.2025

**WALK-IN-INTERVIEW**

The **All India Institute of Medical Sciences (AIIMS), Bhubaneswar** invites eligible candidates for a **Walk-In Interview** for the following **Non-Faculty Post** on a **Contractual Basis** for **11 months** or until alternative arrangement is made, whichever is earlier, as per the following Schedule:

| Sl. No. | Name of the Post | Qualification/ Experience | No. of Post | Age Limit | Monthly Emoluments | Date of Interview |
|---|---|---|---|---|---|---|
| 01 | Medical Physicist (Nuclear Medicine) | 1. M.Sc. Nuclear Medicine Technology from a recognized University/ Institution **Desirable** 1. RSO Level-II certification recognized by AERB 2. Ph.D. in Nuclear Medicine | 02 | 21-35 years | ₹ 86,955/- | 09/06/2025 |

| | |
|---|---|
| **Reporting Time:** | 10:00 A.M. to 10:30 A.M. |
| **Venue for Reporting:** | Room No.: 331, Recruitment Cell, 3rd Floor, Academic Block, AIIMS Bhubaneswar, Sijua, Post: Dumuduma, Bhubaneswar, Odisha- 751019 |

2. In view of the above, Candidates fulfilling the eligibility criteria may report for the **Walk-In Interview by 10:00 AM** on the scheduled date at the above designated venue, bringing their original certificates, testimonials, and other necessary documents for verification. **The candidates who report after 10.30 AM will not be considered.**

Sd/-
**Senior Administrative Officer,**
**AIIMS, Bhubaneswar**

# ଗଞ୍ଜେଇ କାରବାରରେ ୭ ଗିରଫ

**କେସିଙ୍ଗା, ୩୧।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା କାଣ୍ଡେଲ ରେଳ ଷ୍ଟେସନ ସମ୍ମୁଖରୁ କେସିଙ୍ଗା ପୁଲିସ ଗଞ୍ଜେଇ କାରବାରରେ ୭ ଜଣକୁ ଗିରଫ କରିଛି। ୪ଟି ମଟର ସାଇକଲ ସହ ୧୫ କେଜି ଗଞ୍ଜେଇ ଜବତ କରିଛି। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା କରି ଏମାନଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛି। ଏହି ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ଖୋଳତାଡ଼ ଚାଲିଛି ବୋଲି ପୁଲିସ କହିଛି।

**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TPWODL ତରଫରୁ ଶୀତଳ ଷଷ୍ଠୀ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ**

- ବେଆଇନ୍ ବିଦ୍ୟୁତ୍ ବ୍ୟବହାର ଏକ ବିପଦପୂର୍ଣ୍ଣ ଓ ଅପରାଧମୂଳକ କାର୍ଯ୍ୟ। ନିଜ ଅଞ୍ଚଳର ବିଦ୍ୟୁତ୍ ଚୋରିକୁ ପ୍ରତିହତ କରନ୍ତୁ।
- ବିଦ୍ୟୁତ୍‌ଶକ୍ତିର ଅପଚୟକୁ ରୋକନ୍ତୁ ଏବଂ ଶକ୍ତିସମ୍ବଳକୁ ଭବିଷ୍ୟତ ପାଇଁ ସଞ୍ଚୟ କରି ଦେଶଗଠନରେ ସହଯୋଗ କରନ୍ତୁ।
- ଉପଯୁକ୍ତ କ୍ଷମତା ଏବଂ ଆଇଏସ୍ଆଇ (ISI) ମାର୍କ ପ୍ରାପ୍ତ ବିଦ୍ୟୁତ୍ ଉପକରଣ ବ୍ୟବହାର କରନ୍ତୁ, ଏବଂ ସୀକୃତ ପ୍ରାପ୍ତ ଇଲେକ୍ଟ୍ରିସିଆନ ଦ୍ୱାରା କାର୍ଯ୍ୟ କରାନ୍ତୁ।
- କୌଣସି ଘରୋଇ ବୈଦ୍ୟୁତିକ ଉପକରଣରେ ସକ୍ ବା ଝଟକା ଅନୁଭୁତ ହେଉଥିଲେ, ଉପଯୁକ୍ତ ଯାଞ୍ଚ ନ କରାଇ ତାହା ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ତାର ତଳେ କୌଣସି ନିର୍ମାଣ କାର୍ଯ୍ୟ, ପୂଜା, ମେଳା ଇତ୍ୟାଦି ନିମନ୍ତେ ପେଣ୍ଡାଲ ନିର୍ମାଣ, ପରିବହନ ବା ଜିନିଷପତ୍ର ଗଚ୍ଛିତ ଇତ୍ୟାଦି କରନ୍ତୁ ନାହିଁ।
- ବୈଦ୍ୟୁତିକ ଯନ୍ତ୍ରପାତିରେ ନିଆଁ ଲାଗିଗଲେ ତା'ଉପରକୁ ପାଣି ପକେଇବା ଉଚିତ୍ ନୁହେଁ।
- ସୁରକ୍ଷା ନିୟମ ପାଳନ କରନ୍ତୁ ଏବଂ ବିଦ୍ୟୁତ୍ ଦୁର୍ଘଟଣା ଏଡାଇ ଅଯଥା ଧନଜୀବନ ହାନୀକୁ ରୋକନ୍ତୁ।

**ବିଦ୍ୟୁତ୍ ଗ୍ରାହକ ଧ୍ୟାନ ଦିଅନ୍ତୁ :**

- ବିଦ୍ୟୁତ୍ ବିଲ୍ ବକେୟା ନରଖି ଧାର୍ଯ୍ୟ ତାରିଖ ମଧ୍ୟରେ ପୈଠ କରନ୍ତୁ ଏବଂ ଅନ୍‌ଲାଇନ୍ ବିଦ୍ୟୁତ୍‌ବିଲ୍ ପୈଠ କରି ୪%*ରୁ ୫%* ପର୍ଯ୍ୟନ୍ତ ରିହାତିର ସୁବିଧା ପାଆନ୍ତୁ।
- ଗ୍ରାହକ ସେବା କେନ୍ଦ୍ର, ସମ୍ପର୍କକେନ୍ଦ୍ର ତଥା ବିଭିନ୍ନ ଅନଲାଇନ ଆପ୍ ମାଧ୍ୟମରେ ସହଜ ଏବଂ ସୁବିଧାରେ ବିଦ୍ୟୁତ୍ ବିଲ୍ ପୈଠ କରନ୍ତୁ।

*ସର୍ତ୍ତ ଲାଗୁ

TPWODL - ଅବିରତ ଆପଣଙ୍କ ସେବାରେ ସମର୍ପିତ। ବିଦ୍ୟୁତ୍ ସେବା ସମ୍ପର୍କିତ ସୂଚନା ଓ ଅଭିଯୋଗ ପାଇଁ ଟୋଲ୍ ଫ୍ରି ନଂ - ୧୮୦୦-୩୪୫୬-୭୯୮ ରେ ଯୋଗାଯୋଗ କରନ୍ତୁ।

ସୃଜନିକା

ସକାଳ
THE SAKALA
www.sakalaepaper.com



କାଶୀନାଥ ନନ୍ଦୀ

# ନଈ, ପ୍ରେମ ପାଇଁ ନାଁଟିଏ



ମୁଁ ଆଜିର ଦିନରେ ଅଛି। ମୋ ଦିନସବୁ ସରି ସରି ଯାଉଛି। ଏଇ ବେଳକାଳ ମତେ କାହିଁକି କେଜାଣି ଭଲ ଲାଗୁ ନାହିଁ। ମୋ ଦେହଜୀବନ ସିନା ଏବେ ବର୍ତ୍ତମାନ କାଳରେ, ହେଲେ ମନ ସବୁବେଳେ ପଛକୁ ପଛକୁ ଚାଲି ଯାଉଛି ଆପେ ଆପେ। ଅନେକ ପଛକୁ ରହିଗଲା ସେଇ ଦିନସବୁ, ଯୋଉଠି ମୋ ବୋଉ ଓ ଆମେ ଥିଲୁ। ଆମର ଭଲ ଦିନସବୁ ଥିଲା। ବସିଥିଲେ ମୁଁ ମୋ ବୋଉକୁ ମନେ ପକାଏ। ମୋ ବୋଉର ପ୍ରିୟ ତା' ନଈକୁ ମନେ ପକାଏ। ଆମ ମାଟିଘର, ମାଟିହାଣ୍ଡିରେ ଭାତ, ଗହିରିଆ ପଲମରେ ପିଠା, ଗୁଆଘିଅ, ପାଣିଆ ହାଣ୍ଡିଗୁଡ଼ କଥା ମନେପଡ଼େ। ତାଆରି ଭିତରେ ଆମ ଜୀବନର କେତେ ଦୁଃଖ ସୁଖର କଥା। ମନକୁ ସେ ସବୁ ଆସିଗଲେ ମୋ ଭିତରେ ଦୁଃଖ ଆସେ ନା। ଖୁସି ବି ଆସେନା। ଗୋଟେ ନୀରବତା ଥାଏ ମନରେ। ଶାନ୍ତ ଥାଏ ମୋ ଶୀତଳ ମନ। ଲାଗୁଥାଏ ମୁଁ ମୁଠେଇ ଧରିଛି ସେଇ ଦିନସବୁକୁ। - ବୋଉ ଜଳିଗଲା। ପାଉଁଶ ହେଇ ଯାଇଥିବା ତା' ଦେହକୁ ମୁଁ ସେଇ ନଦୀରେ ବାହି ଦେଲି। ତା'ର ଏକାନ୍ତ ଇଚ୍ଛା ଥିଲା ସେଇଆ। ସେ କହିଥିଲା, "ବାବାରେ, ମୁଁ ମରିଗଲେ ମୋର ମୁଠେ ପାଉଁଶ ଏଇ ନଈକୁ ଦେବୁ। ଇଏ ହିଁ ମୋ ମା' କୋଳ। ମୁଁ ଏଇଠି ଶୀତଳ ହେଉଥିବି, ଶାନ୍ତ ହେଉ ଥିବି। ମୋ ଘରେ ମୁଁ ଥିବି।"

ବୋଉର ଏଇ ଇଚ୍ଛା ଏତେ ଶେଷକୁ ଜାଣିବା ଆଗରୁ ମୋ ବୋଉର ଏ ନଈ ମୋ ପ୍ରେମିକା ଥିଲା। ଦିନବେଳେ ସେ ଫୁଲେଇ ଟୋକୀ। ନୀରବ ରାତିରେ ସେ କୂଳବଧୂ। - ସେମିତି ଶୀତଳ, ସେମିତି ଧୀର ଛଳଛଳ। ମୁଁ ଛୁଇଁ ପାରେ ତାକୁ। ସେ ଧୀର ସ୍ୱର ରଖିଥାଏ ନୀରବ ରାତିରେ। ଯେମିତି ସେ ଗୁଣୁଗୁଣୁ ହେଇ ଗୀତ ଗାଉଛି। ମୁଁ ଜହ୍ନ ଆଲୁଅରେ ତାକୁ ଦେଖୁଥାଏ। ଗୋଟେ ରୂପ ଥାଏ ତା'ର। ମୁଁ ତା ରୂପରେ, ସ୍ୱରରେ ମୋହି ଯାଇଥାଏ। ଆଉ ବେଳ ଆସେ ତା'କୁ ମୋ କଥା କହିବାକୁ। ତେବେ କହୁଥାଏ, ପୁଣି କହି ପାରୁ ନ ଥାଏ। ତା' କେତେ ସମୟ ପରେ ମୁଁ ଉଠିଯାଏ ତା' ପାଖରୁ ଓ ସେଇ ସମୟ ଉପରୁ। ତା' ମଙ୍ଗଳମୟ ପ୍ରେମରୁ ବାହାରି ମୁଁ ପୁଣି ଏକୁଟିଆ ହେଉ ଥାଏ। ଫେରିଯାଉ ଥାଏ, ମତେ ଲାଗେ ମୁଁ ଯେମିତି ଗୋଟେ ଶୂନ୍ୟତା ଆଡ଼କୁ ପଶି ଯାଉଛି। ମୋର ହେଇ ଯେମିତି ଆଉ କେହି ନାହାଁ। ଅଥଚ କେମିତି କେଜାଣି ମୋ ମନ ପଛମୁହାଁ ହୁଏ। ପଛକୁ ଅନାଏ। ମତେ ଲାଗେ କିଏ ଯେମିତି ମତେ ସେଇଠୁ ଥାଇ ଅନେଇ ରହିଛି। ମତେ ଦେଖା ଯାଉଥାଏ, ସେଇଠି ଛାଇଟିଏ ଠିଆ ହେଇଛି। ସେଇ ଛାଇରେ ଝିଅଟିଏ ଠିଆ ହେଇଛି। ମତେ ଅନେଇ ରହିଛି। ହୁଏତ ହସୁଛି। ମୁଁ କିଛି ଗୋଟେ ପାଇଲା ପରି ଲାଗେ। ପୁଣି କିଛି ଗୋଟେ ହରେଇ ଦେଲା ପରି ଲାଗେ। ଲାଗେ ମୁଁ ଭ୍ରମରେ ଅଛି। ଲାଗେ ମୁଁ ସତରେ ଅଛି। ଲାଗେ ମୁଁ ଦୃଶ୍ୟରେ ଅଛି। ପୁଣି ଅଦୃଶ୍ୟରେ ଅଛି।

ପୁଣି ଥର ଥର କି ଯାଉଥାଏ ସେଇ ନଈ କୂଳକୁ। ତା' ପାଖ ସେଇ ବୁଦାମୂଳକୁ। ଖୁସି ଥାଉ, ଦୁଃଖ ଥାଉ, ମୁଁ ତା'ର ହେଇଗଲେ ମତେ ତୃପ୍ତ ଲାଗେ ମୋ ଜୀବନ। ସେଇଠି ଯେତେ ଯାହା ମୋର ହେଇ ଘଟଣା, ଯେତେ ଯାହା ମୋର ହେଇ ଜୀବନ ମୋ ଦେହ ତଳେ କୋଉଠି ଗୋଟେ ଲୁଚିଯାଏ।

ଏଇ ନଈ, ଏଇ ମୋ ପ୍ରେମିକା, ମୋ ବୋଉର ମାଆ। ତା' ଶେଷ ସମୟକୁ, ମୋ ବୋଉର ଜୀବନ ଯିବା ବେଳକୁ ମୁଁ ଜାଣିଲି ଏ କଥା। ଏଇ ନଈ ସେଇଠୁ ମୋ ଆଈ। ପୁଣି ସେ ମୋ ପ୍ରେମିକା। ମୁଁ ଆଜି ମୋ ଆଈ କୋଳରେ, ମୋ ପ୍ରେମିକାର କୂଳରେ କେତେ ଦିନ ପରେ ବସିଛି। କେତେବେଳ ହେଇ ଗଲାଣି କେଜାଣି ! ଏତିକି ବେଳେ ମୋ ପୁଅ ଆସିଲା ମୋ ପାଖକୁ। ତାକୁ ଦେଖିଲି ତ ମୋ ମଗ୍ନମନ ଭାଙ୍ଗିଗଲା। ମୁଁ କି ଗୋଟେ ଆଲିଙ୍ଗନର ମୁହୂର୍ତ୍ତଠାରୁ ଉଠିଗଲି।

"ବାପା...।" ପୁଅର ସ୍ୱରରେ ଭୟ। କିଛି ଗୋଟେ ଯେମିତି ହେଇ ଯାଇଛି।

ଆମ ମଗ୍ନ-ପ୍ରେମ ଭିତରକୁ ପୁଅର ଡାକ ପଶିଗଲା। ଭାଙ୍ଗିଦେଲା ମତେ, ମୋ ନଈକୁ ଓ ଆମ ପ୍ରମିଳ ମୁହୂର୍ତ୍ତକୁ। ମୁଁ ପୁଅ ଆଡ଼କୁ ଚାହିଁଲି। ଦେଖିଲି ତା' ଆଖିରେ ଲୁହ। ତା' ଭୟ ଉପର ଦେଇ ସେଇ ଲୁହ ଗଡ଼ି ଆସୁଥିଲା, "ବାପା, ତମ ଦେହ ଏତେ ଖରାପ, ଅଥଚ ତମେ ଏଠି ? ଏଠିକୁ ଆସିପାରିଲ କିପରି ?"

ମୋ ହୋସ୍ ପଶିଗଲା, ଆରେ, ମୁଁ ଏଠିକୁ ଆସିଲି କେମିତି...? ସାହାରା ନ ନେଲେ ମୁଁ ତ ଚାଲି ପାରେ ନା ପାଦେ !

ମୋ ଆଖି ପୁଅଠୁ ଉଠି ନଈ ଉପରକୁ ଚାଲି ଗଲା। ନଈରେ ଜହ୍ନ। ନଈରେ ନଈର ମୁହଁ। ସେଇଠି ତା' ଆଖି। ସେଇଠି ତା' ହସ।

ତା' ମୋର କୋଉ ଅବସ୍ଥା ମୁଁ କହି ପାରିବି ନାହିଁ। ସେଇଠି ମୋ ମନ ମତେ କ'ଣ କହିଲା, ମୁଁ ଜାଣି ପାରୁ ନାହିଁ; ପାଦ ଉଠାଇଲି ମୋ ନଈକୁ ପଶି ଯିବାକୁ। ଅଥଚ ଆଉ ଉଠି ପାରିଲି ନାହିଁ। ମୁଁ ସେତେବେଳକୁ ସତ ହେଇ ଯାଇଥିଲି କି କ'ଣ ଜାଣି ପାରୁ ନ ଥିଲି। ମୁଁ କି ଗୋଟେ ସ୍ୱପ୍ନର ଉହାଡ଼ରୁ ଗୋଟେ ସକାଳରେ ପହଞ୍ଚିଲି ଯାଉଥିଲି।

ପୁଅ ଏଥର ମୋ ହାତ ଧରିଲା। ମତେ ଉଠାଇଲା। ଏଇଠି ମୁଁ ଆତୁର ହେଇ ପୁଅକୁ କହିଲି, "ବାବାରେ ...ମୁଁ ମରିଗଲେ, ମତେ ଏଇଠି ପୋଡ଼ିବୁ। ମୋ ପାଉଁଶରୁ ମୁଠେ ଏଇ ପାଣିରେ ଦେବୁ।"


ତା'ପରେ ମୋ ତୁଣ୍ଡରେ ଆଉ କଥା ନାହିଁ। ମୋ ପୁଅକୁ ତାହା ହିଁ ଥିଲା ମୋ ଶେଷ କଥା। ତାପରେ ମୋ କଥା ସଂସାରରେ ଆଉ କିଏ ବି ଶୁଣି ନାହିଁ। ମୋ ପଡ଼ିଯିବା ପାଟି ଆଉ ଫିଟି ନାହିଁ। ଅଥଚ ସବୁ ଦିନରେ, ସବୁ ରାତିରେ ମୁଁ କଥା ହୁଏ ମୋ ନଈ ସାଙ୍ଗେ। ମୋ ନଈ ମୋ କଥା ଶୁଣୁ ଥାଏ। କୁଲୁ କୁଲୁ ବହୁଥାଏ। ■

ସି/ ୯୩, ସେକ୍ଟର-୪
ରାଉରକେଲା-୨
ମୋ: ୯୮୬୧୬୫୫୩୫୭

# ପୁସ୍ତକ ପରିଚୟ

## ମୁକ୍ତିକାମୀ ମୋହିନୀ ମୋହନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**




ବ୍ଲାକ୍ ଈଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ବ୍ୟାସକବି ଫକୀରମୋହନ ସେନାପତିଙ୍କ ସୁପୁତ୍ର ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକରେ ମୋହିନୀ ମୋହନଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ସାଧନା, ସାରସ୍ୱତ କୃତି ଆଦି ସଂପର୍କରେ ଲେଖକ ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। 'ମୋହିନୀ ମୋହନ ସେନାପତିଙ୍କ ସାହିତ୍ୟ ସାଧନାର ପ୍ରେରଣା', 'ଗଦ୍ୟଶିଳ୍ପୀ ମୋହିନୀ ମୋହନ', 'ମୋହିନୀ ମୋହନଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ : ପରିବର୍ତ୍ତନର ଆହ୍ୱାନ', 'ମୋହିନୀ ମୋହନଙ୍କ ବନ୍ଧନ- ମୁକ୍ତ ସମାଜର ପରିକଳ୍ପନା', 'ବିବାହ–ସଂସ୍କାର ସପକ୍ଷରେ ମୋହିନୀ ମୋହନ', 'ଆଧୁନିକତା ଓ ମୋହିନୀ ମୋହନ-ମାନସ', 'ଫକୀରମୋହନଙ୍କ ଆତ୍ମଚରିତର ପ୍ରକାଶକ ମୋହିନୀ ମୋହନ' ଆଦି ପ୍ରବନ୍ଧଗୁଡ଼ିକରେ ମୋହିନୀମୋହନଙ୍କ ସାହିତ୍ୟ ସାଧନା, ସାହିତ୍ୟ-ଜୀବନ- ଜଗତ ପ୍ରତି ଦୃଷ୍ଟିଭଙ୍ଗୀ, ବ୍ୟକ୍ତିତ୍ୱର ଆଭା ଅତି ମାର୍ମିକ ଭାବେ ଫୁଟି ଉଠିଛି। ପ୍ରବନ୍ଧଗୁଡ଼ିକ ବସ୍ତୁନିଷ୍ଠ ନହୋଇ ବ୍ୟକ୍ତିନିଷ୍ଠ ହୋଇଛି। ମୋହିନୀ ମୋହନ ସେନାପତିଙ୍କ ସଂପର୍କରେ ଜାଣିବା ପାଇଁ ଏହି ପୁସ୍ତକରେ 'ମୋହିନୀ ମୋହନ ସେନାପତି: ଏକ ସଂକ୍ଷିପ୍ତ ପରିଚିତି' ସନ୍ନିବେଶିତ ହୋଇଛି। ସେହିପରି ଓଡ଼ିଶାର ପ୍ରତିଷ୍ଠିତ ସମାଲୋଚକମାନେ ମୋହିନୀ ମୋହନଙ୍କ ସଂପର୍କରେ କ'ଣ କହନ୍ତି, ସେ ସଂପର୍କରେ କିଛି ମତାମତ ରହିଛି। ମୋହିନୀ ମୋହନଙ୍କ ସାହିତ୍ୟ ଓ ଜୀବନ ସମ୍ବନ୍ଧରେ ଜାଣିବା ପାଇଁ 'ମୁକ୍ତିକାମୀ ମୋହିନୀ ମୋହନ' ପୁସ୍ତକଟି ପାଠକ,ଗବେଷକମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରାଯାଏ। ■

## ଷୋଡ଼ଶ

**ଗଂଗାଧର ବିଶ୍ୱାଳ**



ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର -୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

କଥାକାର ଗଂଗାଧର ବିଶ୍ୱାଳଙ୍କ 'ଷୋଡ଼ଶ' ଗଳ୍ପ ପୁସ୍ତକ ପ୍ରକାଶ ପାଇଛି। ସ୍ୱପ୍ନ ମଣିଷର ମନକୁ ସତେଜ କରିଦିଏ। ଅସଜଡ଼ା ମନକୁ ସଜାଡ଼ି ଦିଏ। ନିରସ ମନକୁ ସରସ କରିଦିଏ। ଏଭଳି ଏକ ଭାବନାକୁ ନେଇ ଗତିଶୀଳ ହୋଇଛି 'ତନୁଲତା' ଗପର କାହାଣୀ। ସେଭଳି ବିବାହ ପୂର୍ବରୁ ନିଜ ଭାବି ପତ୍ନୀଙ୍କୁ ଦେଖିବାର ସ୍ୱପ୍ନ ଅନେକ ପୁରୁଷଙ୍କ ସ୍ୱପ୍ନ ଥାଏ। ଏଭଳି ଜଣେ ପୁରୁଷଙ୍କ ସ୍ୱପ୍ନ ପ୍ରତିଫଳିତ ହୋଇଛି 'ଝିଅ' ଗପରେ। ଏହି ପୁସ୍ତକରେ ସନ୍ନିବେଶିତ 'ବାର୍ଦ୍ଧକ୍ୟ ଭତ୍ତା', 'ଅନ୍ୟଜଣେ ଯୀଶୁ', 'ପ୍ରେମିକା', 'କର୍ଫ୍ୟୁରାତି', 'ଅପ୍ରାକୃତିକ', 'ଜୀବନ ଓ ପ୍ରେମ', 'ଜେଜେ', 'ଭୋକକଥା', 'ଏକ ପ୍ରେମଗଳ୍ପ', 'ବର୍ଷା ବୋଲି ଜଣେ ଝିଅ','ଦାଗ', 'ରାତି ହେଲେ', 'ବୃତ୍ତ', 'ଚରିତ୍ର', 'ମନୋରମା', 'ମଶାଣି ସ୍ୱପ୍ନ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ନିମ୍ନମଧ୍ୟବିତ୍ତ ପରିବାରର ତିନି ଅଙ୍କର ଦରମା ପାଉଥିବା ଚାକିରିଆ ପୁଅ ଅବିନାଶ ନିଜ ପତ୍ନୀଙ୍କ ଦାବି ପୂରଣ କରିବାରେ ଅସହାୟ ହୋଇପଡୁଛନ୍ତି। ସେଥିପାଇଁ ସେ ପ୍ରେମିକା ଓ ପତ୍ନୀ ଭିତରେ ଥିବା ପ୍ରଭେଦକୁ ଅନୁଭବ କରୁଛନ୍ତି। ନିମ୍ନମଧ୍ୟବିତ୍ତର ପରିବାରର ବାସ୍ତବ ଚିତ୍ରକୁ ଅତି ଚମତ୍କାର ଭାବେ ଗାଳ୍ପିକ ବିଶ୍ୱାଳ 'ପ୍ରେମିକା' ଗପରେ ବର୍ଣ୍ଣନା କରିଛନ୍ତି। ସଂକଳିତ ଗପଗୁଡ଼ିକରେ ମଣିଷର ପ୍ରେମ, ବିରହ, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶା, ଆକାଂକ୍ଷା, ସାମାଜିକ ବାସ୍ତବତା ପ୍ରତିଫଳିତ ହୋଇଛି। 'ଷୋଡ଼ଶ' ପୁସ୍ତକର ଗଳ୍ପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

# ତମକୁ କ'ଣ ଲୋଡ଼ା ?



ଡକ୍ଟର କମଳା କୃଷ୍ଣ ତ୍ରିପାଠୀ

ତମକୁ କ'ଣ ଲୋଡ଼ା ?
କିଛି ପଳ ମାଂସ
ତଟକା ରକ୍ତର ପାନୀୟ
ମୁଠାଏ ମାଟି
ନା ଥାଳିଏ ଥାଳିଏ ଗରମ ଗରମ ଭାତ ?

କୁହ, ମୁହଁ ଖୋଲି କୁହ
ଲାଜ ନ କରି କୁହ।
ଡରି ଥରି ଶଙ୍କି ନ ଯାଇ କୁହ !

ତମ ଭାଇମାନଙ୍କୁ ଡାକି ଆଣି
ଗଧିଆ କି ଭୋକିଲା କୁକୁର ପରି
ପଛକୁ ପଛ ଠିଆ ହୁଅ
ଦଧିଚି ଓ ଶିବିରାଜାର ବଂଶଧର
ଶହେ ପଚାଶ କୋଟି ଫଡ଼ିଆରୁ ଫେଡ଼େ ଫେଡ଼େ ଖୁଆଇ
ପଠେଇ ଦେବେ ତମ ଭିକାରି କୁଡ଼ିଆକୁ।

ରକ୍ତ ପିଇବ ତ କୁହ
ଏ ବି ଓ ଆଦି କୋଉ ଦଳର କେତେ ରୋଗୀ ଅଛ?
ଭର୍ତ୍ତି ହୋଇଯାଅ ତମ ଗାଁ ଡାକ୍ତରଖାନାରେ।
ଆମେ ପଠେଇ ଦେବୁ ରକ୍ତ ସହ ରୋଗର ନିବାରକ
ପଥ୍ୟ ପାଚନ ଚିକିତ୍ସକ।
ଆମେ ଚିକିତ୍ସା କରିନେବୁ
ମଣିଷ ମନସ୍କ ହେବାଯାଏ।

କାହିଁକି ତମେ ଛଦ୍ମନାମ ଛଦ୍ମବେଶରେ ଆସି
ମାଟି କାମୁଡ଼ି ଲୁଚିଯାଉଛ ବଙ୍କର ଭିତରେ ?
ଆଗେ ନିଷ୍ପତ୍ତି ନିଅ
ମାଟି ଲୋଡୁଛ ନା ରୁଟି ଖୋଜୁଛ?
ପଟେ ପଟେ ରୁଟି ଦେବୁ ତ
ତମ ପେଟରେ ଜାଗା ନାହିଁ,
ଗୋଟିଏ ଗୋଟିଏ ଇଟା ନେବ ତ
ତମର ମାଟି ନାହିଁ ଘର କରିବାକୁ ?

ଏବେ ତମେ ହିଁ ଯୋଜନା କର।
ପସନ୍ଦ କର, ଫଇସଲା କର
କୁକୁର ସାଜି ଲହ ଲହ କରିବ ଜିଭ
ନା ଲାଞ୍ଜ ହଲ ହଲ କରି
ଫେରିଯିବ ପୂତି ଗନ୍ଧର କୁଡ଼ିଆକୁ॥ ■

ସର୍ଜନାଳୟ
ଲିଙ୍କ ରୋଡ଼ ୨ୟ ଗଳି, ଜୟପୁର
ମୋ: ୯ ୯୩୭୦୧୪୮ ୬୩

# ବାପା



ସୁଶୀଲ କୁମାର ପାଣିଗ୍ରାହୀ

ଲଙ୍ଗଳ ମୁନକୁ
ସହିପାରିଲେ ଯାଇ ଅଙ୍କୁରୋଦଗମ ପର୍ବର
ଉସନାକି ଗହ ଗହ

ତା'ପରେ କୁରେଇ ପତର ତୋଳା
କରଡ଼ି, ହେଡୁଁଆ, ସାରୁକିଣା, ଖଲିଦନା ଟିପା
ଗୋବରଲିପା ଓ
ଗୋଡ଼ ତଳକୁ ନ ଲାଗିବାର
ଯେତେ ଆୟୋଜନ
ଧୁମ୍ ନାଟ ଓ ନାଚ...

କାନ୍ଧରେ ମାଟିଡାଲା, ଖତସାର, ଫାଓଡ଼ା
ଖଳାଏ ଧାନକେଣ୍ଡା
ଆକାଶାଏ ଉତ୍କଣ୍ଠା
ଏସବୁ ଭାରରେ ଝାଳ
ଜୀରାନଦୀ ନ ହେଲେ
କି ବୋହିହେବ କାନ୍ଧରେ
ପୁଅଝିଅ
ଦେଖାଇନେବାକୁ
ଧନୁଯାତରା।

ମୁଣ୍ଡର ତାଳୁ ପରି ନ ତାତିଲେ
ହାଡ଼ ପରି
କଡ଼ମଡ଼ କଡ଼ମଡ଼ ନ କଲେ

ରକତସୁଅ ହେଇ ନ ବହିଲେ
କେମିତି ଆଖିରେ ଭରିବ
ରସ!

ସମୟର ଘଣାରେ
ପେଶିହେଲେ ସିନା
ଥିପିବ ଥପ୍ ଥପ୍ ବାପର ଜୀବନ
ପେଟପୂରା ସଂସାର ଲାଗିବ
ମଧୁମୟ ମଧୁମୟ। ■

କଲ୍ୟାଣୀ ରେସିଡେନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ପୋ: ମୁଦିପଡ଼ା, ସମ୍ବଲପୁର-୨
ମୋ: ୮୧୪୪୨୨୮୨୦୨



# "ମୁଁ ଲେଖେ ମୋ ନିଃସଙ୍ଗତାକୁ ଏଡ଼ାଇବା ପାଇଁ"






ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ମୁଁ କାହିଁକି ଲେଖେ?-ଏମିତି ଏକ ପ୍ରଶ୍ନର ଉତ୍ତର ଅନେକ ଦିଗ୍‌ଗଜ ଲେଖକ/ଲେଖିକା ଭିନ୍ନ ଭିନ୍ନ ବାଗରେ ଦେଇଛନ୍ତି। କିଏ କହିଛି - "ମୋତେ ଲେଖା ମାଡ଼େ" ଭଳି ବେଶ୍ ଗହୀରିଆ, ବ୍ୟଞ୍ଜନାପୂର୍ଣ୍ଣ ବାକ୍ୟଟିଏ ତ ଆଉ କିଏ ଆପଣାର ଲେଖକୀୟ ଢମରେ ଅଲୌକିକ ପୁଟ ବୋଳିବାକୁ ଇଚ୍ଛା କରି କହିଛି - "ମୁଁ ଲେଖେ, କାରଣ ଲେଖିବା ପାଇଁ ମୋ ଉପରେ କିଏ ଜଣେ 'ସବାର' ହୋଇଯାଇଥାଏ, ସତେ ଯେପରି 'କାଳିଶୀ' ଲାଗିଯାଇଥାଏ ମତେ ସେତେବେଳେ ।" ଏମିତି ଉତ୍ତରଟି ମାନ ଯେଉଁମାନେ ଦେଇଥାନ୍ତି, ସେମାନେ ବୋଧହୁଏ ସେମାନଙ୍କ ଅନ୍ତଃକରଣରେ ବିଶ୍ୱାସ କରିଥାନ୍ତି ଯେ ଲେଖିବା କାମଟା ପୂରାପୂରି ଏକ ରହସ୍ୟଘନ ବ୍ୟାପାର ଓ ଜଣେ ଦିବ୍ୟ ପ୍ରେରଣାଯୁକ୍ତ ହୋଇ ପୂରାପୂରି ଜ୍ୱରାକ୍ରାନ୍ତ ଆବେଶଟିଏ ଭିତରେ ନ ପଡ଼ିଯିବା ପର୍ଯ୍ୟନ୍ତ ଆଦୌ ଲେଖନୀ ଧରିପାରେ ନାହିଁ କି ତୂଳୀଟିଏ ହାତରେ ତୋଳି ଧରି ପାରେନାହିଁ। କିନ୍ତୁ ଏ ଲେଖକ ସେ ଦୃଷ୍ଟିରୁ ଅଧମ, ଭାଗ୍ୟହୀନଟିଏ ନିଶ୍ଚୟ।

ଏ ଲେଖକ ବାପୁଡ଼ା ଜଣକ ଜାଣେ ଯେ ସେ ଲେଖାଲେଖି କରେ, କାରଣ ଏ ଲେଖିବା କାମଟା ପାଇଁ ଯେଉଁ ମୁଖ୍ୟ ସମ୍ବଳଟି ଲୋଡ଼ା, ତା' ପାଇଁ ତାକୁ ଜମା କିଛି ବ୍ୟୟ କରିବାକୁ ପଡ଼େ ନାହିଁ। ସେ ସମ୍ବଳ ତା' ପାଇଁ ଭାରି ଶସ୍ତା, ପୂରାପୂରି ସହଜପ୍ରାପ୍ୟ। ତାକୁ ପାଇବା ପାଇଁ ଜମା ଲୋଡ଼ା ହୁଏ ନାହିଁ କେଉଁ 'ତୁଙ୍ଗ ଶିଖରୀ ଚୂଳ' ବା କେଉଁ 'ନୀଳାମ୍ବୁ ଚିଲିକା'ର ଶୀତ୍କାର, ରୋମାଞ୍ଚକୁ ଜବରଦସ୍ତ ଭୋଗିବା ବା ଅନୁଭବ କରିବା। ସେ ସମ୍ବଳ ହେଉଛି ତା' ଭିତରେ ସବୁବେଳେ ମଥାପିଟି ଚାଲିଥିବା ଅସୁମାରୀ ଶବ୍ଦମାନଙ୍କର ତରଙ୍ଗ । ତା'ପାଇଁ ସହଜଲଭ୍ୟ ସେଇ ଶବ୍ଦସବୁକୁ ନେଇ ସେ ଲେଖିବା ପାଇଁ ବସିଯାଏ -ବସିଯାଏ ସେତିକିବେଳେ ଯେବେ ସେ ତା'ର ସବୁ ଆବେଗ, ଆବେଶ ଓ ସବୁ ଅସମ୍ଭାଳ, ଅତଚ୍ଛିଆ ଭାବଭାବନାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବାକୁ ଚାହେଁ। ଅନ୍ୟ ଅର୍ଥରେ କହିଲେ ଏ ଲେଖାଲେଖି ତା ପାଇଁ ଗୋଟାଏ ପ୍ରକାର ସ୍ୱଚିକିତ୍ସା କର୍ମ । ବଙ୍କା, ତେଢ଼ା, ମୁନିଆ ବା ଅତି ଜଟିଳ ଭାବରେ ଛନ୍ଦାଛନ୍ଦି ଚିନ୍ତା, ଭାବନାରେ ସେ ଯୋଉ ଅବ୍ୟକ୍ତ ପୀଡ଼ାଟି ପାଇ ଚାଲିଥାଏ, ସେଇଟିର ଉପଯୁକ୍ତ ଚିକିତ୍ସା ଲୋଡ଼ା -ଏଇ ଉପଲବ୍ଧିଟି ତାକୁ 'ମାଡ଼ିବା' ମାତ୍ରେ ବା ତା' ଉପରେ 'ସବାର' ହେବା ମାତ୍ରେ ସେ ଲେଖନୀ ଧରି ବସିପଡ଼େ। ତେବେ ଆଜ୍ଞା, ଏ 'ମାଡ଼ିବା', ଏ 'ସବାର' ହେବା କଥାଟା ଗୋଟାଏ କିଛି ଅଲୌକିକ ବା ଦୈବ ବ୍ୟାପାର ବୋଲି ଏ ଲେଖକ ଜମା କେବେ ଭାବିବ ନାହିଁ । ଏଇଟା ତା ପାଇଁ ପୂରାପୂରି ତା 'ଅସ୍ତିତ୍ୱ'ର ଏକ ବିଲକ୍ଷଣୀୟ ବ୍ୟାପାର । ହଁ, ପୂରାପୂରି ଅସ୍ତିତ୍ୱଗତ, ଅସ୍ତିତ୍ୱଭିତ୍ତିକ ଓ ଅସ୍ତିତ୍ୱ ସଂପର୍କିତ ଏଇଥିପାଇଁ ଯେ, ସେ ତା'ର ସ୍ଥୂଳ ଓ ସୂକ୍ଷ୍ମ ଦୃଷ୍ଟିରେ ଯେତେବେଳେ ଦେଖେ ଯେ ତା' ମନରାଜ୍ୟ ଓ ଚିନ୍ତାରାଜ୍ୟରେ ଗୁଡ଼ାଏ ଗୁଡ଼ାଏ ଧାରଣା, ଅବଧାରଣା, ଭାବନା, ବିଭାବନା ଅରାଜକତା ସୃଷ୍ଟି କରିବା ଆରମ୍ଭ କରିଦେଲେଣି, ସେତିକିବେଳେ ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ, ସେ ସବୁକୁ ଟିକିଏ ସୁସଂହତ, ଟିକିଏ ଅଧିକ ବୋଧଗମ୍ୟ କରିବା ପାଇଁ ସେ ସେମାନଙ୍କୁ ଧାଡ଼ିରେ ବସାଇଦିଏ- ଅନ୍ଧାରରୁ ଆଣି ତୋଫା ଆଲୁଅରେ ଠିଆ କରାଇଦିଏ। ଅବଶ୍ୟ ଏ ଲେଖକ ଜାଣେ ଯେ, ଯେତେ ଚେଷ୍ଟା କଲେ ବି ସେ ଯେଉଁ ଅରାଜକ, ବିଶୃଙ୍ଖଳ, ଅସଂହତ ଭାବନା, ଧାରଣା, ଅବଧାରଣା ଓ ଦୃଷ୍ଟିକୋଣର ବିରକ୍ତି-ବେଦନା ଭୋଗିଥାଏ ଏବଂ ସେଥିଯୋଗୁଁ ଜୀବନ ଓ ଜଗତ ପ୍ରତି ଥିବା ତାର ଆଭିମୁଖ୍ୟ ଯେପରି ଗୋଳିଆମିଶା ହୋଇଯାଇଥାଏ, ସେ ସବୁକୁ ସେ କେବେହେଲେ ପୂରାପୂରି ସଂଯତ, ସଂହତ କରିପାରିବ ନାହିଁ-ଲେଖନୀ ଧରି ସବୁକିଛିକୁ ଶତସହସ୍ର ଧାଡ଼ିରେ ବାନ୍ଧି ରଖିଦେଲେ ବି।

ଆମ ଜୀବନର ଏଇ ଅରାଜକ ଆତ୍ମିକ, ମାନସିକ ଗୌରବ ଅଗୌରବ ବା ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଆମକୁ ଯେତେ ଆକ୍ରାମାକ୍ରା, ଅଧିର ଆତୁର କରୁଥିଲେ ବି ସେ ସବୁକୁ ଆୟତ୍ତକୁ ଆଣିବା ପାଇଁ ଆମ ପାଖରେ କୌଣସି 'ମାନୁଆଲ୍' ବା 'କରଣୀୟ କର୍ମସୂଚୀ' କିଛି ନାହିଁ । ତେଣୁ କେହି ଯଦି କେବେ ଏ ଲେଖକ ପରି ସୃଜନ ନିଆଁ ଉପରେ ଭିନ୍ନ ଭିନ୍ନ ପାତ୍ର ବସାଇ କିଛି ତିଆରି କରି ବାଢ଼ି ଦିଏ, ସେ ଭାବିଥାଏ ଯେ ସେ ସିଦ୍ଧ ରୋଷେଇଆଟିଏ ହୋଇଯାଇଛି ନିଶ୍ଚୟ। କିନ୍ତୁ ସତରେ ସିଏ ସେମିତି ହୋଇପାରେ କି?

ମୋ ପାଇଁ ଲେଖିବାଟା ଆଦୌ କିଛି ସ୍ୱର୍ଗୀୟ ବା ନୈସର୍ଗିକ ପ୍ରେରଣା ନୁହେଁ । ଆମର ଏଇ ଅଦ୍ଭୁତ, ବିଚିତ୍ର ଓ ଅନେକ ସମୟରେ ଭାରି ବିଭଙ୍ଗ, ବିରୂପ ମନେ ହେଉଥିବା 'ଅସ୍ତିତ୍ୱ'ଟିକୁ ଟିକେ ଅଧିକ ଅନ୍ତରଙ୍ଗତାର ସହ ବୁଝିବା ପାଇଁ ଚାହୁଁଥିବାରୁ ମୁଁ ଲେଖାଲେଖି କର୍ମରେ ବ୍ୟାପୃତ ହୋଇଥାଏ। ମୁଁ ଆଦୌ ଅନ୍ୟ କାହା ପରି ଏ ଲେଖାଲେଖି କର୍ମକୁ 'ରୋମାଣ୍ଟିସାଇଜ୍' କରିବାକୁ ଚାହେଁନା, ଜମା ଚାହେଁନା ଯେ ଶ୍ୱେତବସ୍ତ୍ର ପରିହିତା ବାଗ୍‌ଦେବୀଙ୍କ ବୀଣାବାଦନ ମୁଁ କେବେ ଶୁଣିଥାଏ ବୋଲି। ମୋ ପାଇଁ 'ଲେଖାଲେଖି' ଗୋଟାଏ ଭାରି କଷ୍ଟକର କାମ -ଝାଳବୁହା, ଲୁହବୁହା, ରକ୍ତବୁହା ପୀଡ଼ାଦାୟକ କର୍ମ । ବନ୍ଧୁମେଳରେ ଗୁଲିଖଟି କରିବା ବା ପାର୍କରେ ପଦଚାରଣ କରି ଅନ୍ୟ ପାର୍କ ପଦଯାତ୍ରୀମାନଙ୍କୁ ଗୀତା ଭାଗବତଠାରୁ ସମ୍ବିଧାନର ମୌଳିକ ଢାଞ୍ଚା ସଂପର୍କରେ ଥିବା ମୋର ଅତି ଅସ୍ପଷ୍ଟ ଧାରଣାକୁ ଶୁଣାଇବା ବା ବଜାରରୁ ଚକ୍‌ଚକ୍ କାତିର ବିଶାଳ ରୋହିମାଛ କିଣି ଘରକୁ ଫେରିଆସି ମାର୍ବଲ ଚଟାଣକୁ ଆହୁରି ଚିକ୍କଣ କରିବା ଆଦି ସହଜ ଅଥଚ ଆବଶ୍ୟକ କର୍ମର ପ୍ରଲୋଭନରେ ପଡ଼ିବା ଅପେକ୍ଷା ଅଲେଖା ଧବଳ କାଗଜ ଉପରେ କଲମଟି ଚାଳନା କରିବାରେ ଭିନ୍ନ ଏକ ଆଶ୍ୱସ୍ତି, ଭିନ୍ନ ଏକ ସନ୍ତୋଷ ମିଳେ ବୋଲି ଭାବିଥାଏ ମୁଁ । ହଁ, ଆଉଗୋଟେ ନିରାଟ ସତ୍ୟ ଆପଣଙ୍କୁ କହିବି । ଏମିତି କିଛି ମହାର୍ଘ ଚିନ୍ତାରେ ଘାରି ହୋଇ ବା ଏମିତି କିଛି 'ସର୍ବଜନହିତାୟ' ଉଦ୍ଦେଶ୍ୟ ରଖି ମୁଁ ଲେଖେ, ଏହା ଆଦୌ ନୁହେଁ । କହିଛି ତ ମୋ ପାଇଁ ଲେଖିବାଟା ଅନେକ ସମୟରେ ମୋର ଅସ୍ତିତ୍ୱର ଉଦ୍ଭଟତା ସହିତ ସାହସର ସହିତ ମୁକାବିଲା କରିବା ପରି, ଗୋଟିଏ ଗୋଟିଏ ପ୍ରହେଳିକା ବା 'ଜିଗ୍‌ସ୍'କୁ ସମାଧାନ କରିବାର ଜଟିଳ ଉଦ୍ୟମଟିଏ କରିବା ପରି । ତେବେ, ମୁଁ ମୋ ବିକ୍ଷିପ୍ତ ଭାବନାକୁ ରୂପ ଦେଇଥାଏ ସିନା, ସେସବୁର ଆଦୌ ବୋଧଗମ୍ୟ ବ୍ୟାଖ୍ୟା କରିପାରେନା। ମୁଁ କାହିଁକି- ସଚରାଚର କୌଣସି ମସୀଧାରୀ ତାହା କେବେ କରିପାରେନା। ହଁ, ମୁଁ ମୋ ଭାବନାର ବର୍ଣ୍ଣରୂପ ଥୋଇ ଦେବାବେଳେ ମୋ ପାଠକମାନଙ୍କ ଭିତରୁ କେତେକ ନିଶ୍ଚୟ କହୁଥିବେ - "ଆରେ, ଏତ ଆମରି ଚିନ୍ତା, ଆମରି ଭାବନା ଓ କହୁଥିବେ ବି - "ଆହା, ଏଗୁଡ଼ିକ ଆମର ହେଲେବି ଆମେ ତ ଏପରି ଭାବରେ କହିପାରୁନାହୁଁ କି ରୂପାୟିତ କରିପାରୁନାହୁଁ !" ଏଇଠି ହିଁ ମୋର ଯାହା କିଛି ସାର୍ଥକତା, ଯାହା କିଛି ସାଫଲ୍ୟ ।

ପରିଶେଷରେ ଆଉ ଗୋଟିଏ ନିରାଟ ସତ କଥା କହିବି ମୁଁ। ମୁଁ ଲେଖେ ମୋ ନିରବତାର ଅର୍ଗଳିରୁ ଖସି ଆସିବା ପାଇଁ । ମୁଁ ଲେଖେ ମୋ ବିଜନତା, ମୋ ନିଃସଂଗତାକୁ ଏଡ଼ାଇ ଦେବା ପାଇଁ । ମୁଁ ଖୁବ୍ ସାଧାରଣ, ଖୁବ୍ ବିଚରା ମଣିଷ ଜଣେ -ଜମା ଋଷିପ୍ରତିମ ନୁହେଁ, ଜମା କେଉଁ ନନ୍ଦନବନର ଚିର ଅଧିବାସୀ ନୁହେଁ । ମୁଁ ଆପଣମାନଙ୍କ ପରି ଏଇ ହସ, ଲୁହ ବା ରକ୍ତଝରା ସଂଘର୍ଷଭରା ସଂସାରର ମଣିଷ- କେତେବେଳେ ଫ୍ରାନ୍‌ଜ କାଫ୍‌କାଙ୍କ 'ମେଟାମର୍‌ଫସ୍‌ସିସ୍'ର ହତଭାଗ୍ୟ 'ଗ୍ରେଗାର୍ ସାମ୍‌ସା' ବା ତାଙ୍କ 'ଦି ଟ୍ରାଏଲ୍' ଉପନ୍ୟାସର 'ଜୋସେଫ୍ କେ'ଙ୍କ ପରି ତ ଆଉ କେତେବେଳେ 'ଅମାବାସ୍ୟାର ଚନ୍ଦ୍ର'ର ସେହି ଯାଯାବରୀ 'ରମେଶ କାଉଳ' ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର 'ବଳିଦତ୍ତ' ଚରିତ୍ର ପରି । ତେବେ, ଏମିତି ଲେଖନୀ ଧରି କ୍ରମାଗତ ଭାବରେ ଶବ୍ଦର ସମୁଦ୍ରରେ ଜାଲ ପକାଇ ପକାଇ କ୍ଳାନ୍ତ, ଅବସନ୍ନ ହେଉଥିଲେ ମଧ୍ୟ 'ଦି ଓଲଡ୍ ମ୍ୟାନ୍ ଆଣ୍ଡ ଦି ସି'ର ସେ ମହାନାୟକ 'ସାଣ୍ଟିଆଗୋ' ପରି 'ମୁଁ ଅପରାଜେୟ'- ଏହା ଦିନେ ନିଶ୍ଚୟ କହିବି ବୋଲି ମହତ୍ତ୍ୱାକାଂକ୍ଷାଟିଏ ପୋଷଣ କରିଛି ମୁଁ ।

ହଁ, ମୁଁ ଲେଖେ କାରଣ ମୁଁ ମୋର ଯାବତୀୟ ଦୁଃସ୍ଥିତି, ଦୂରବସ୍ଥା, ମାନସିକ ଅସନ୍ତୁଳନ ସତ୍ତ୍ୱେ ନିଜକୁ 'ଅପରାଜେୟ ଯୋଦ୍ଧା' ବୋଲି ଭାବିବାକୁ ଚାହେଁ, 'ବନ୍ଧ୍ୟାନାରୀର ପୁତ୍ର' ପରି ତାହା ମୋ' ପାଇଁ ନିହାତି ଅସମ୍ଭବ ବୋଲି ମୁଁ ଜାଣିଥିଲେ ବି । ■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ଭାୟା: କାଦୁଅପଡ଼ା, ଜଗତସିଂହପୁର-୬
ମୋ: ୯୮୫୩୩୫୫୧୦୭

# ସଂପତ୍ତି ପାଇଁ ଘର ମାଲିକକୁ ପୋଡ଼ି ହତ୍ୟା

■ ଭଡ଼ାଟିଆ ମହିଳା ଗିରଫ
■ ପ୍ରମାଣ ନଷ୍ଟ ପାଇଁ ମୋବାଇଲ ଓ କିରାସିନି ଜାରକୁ ନିଆଁରେ ପୋଡ଼ିବାକୁ କରିଥିଲେ ଉଦ୍ୟମ

**ବ୍ରହ୍ମପୁର, ୩୧।୫(ସମିସ):** ପାଖରେ ନିଜର କେହି ରହୁନଥିବା ଦେଖି ମାଲିକର ସଂପତ୍ତି ଉପରେ ଦୀର୍ଘ ଦିନରୁ ଆଖି ପକାଇଥିଲେ। ଖାଲି ଉପଯୁକ୍ତ ସୁଯୋଗକୁ ଅପେକ୍ଷା କରି ରହିଥିଲେ। ମାଲିକକୁ କେମିତି ହତ୍ୟା କରି ପର ମୁଣ୍ଡରେ ଅଠା ବୋଳିବେ, ସେଥିପାଇଁ ବି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଥିଲେ। ଆଉ ସେଦିନ ସେ ସୁଯୋଗ ଜୁଟିଥିଲା। ମାଲିକ ଉପରେ କିରାସିନି ଢାଳି ନିଆଁ ଲଗାଇଦେବା ପରେ ଦରପୋଡ଼ା ଅବସ୍ଥାରେ ହସ୍ପିଟାଲ ନେଇଗଲେ। ଗତକାଲି (ଶୁକ୍ରବାର) କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଅବସରପ୍ରାପ୍ତ ଆର୍‌ଆଇ ହରିହର ସାହୁଙ୍କ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇବା ସହ ପୁଲିସ୍ ଆଜି ଏହି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ୍ ଭଡ଼ାଟିଆ ଅଭିଯୁକ୍ତ ମହିଳା ସୁଦେଷ୍ଣା ଜେନା (୫୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ସୋରଡ଼ା ଅଞ୍ଚଳର ତଥା ବ୍ରହ୍ମପୁର ସୁବାସନଗରସ୍ଥିତ ହରିହରଙ୍କ ଘରେ ଭଡ଼ାରେ ରହୁଥିଲେ। ହରିହରଙ୍କ ସଂପତ୍ତି ହଡ଼ପ ପାଇଁ ସେ ଏପରି ସୁଚିନ୍ତିତ ହତ୍ୟାକାଣ୍ଡ ଘଟାଇଥିବା ଆଜି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସୁବାସନଗର ପ୍ରଥମ ଲାଇନ୍‌ରେ ଅବସରପ୍ରାପ୍ତ ଆର୍‌ଆଇ ତଥା ଦିବ୍ୟାଙ୍ଗ ହରିହର ସାହୁଙ୍କ ନିଜ ଘର। ଉକ୍ତ ଘରର ତଳ ଓ ତୃତୀୟ ମହଲାରେ ସୁଦେଷ୍ଣାଙ୍କୁ ଭଡ଼ା ଦେଇ ନିଜେ ହରିହର ଦ୍ୱିତୀୟ ମହଲାରେ ଏକୁଟିଆ ରହୁଥିଲେ। ଗତ ୨୮ ତାରିଖ ବିଳମ୍ବିତ ରାତିରେ ହରିହରଙ୍କୁ କିରାସିନି ଢାଳି ପୋଡ଼ି ପକାଇଥିଲେ ସୁଦେଷ୍ଣା ଏବଂ ୨୯ ତାରିଖ ସକାଳେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିଜେ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ହରିହରଙ୍କ ଝିଅ ଡାକ୍ତରଖାନାରେ ପହଞ୍ଚିଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଏସ୍‌ସିବିରେ ହରିହରଙ୍କର ମୃତ୍ୟୁ ହୋଇଥିଲା।

ପୁଲିସ୍ ସୂଚନାନୁଯାୟୀ, ୨୮ ତାରିଖ ମଧ୍ୟରାତ୍ରିରେ ଅର୍ଥାତ୍ ମୃତ୍ୟୁ ପୂର୍ବରୁ ହରିହର କେହି ଜଣେ ମହିଳା ତାଙ୍କ ଉପରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଝିଅକୁ କହିଥିଲେ। ହରିହରଙ୍କ ବୟାନ ଆଧାରରେ ତଦନ୍ତ କରାଯିବା ପରେ ଘରେ ଭଡ଼ାରେ ରହୁଥିବା ସୁଦେଷ୍ଣା ହିଁ ହରିହରଙ୍କୁ କିରାସିନି ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଜଣାପଡ଼ିଥିଲା।

ହରିହର ଅଭିଯୁକ୍ତ ସୁଦେଷ୍ଣାଙ୍କ ସହିତ ୫ବର୍ଷ ହେଲା ସମ୍ପର୍କ ରଖିଥିଲେ। ସୁଦେଷ୍ଣାଙ୍କର ଗୋଟିଏ ଝିଅ ଓ ସେ ହାଇଦ୍ରାବାଦରେ କାମ କରନ୍ତି। ସୁଦେଷ୍ଣା ତାଙ୍କ ଝିଅ ଘରକୁ ଯିବାକୁ ବାହାରିବା ବେଳେ ହରିହର ତାଙ୍କୁ ବାଧା ଦେଇ ଆସୁଥିଲେ ଏବଂ ତାଙ୍କ ସହ ରହିବାକୁ ବାଧ କରୁଥିଲେ। ଅଧିକାଂଶ ସମୟରେ ସୁଦେଷ୍ଣାଙ୍କ ଅନିଚ୍ଛା ସତ୍ତ୍ୱେ ହରିହର ଯୌନସମ୍ପର୍କ ପାଇଁ ବାଧ କରୁଥିବା ଅଭିଯୋଗ ହୋଇଛି। ଏହାସହ ମୃତକ ହରିହର ଜଣେ ଅବସରପ୍ରାପ୍ତ ସରକାରୀ ଆର୍‌ଆଇ ଏବଂ ତାଙ୍କର ବହୁ ସମ୍ପତ୍ତି ଥିବାରୁ ସୁଦେଷ୍ଣାଙ୍କ ନଜର ମଧ୍ୟ ମୃତକଙ୍କ ସମ୍ପତ୍ତି ଉପରେ ଥିଲା। ସମ୍ପତ୍ତି ହଡ଼ପ ପାଇଁ ସୁଦେଷ୍ଣା ଯୋଜନା କରି ସୁଚିନ୍ତିତ ଉପାୟରେ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏପରିକି, ଅପରାଧର ପ୍ରମାଣ ନଷ୍ଟ ପାଇଁ ମୋବାଇଲ୍ ଘର ଅଗଣାରେ ଥିବା କୂଅ ପାଖରେ ଫିଙ୍ଗିଦେଇଥିଲେ ଏବଂ ପ୍ଲାଷ୍ଟିକ୍ କିରାସିନି ଜାର୍‌କୁ ମଧ୍ୟ ନିଆଁରେ ଫିଙ୍ଗି ଦେଇଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ହରିହରଙ୍କୁ ଉଦ୍ଧାର କରିବାର ଅଭିନୟ କରି ୨ଜଣ ଅଜ୍ଞାତ ବ୍ୟକ୍ତି ଘରେ ପ୍ରବେଶ କରି ହରିହରଙ୍କ ଶରୀରରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଥିଲେ।

# ଆଜିଠୁ ବଢ଼ିବ ଦିନ ତାପମାତ୍ରା

**ଭୁବନେଶ୍ୱର, ୩୧।୫ (ସମିସ):** ଆସନ୍ତାକାଲିଠାରୁ ରାଜ୍ୟବ୍ୟାପୀ ପାଗରେ ପରିବର୍ତ୍ତନ ହେବ। କେବଳ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ଥିବାବେଳେ ଅନ୍ୟ ସ୍ଥାନରେ ପାଗ ପ୍ରାୟତଃ ଶୁଖିଲା ରହିବ। ସୋମବାରଠାରୁ ଆସନ୍ତା ୫ରୁ ୬ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ ବୋଲି ଆକଳନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର।

ନିର୍ଦ୍ଧାରିତ ସମୟ ପୂର୍ବରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଓଡ଼ିଶା ଛୁଇଁବା ପରେ ଏହା ପ୍ରାୟତଃ ସ୍ଥିର ହୋଇଯାଇଛି। ଯାହାଫଳରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ସମ୍ଭାବନା ନାହିଁ। କେବଳ ଦକ୍ଷିଣ ଓଡ଼ିଶାର କାଁ ଭାଁ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ଥିବାବେଳେ ରାଜ୍ୟର ଅନ୍ୟସ୍ଥାନରେ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ପାଇବ ବୋଲି କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟାପୁଛି କରୋନା...

ଏପର୍ଯ୍ୟନ୍ତ କରୋନାରେ ୨୩ ଜଣ ପ୍ରାଣ ହରାଇଲେଣି। ମହାରାଷ୍ଟ୍ରରେ ସର୍ବାଧିକ ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। କେରଳ, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ମୋଟ୍ ୧୩ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏଁ ବ୍ୟକ୍ତି କରୋନାରେ ଜୀବନ ହାରିଛନ୍ତି। ମିଜୋରାମରେ ୭ ମାସ ପରେ କୋଭିଡର ପ୍ରଥମ ମାମଲା ସାମ୍ନାକୁ ଆସିଛି।

### ଧସିଲା ପାହାଡ଼...

କୁହାଯାଉଛି। ଏସ୍‌ଡିଆରଏଫ ଏବଂ ଏନ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି।

ଭୂସ୍ଖଳନ ତ୍ରିପୁରାରେ ଜଣେ ଏବଂ ଆସାମରେ ୫ ଜଣଙ୍କ ଜୀବନ ମଧ୍ୟ ନେଇଛି। ବର୍ଷା ଯୋଗୁଁ ଆସାମରେ ୬ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏଠାକାରେ ବୋନ୍ଦାରେ ଶୁକ୍ରବାର ଭୂସ୍ଖଳନ ହୋଇଥିଲା। ଏଥିରେ ୩ ମହିଳାଙ୍କ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ନେପାଳରେ ବର୍ଷା ଯୋଗୁଁ ବିହାରରେ ସଙ୍କଟ ସୃଷ୍ଟି ହୋଇଛି। କିଶନଗଞ୍ଜ ଜିଲ୍ଲାରେ କନକଇ, ବୁଢ଼ୀ, ମେଚି ଆଦି ନଦୀ ଫୁଲିବାରେ ଲାଗିଛି। ନଦୀ କୂଳିଆ ଅଞ୍ଚଳରେ ପାଣି ପଶି ଯାଇଛି। ଏଥିଯୋଗୁଁ ଫସଲ ବର୍ବାଦ ହୋଇଯାଇଛି।

### ତେଲଙ୍ଗାନା ଜିତିଲା...

ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଯାହାଫଳରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ତେଲେଙ୍ଗାନାର କଂଗ୍ରେସ ସରକାର ନିଜ ଦାବି ହାସଲ କରିବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର କଣ ପାଇଁ ଫେଲ୍ ମାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳ ବିଶେଷଜ୍ଞଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ ଓଡ଼ିଶାର ମାଲକାନଗିରିର ଅନେକ କ୍ଷୟକ୍ଷତି ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟରୁ ଅଧିକ ପଛୁଆ ଜଳ ଆସିବ। ମାତ୍ର ଓଡ଼ିଶା ଏନେଇ କାହିଁକି ଦୃଢ଼ ଦାବି ଉପସ୍ଥାପନ କରୁନାହିଁ, ତାହାକୁ ନେଇ ବିଶେଷଜ୍ଞ ମହଲ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଗତ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ସମେତ ୪ଟି ରାଜ୍ୟକୁ ନେଇ ବୈଠକ ଅନୁଷ୍ଠିତ ହେବାର ଥିଲା। ମାତ୍ର ଶେଷ ମୂହୂର୍ତ୍ତରେ ଏହି ବୈଠକ ସ୍ଥଗିତ ରହିଥିବା ଜଣାପଡ଼ିଛି। ଆସନ୍ତା ୨୦୨୭ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ କାମ ସାରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କଣ ପ୍ରକଳ୍ପ କାର୍ଯ୍ୟ ସରିଲେ, ଓଡ଼ିଶାର ଅପୂରଣୀୟ କ୍ଷତି ହେଲେ ଯାଇ ଓଡ଼ିଶା ସରକାର ମୁହଁ ଖୋଲିବେ ବୋଲି ବୁଦ୍ଧିଜୀବି ମହଲ ପ୍ରଶ୍ନ କରିଛନ୍ତି। ଏମିତି ଜଳକା ପରି ଅଭିନୟ ନ କରି ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ପାଇଁ ମୁହଁ ଖୋଲନ୍ତୁ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ ଦାବି କରାଯାଇଛି।

### ଦେବ ବିବାହ...

ଯୁଗଳ ଦର୍ଶନ ଶୋଭାଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ଦେବ ବିବାହ ଉତ୍ସବରେ ସାମିଲ ହେବାକୁ ଘରେ ଘରେ କୁଣିଆ ମୈତ୍ରଙ୍କ ଭିଡ଼ ଲାଗିଛି। ଲୋକାରଣ୍ୟ ହୋଇପଡ଼ିଛି ସମ୍ବଲପୁରର ରାସ୍ତାଘାଟ।

ଗତ ୨୯ ତାରିଖରେ ଝାଡ଼ୁଆପଡ଼ା, ମୁଦିପଡ଼ା, ବଡ଼ବଜାର ଓ ଠାକୁରପଡ଼ା ସମେତ ସମସ୍ତ ଶିବାଳୟରେ ପତରପେଁଡ଼ି ନୀତି ଓ ୩୦ ତାରିଖ ହନୁମାନ ନିଉତା ବା ଗୁଆଗୁଁଡ଼ା ନୀତି ସମ୍ପନ୍ନ ହୋଇଥିଲା। ଗତ ୨୭ ତାରିଖ ନନ୍ଦପଡ଼ାର ପତରପେଁଡ଼ି, ୨୮ ରେ ନୃସିଂହ ନିଉତା ଓ ୨୯ ରେ ସାକ୍ଷୀ ଗୋପୀନାଥ ନିମନ୍ତ୍ରଣ ନୀତି ହୋଇଥିଲା। ଆଜି ସକାଳେ ଗଣ୍ଡଲାହିଟା ନୀତି ପରେ ମାତା ପାର୍ବତୀଙ୍କ ଚଳିତବର୍ଷର ମାତାପିତା ସ୍ୱଗୃହକୁ ନେଇଥିଲେ। ତା' ପରେ ଶିବାଳୟରେ ଶିବଙ୍କ ଅଭିଷେକ ହୋଇଥିଲା। ଅଭିଷେକ ପରେ ମହାଦେବଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିବା ବେଳେ କନ୍ୟାଗୃହରେ ମାତା ପାର୍ବତୀଙ୍କ ଗନ୍ଧଷଣ ଓ ତୈଳାଭିଷେକ ହୋଇଥିଲା। ଏହାସହ ହଳଦୀମଖା ନୀତି ହୋଇଥିଲା। ମହିଳାମାନେ ଏହାକୁ ଉତ୍ସାହର ସହ ପାଳନ କରିଥିଲେ। ରାତ୍ରିରେ ଦେବଦେବ ମହାଦେବ ବାଜା, ବାଣ ଓ ରୋଶଣୀ କରି ବରଯାତ୍ରାରେ ବାହାରିଥିଲେ। ସେମାନେ କନ୍ୟାଗୃହରେ ପହଞ୍ଚିବାପରେ ସେମାନଙ୍କୁ ପାଛୋଟି ନେଇ ଲୌକିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଥିଲା। ବିଳମ୍ବିତ ରାତ୍ରି ବ୍ରାହ୍ମ ମୁହୂର୍ତ୍ତରେ ଜ୍ୟେଷ୍ଠ ଶୁକ୍ଳ ପକ୍ଷ ପଞ୍ଚମୀ ଗତେ ଷଷ୍ଠୀ ଶୁଭଲଗ୍ନରେ ଦେବଦେବ ମହାଦେବଙ୍କ ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ହାତଗଣ୍ଠି ପଡ଼ିଥିଲା।

ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବା, ମୁଦିପଡ଼ାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡ଼ାର ଶ୍ରୀଗୁପ୍ତେଶ୍ୱର ବାବା, ବାଲିବନ୍ଧାର ଶ୍ରୀସୋମନାଥ ବାବା ବୃଷଭ, ଦେବାଦେବୀ ଓ ବରଯାତ୍ରୀ ଦଳ ତଥା ବାଜାଗଜା ସହ ବିବାହସ୍ଥଳ ଯଥାକ୍ରମେ ନାରୀସେବା ସଦନ, ମହାନଦୀ କ୍ଲବ, ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ, ମୁଦିପଡ଼ା ରାଧାକୃଷ୍ଣ ମନ୍ଦିର, ପାଞ୍ଚଗଛିଆ ଓ ହୀରାକୁଦ କଲୋନୀରେ ଯାଇ ପହଞ୍ଚିଥିଲେ। ସେଠାରେ କନ୍ୟା ପକ୍ଷ ସେମାନଙ୍କୁ ପାଛୋଟି ନେଇଥିଲେ। ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କୁ କନ୍ୟା ପିତାମାତା ପ୍ରତାପ ନନ୍ଦ ଓ ଲିପିକା ନନ୍ଦ ସ୍ୱାଗତ କରି ପାଛୋଟି ନେଇଥିବା ବେଳେ ଝାଡ଼ୁଆପଡ଼ାର ଶ୍ରୀ ଲୋକନାଥ ବାବାଙ୍କୁ କନ୍ୟା ପିତାମାତା ସୁରେଶ ପୂଜାରୀ ଓ ପଦ୍ମିନୀ ନାୟକ, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କୁ ମୃତ୍ୟୁଞ୍ଜୟ ଦାଶ ଓ ମଧୁସ୍ମିତା ପଣ୍ଡା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବାଙ୍କୁ ଅକ୍ଷୟ କୁମାର ଜେନା ଓ କିରଣ ଜେନା, ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କୁ ରାଜେନ୍ଦ୍ର ଶର୍ମା ଓ ଅଳକା ଶର୍ମା, ବାଲିବନ୍ଧାର ଶ୍ରୀ ସୋମନାଥଙ୍କୁ ହିମାଂଶୁ ଚନ୍ଦ୍ର ପାଢ଼ୀ ଓ ବବିତା ପାଢ଼ୀଙ୍କ ସମେତ କନ୍ୟାପକ୍ଷ ସ୍ୱାଗତ କରିଥିଲେ। ପରେ ବୈଦିକ ରୀତିନୀତିରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବବିବାହ ହୋଇଥିଲା। ସେହିପରି ଅନ୍ୟ ଶିବାଳୟମାନଙ୍କରେ ମଧ୍ୟ ଦେବଦେବ ମହାଦେବ ବରଯାତ୍ରାରେ ଯାଇ ଦେବବିବାହ ସମ୍ପନ୍ନ ହୋଇଛି।


**APPOINTMENT**

SAI RAM

ରାୟଗଡ଼ା ଏବଂ ନୟାଗଡ଼ (ଖଣ୍ଡପଡ଼ା ବ୍ଲକ୍) ରେ **Computer Teacher** ଯୋଗ୍ୟତା ଭିତ୍ତିରେ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀମାନେ ଏହି ବିଜ୍ଞାପନ ପ୍ରକାଶିତ ହେବାର ୭ଦିନ ମଧ୍ୟରେ ନିମ୍ନ Email ଠିକଣାରେ Bio-Data ପଠାନ୍ତୁ।

ବି.ଦ୍ର.: ଏହା ସମ୍ପୂର୍ଣ୍ଣ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଏ। ଠକଙ୍କ ଠାରୁ ଦୂରେଇ ରୁହନ୍ତୁ। ଏହି ସଂସ୍ଥା ନିଯୁକ୍ତି ନିମନ୍ତେ କୌଣସି ଅର୍ଥ ଆଦାୟ କରେ ନାହିଁ। ଯଦି କୌଣସି ବ୍ୟକ୍ତି ଚାକିରୀ ପାଇଁ ଅର୍ଥ ଆଦାୟ କରନ୍ତି, ତେବେ ତୁରନ୍ତ ଆମ ଅଫିସ ନମ୍ବରରେ ଯୋଗାଯୋଗ କରନ୍ତୁ।

**SAIRAM TECHNOLOGY & SOLUTIONS**
Plot No. 3660, 2nd Floor, Prachi Vihar, Lane -1, Palasuni, Bhubaneswar
Web : www.srtechnologyandsolutions.com
Email: hr@srtechnologyandsolutions.com
Phone : 9776064677

**BIJAY CHAND SANSKRIT COLLEGE**
SAMAGOL, KUJANG, JAGATSINGHPUR, PIN - 754141
Mob.No.: 9861228204
Email: principalbcsc2017@gmail.com
Notice No. 25/2025 / Date: 30/05/2025

**QUOTATION CALL NOTICE**

Sealed cover quotations along with requisite documents are invited by the undersigned from GST registered firms/agencies and organization for Procurement of I.T Equipment like Desktop Computers, UPS Systems, Multifunction Printers (MFM), LED TVs (65-Inch), wireless mice, cameras for virtual meetings and Internet facilities etc. should reach in the office of the undersigned on or before 10/06/2025 at 1.00 P.M, which will be opened on the same day dt. 10/06/2025 at 2.00 P.M.The authority reserves the right to accept or reject any or all quotations without assigning any reason thereof.

Sd/- Principal
Bijay Chand Sanskrit College
Samagol, Kujang, Jagatsinghpur

**ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋଉର, ରେଢ଼ାଖୋଲ**
ବିଜ୍ଞାପନ ସଂଖ୍ୟା ୩୮୨୪ ଦେବୋଉର / ତାରିଖ ୨୮.୦୫.୨୦୨୫

ଏତଦ୍ଦ୍ୱାରା ରେଢ଼ାଖୋଲ ଉପଖଣ୍ଡ ର ସମସ୍ତ ଦୋକାନୀ ଓ ଜନସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣେଇ ଦିଆଯାଉଅଛି ଯେ ଜଗନ୍ନାଥ ମନ୍ଦିର ର ପଶ୍ଚିମ-ଦକ୍ଷିଣ ପାର୍ଶ୍ୱରେ ନିର୍ମିତ ହୋଇଥିବା ୩ ଗୋଟି ଦୋକାନ ଘର ଗୁଡିକ ଅମାନତ ରାଶି (security ) ବାବଦ କୁ ଟ ୧୦୦୦୦୦/- (ଏକଲକ୍ଷ ଟଙ୍କା) ଓ ମାସିକ ଭଡା ଟ ୧୫୦୦/- (ଏକହଜାର ପଞ୍ଚାଶହ ଟଙ୍କା) ସୂତ୍ର ରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନଘର ପାଇଁ ବିଜ୍ଞପ୍ତିପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତଫର୍ମରେ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ।

ଦୋକାନଘର ଆବଣ୍ଟନ ସମ୍ପର୍କରେ ଉପଜିଲ୍ଲାପାଳ ତଥା ନିର୍ବାହୀଅଧିକାରୀ ଦେବୋଉର,ରେଢ଼ାଖୋଲ କୌଣସି କାରଣ ନଦର୍ଶାଇ ଉକ୍ତ ଦୋକାନଘର ଆବଣ୍ଟନ ପ୍ରକ୍ରିୟାକୁ ରଦ କରିପାରିବେ।

ଉପଜିଲ୍ଲାପାଳ-ତଥା-ନିର୍ବାହୀଅଧିକାରୀ
ଦେବୋଉର,ରେଢ଼ାଖୋଲ

**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Audited Financial Results For Quarter and Year Ended 31st March '2025**
(Rs in lakhs)

| Sl No. | Particulars | Quarter Ended 31.03.2025 (Reviewed) | Quarter Ended 31.03.2024 (Reviewed) | Year Ended 31.03.2025 (Audited) | Year Ended 31.03.2024 (Audited) |
|---|---|---|---|---|---|
| 1 | Total Income from Operation (including Other Income) | 1,467.84 | 1,983.65 | 6,260.56 | 8,531.30 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (19.77) | (1,052.42) | 671.34 | 232.65 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (19.77) | (1,052.42) | 671.34 | 232.65 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (15.24) | (1,055.94) | 438.51 | 229.13 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 39.18 | (1,108.42) | 492.93 | 176.65 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (21,180.29) | (21,673.22) | (21,180.29) | (21,673.22) |
| 8 | Earning per share (Rs) | | | | |
| | (i) Basic: | (0.02) | (1.21) | 0.50 | 0.26 |
| | (ii) Diluted: | (0.02) | (1.21) | 0.50 | 0.26 |

1. The above results of the Company were approved by the Board of Directors at their respective meetings held on 30.05.2025
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 30th May '2025

**GOVERNMENT OF ODISHA** A-233
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
Email: eeteldivn2022@gmail.com
**E-Procurement Notice No. EE, TID, SNP-03/2025-26**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

| | | |
|---|---|---|
| 1 | Name/Nature of the work | Canal Lining & Canal structure works |
| 2 | No of Works | 12 Nos |
| 3 | Class of Contractor | As mentioned in Col. No. 4 of NIT |
| 4 | Bid Identification No. | EE, TID, SNP -03/2025-26 |
| 5 | Estimated Cost(Approximate) | From Rs. 5.20 lakhs to Rs 11.10 Lakhs |
| 6 | Period of Completion | As per mentioned in Col No. 7 of NIT |
| 7 | Date & time of availability of bid documents in the Portal. | **From 03.06.2025 (10.00 AM) to 17.06.2025 ( 05.30 PM)** |
| 8 | Last date/time for receipt of bids in the Portal | **In portal -17.06.2025 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 18.06.2025 (11.00 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Executive Engineer
Tel Irrigation Division,
Sonepur

OIPR-32362/11/0007/2526

**OFFICE OF THE PRINCIPAL PANCHAYAT SAMITI DEGREE COLLEGE, BANGOMUNDA, DIST. BALANGIR (ODISHA) PIN – 767040**
Mob: 9078208298

**TENDER CALL NOTICE**

Sealed tender are hereby invited from the intending manufacturers/ authorized stockists/ Distributors for supply of following items for upgrading I.T. infrastructure at Panchayat Samiti Degree College, Bangomunda, Dist. Balangir. The details specification and guideline may be refer to Govt. of Odisha, Deptt. of Higher Education vide Letter No. 12655 Dated 05.03.2025

| Sl No. | ITEM/ DESCRIPTION | Quantity |
|---|---|---|
| 1 | DESKTOP ( Intel I3 (13100) or Higher, Chipset – Intel H770 or Higher, OS- Windows – 11 Home Factory Preloaded), Intel UHD Graphics 770 or higher, 512 GB NVMe SSD, 19.5" LED Display with CTO Certified same must be belongs to the same OEM, KEYBOARD, MOUSE | 12 |
| 2 | UPS – 600VA/ 360W, 230 VAC nominal, | 12 |
| 3 | MFM Printer (Print, Scan and Copy) A4 and Legal, Print Speed – 26 to 30, Auto Duplexing Printing (2 sided printing) | 02 |
| 4 | LED TV 65" (350 Nits or better), HDR10, HLG, Speaker Position – Down firing (10W + 10W), Android TV, Storage 16 GB, RAM – 3GB, WiFi, LAN | 01 |
| 5 | Wireless Mice and Camera ( Logitech Master Series Graphite MX Brio 4K Ultra HD Web Camera) for virtual meeting | 01 |
| 6 | Internet Facilities | |

The eligible bidders may submit their tender paper on or before 09.06.2025 by 5 PM through Regd. Post/ Speed Post/ Email: psdegreecollegebangomunda@gmail.com the undersigned reserves the right to cancel part or hole of tender/ quotation without specifying any reason thereof.

Sd/- Principal

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
**GADHWAL GROUP**
**Mob.: 9437015112**

**AFFIDAVIT**
I, Prem Kumar Agarwal S/o- Late Sawarmal Agarwal, resident of ward no 18, Shri Ram colony, PO/PS- Rajgangpur Dist- Sundergarh, Pin - 770017 Odisha declare by this affidavit No.121, dtd- 30.05.2025 that now onwards I shall be known as **PREM CHAND AGARWAL** for all future purposes.

**AFFIDAVIT**
I, Alok Swain, aged about 47 years, S/o- Muralidhar Swain, resident of At- Plot No- 513 B, Nua Sahi, Po/Ps- Nayapalli, Bhubaneswar, Dist- Khurda, Odisha, Pin- 751012, do hereby declare by this affidavit No. 1091, dtd. 31/05/2025 that now onwards I shall be known as **ALOK KUMAR SWAIN** for all future purposes.

**AFFIDAVIT**
I, Basanti Sahu, aged about 40 years, W/o- Ganeswar Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 472, dtd- 30/05/2025 that now onwards I shall be known as **BASANTI SAHOO** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Gania on dated- 30/05/2025. I, **Umamani Sahoo,** aged about 65 year, W/o- Late Kashinath Sahoo, Address: Vill/Po/Ps- Gania, Dist- Nayagarh, Odisha that my actual name is Umamani Sahoo as per my Aadhar Card and Voter ID Card my name mentioned as Matiani Sahoo. **Umamani sahoo and Matiani Sahoo** are same and one person. Henceforth, I will be known as **Umamani Sahoo** in all future purposes.
**Umamani Sahoo**

**AFFIDAVIT**
By virtue of an affidavit sworn before The Notary Public, Swampatna, Keonjhar on dated- 31/05/2025. I, **Sabitri Mahanta,** W/o- Bata Krushna Mahanta, Address: At- Nuapada, PO- Tangarpada, PS- Patna, Dist- Keonjhar, Odisha declare that I have changed my name from **Debaki Mahanta To Sabitri Mahanta.** Henceforth, I shall be known as **Sabitri Mahanta** for all future purposes.
**Sabitri Mahanta**

**AFFIDAVIT**
I, Sk Mahasim Mohammad, S/o- Sk Nasim Mohammad, resident of Fazalpur, Po/Ps- Korei, Dist- Jajpur, Pin-755022 Odisha declare by this affidavit No.5243 dtd.- 29/05/2025 that now onwards I shall be known as **SK MOHSIM MOHAMMAD** for all future purposes.

**AFFIDAVIT**
I, Dolagobinda Sahu, aged about 85 years, S/o- Dadhi Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 471, dtd- 30/05/2025 that now onwards I shall be known as **DOLAGOBINDA SAHOO** for all future purposes.

**AFFIDAVIT**
By Virtue of an affidavit No: 1526, Dtd 30.05.2025 in the court of Executive Magistrate, Phulbani, Dist: Khandhamal, I, Baibasut Kanhar have changed my name from Mamita Kanhar to Baibasut Kanhar. Henceforth I shall be known as **Baibasut Kanhar** instead of Mamita Kanhar for all purpose.
**Sd/- Baibasut Kanhar**

**AFFIDAVIT**
I, KUNI LATA NAYAK, W/O- BABULAL NAYAK OF VILL- SUSHILADEIPUR, P.O- RAMBHILA, P.S- BHADRAK (R), DIST- BHADRAK, PIN- 756111, DECLARE BY THIS AFFIDAVIT NO-5954, 27-05-2025, THAT NOW ONWARDS . MY DAUGHTER NAME WRONGLY MENTIONED AS AADHAAR CARD NO- 9158 7012 3049 PRAGYAN NAYAK . SHE SHALL BE KNOWN AS PRIYANKA NAYAK FOR ALL PURPOSES .

**AFFIDAVIT**
I, Jyotshna Rani Sahu, W/o- Trilochan Sahu resident of At- Benagudia, Po- Radhaballavpur, Ps-Soro, Dist- Balasore, Odisha - 756045 declared by this affidavit before the Court of Executive Magistrate, Soro No.2232 / dtd-14/05/2025 that, changed my Name Jyotsna Sahu to Jyotshna Rani Sahu. I will be known as **Jyotshna Rani Sahu** instead of Jyotsna Sahu in all respect for all purpose.

**AFFIDAVIT**
By virtue of an affidavit before Executive Magistrate, Bhubaneswar, I, Mausumi Mahapatra, D/o- Akhaya Kumar Mahapatra permanent resident of Plot No. 25/1981, Unit-7, Ganganagar, OUAT Hostel No.9, Ps.- Khandagiri, Bhubaneswar, Odisha, PIN- 751003 state that, my former name was **Mousumi Mahapatra** which has been corrected to **Mausumi Mahapatra.** So **Mousumi Mahapatra** and **Mausumi Mahapatra** is one and same person. Henceforth I will be known as **Mausumi Mahapatra** for all future purposes.

**AFFIDAVIT**
I, Rashmi Agrawal W/o Rohit kumar agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.117 dtd- 30.05.2025 that now onwards I shall be known as **RASHMI AGARWAL** for all future purposes.

**AFFIDAVIT**
I P.UMA MAHESWARI ,W/o Peddina Shanamukha Babu, resident of at Trinath Mandir Street, Po- Jayanagar, Ps.: Jeypore, Dt.: Koraput, Odisha -764005 declare by this Affidavit No.2523, Dated - 29/05/2025, that now onwards I shall be known as **PEDDINA UMA MAHESWARI** for all future purpose.

**AFFIDAVIT**
I, Rohit Agrawal s/o Prem chand Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin-751006 Odisha declare by this affidavit No.118 dtd- 30.05.2025 that now onwards I shall be known as **ROHIT KUMAR AGARWAL** for all future purposes.

**AFFIDAVIT**
I, Mahak Agrawal D/o. Rohit kumar Agarwal, resident of Flat no- 104 B block, Goodwill residency, Jharpada, Bhubaneswar, Dist Khorda, Pin - 751006 Odisha declare by this affidavit No.119 dtd- 30.05.2025 that now onwards I shall be known as **MAHAK AGARWAL** for all future purposes.

**AFFIDAVIT**
I, Ganeswar Sahu, aged about 41 years, S/o- Dolagobinda Sahoo, resident of At/Po- Nembara, Dist- Kendrapara, PIN- 754212, Odisha declared by this affidavit No. 475, dtd- 30/05/2025 that now onwards I shall be known as **GANESWAR SAHOO** for all future purposes.

## ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ

# ୬ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

ରାଉରକେଲା, ୩୧।୫ (ସମିସ)



ନିଛାଟିଆ ସ୍ଥାନରେ ଡକାୟତି ଯୋଜନାବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ରେଲୱେ କଲୋନୀ ଇନ୍ଦିରା ନଗର ବସ୍ତିର ପବନ ସାହୁ (୧୯), ସୁମିତ ସିଂ (୨୧), ମାଲଗୋଦାମ ବସ୍ତିର କାହ୍ନୁ ନାଏକ (୪୨), ମହତାବ ରୋଡର ଆଦିତ୍ୟ ସାହୁ (୧୯), ଗୋପବନ୍ଧୁପାଲି ବସ୍ତିର ବିଲାଲ ଓରଫ ବଣ୍ଟି ମନସୋରି (୨୯) ଓ ଉଦିତନଗର ରେଭିନ୍ୟୁ କଲୋନୀର ରାହୁଲ ପ୍ରଧାନ ଓରଫ ଢୋଲୁ (୩୮) କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି, ଗୋଟିଏ ଛୁରୀ, ଗୋଟିଏ ସକର ପାଇପ ଓ ଦୁଇଟି ଆଇରନ ରଡ଼ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଟିମ୍ବର କଲୋନୀସ୍ଥିତ ପରିବା ମାର୍କେଟ ପଛ ପଟେ କିଛି ଦୁର୍ବୃତ୍ତ ଏକାଠି ବସିଥିବା ସୂଚନା ମିଳିଥିଲା। ଏହି ଆଧାରରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସ୍ଆଇ ଡି.କେ ଦଳାଇ ନିଜ ଟିମ୍ ସହ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସମସ୍ତେ ଦୌଡ଼ି ପଳାଇ ଯିବାକୁ ଉଦ୍ୟମ କରିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନଥିଲା। ଗିରଫ ଅଭିଯୁକ୍ତମାନଙ୍କୁ ପଚରା ଉଚରା ପରେ ନିକଟସ୍ଥ ଘର, ଦୋକାନ ଓ ପେଟ୍ରୋଲ ପମ୍ପ ଠାରେ ଡକାୟତି ଯୋଜନା କରୁଥିବା ଜଣାପଡ଼ିଥିଲା। ଗିରଫ ପବନ ନାଁରେ ପୂର୍ବରୁ ୩ଟି, ସୁମିତ ନାଁରେ ୩ଟି, କାହ୍ନୁ ନାଁରେ ୨ଟି, ଆଦିତ୍ୟ ନାଁରେ ୩ଟି, ବିଲାଲ୍ ନାଁରେ ୭ଟି ଓ ରାହୁଲ ନାଁରେ ୭ଟି ଅପରାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# ମୁକ୍ତେଶ୍ୱର ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ, ଶିବ ବିବାହ

**ରାଉରକେଲା, ୩୧।୫ (ସମିସ):** ପବିତ୍ର ଶୀତଳ ଷଷ୍ଠୀ ପାଳନ ଅବସରରେ ସ୍ଥାନୀୟ ଟିମ୍ବର କଲୋନୀରେ ଥିବା ମୁକ୍ତେଶ୍ୱର ମନ୍ଦିର ପରିସରରେ ଏକ ଛଅ ଦିନିଆ ଧାର୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଶନିବାର ଶିବ ପାର୍ବତୀ ବିବାହ କରାଯାଇଥିଲା। ଏହି ଅବସରରେ ବିଶ୍ୱ ଶାନ୍ତି ଯଜ୍ଞ ମଧ୍ୟ ଆୟୋଜନ କରାଯାଉଛି ଯେଉଁଥିରେ ବହୁ ସଂଖ୍ୟକ ଲୋକ ଅଂଶଗ୍ରହଣ କରିଛନ୍ତି। ଏଠାରେ ପ୍ରତିଦିନ ପ୍ରସାଦ ମଧ୍ୟ ସେବନ କରାଯାଉଛି। ମେ ୨୯ ତାରିଖରେ ଶୀତଳ ଷଷ୍ଠୀ ଯାତ୍ରା ଶିବ ବିବାହ ଏବଂ ବିଶ୍ୱ ଶାନ୍ତି ମହାଯଜ୍ଞ ପାଇଁ ଚାରା ରୋପଣ କରାଯାଇଥିଲା। ମେ ୩୦ ତାରିଖରେ ସକାଳେ କଳସ ଯାତ୍ରା ଏବଂ ସନ୍ଧ୍ୟାରେ ଯଜ୍ଞ ପାଇଁ ଅଗ୍ନି ସ୍ଥାପନ କରାଯାଇଥିଲା। ଆଜି ସକାଳେ ସୂର୍ଯ୍ୟ ପୂଜା ଏବଂ ରୁଦ୍ର ଶକ୍ତି ଆରତୀ ସମାପ୍ତ କରିବା ପରେ, ସନ୍ଧ୍ୟାରେ ମନ୍ଦିର ପରିସରରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭଜନ ସନ୍ଧ୍ୟା ମଧ୍ୟ ଆୟୋଜନ କରାଯାଇଥିଲା। ଜୁନ୍ ୧ ତାରିଖରେ ଅହୁତି, ସନ୍ଧ୍ୟାରେ ଆରତି ଏବଂ ନଗର ପାରିକ୍ରମା ଅନୁଷ୍ଠିତ ହେବାକୁ ଥିବାବେଳେ ୨ ରେ ସୂର୍ଯ୍ୟ ପୂଜା, ଆହୁତି, ଗୀତା ପାଠ ସହିତ ଯଜ୍ଞ ସମ୍ପୂର୍ଣ୍ଣ ହେବ। ମୁଖ୍ୟ ପୁରୋହିତ ବିନୟ କୁମାର ମିଶ୍ର ଶର୍ମା ଏବଂ ସ୍ଥାୟୀ ପୁରୋହିତ ନବ କିଶୋର ମିଶ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମନ୍ଦିର କମିଟିର ସଭାପତି ଗୟାଧର ମଲ୍ଲିକ, କାର୍ଯ୍ୟରତ ସଭାପତି ସୁଧାକର ଧଳସାମନ୍ତ, ଉପସଭାପତି ସୁଦର୍ଶନ ମଲ୍ଲିକ, ଅଜୟ କୁମାର ନାୟକ, ସଚିବ ଦୀପ୍ତିରଞ୍ଜନ ଦାସ, ଯୁଗ୍ମ ସଚିବ ମନୋରଞ୍ଜନ ଗୌଡ଼, ଶ୍ରୀକାନ୍ତ ନାୟକ, ଚିତ୍ତରଞ୍ଜନ ସାମଲ, ନିରଞ୍ଜନ ପୂର୍ତ୍ତି, ରାଜେନ୍ଦ୍ର କୁମାର ଦାସ, ତ୍ରିଲୋଚନ ସଚିବ ଏଥିରେ ରକ୍ଷକ ଦେବେନ୍ଦ୍ର ଧଳସାମନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।



# ବଣାଇଁଗଡ଼ ପଞ୍ଚାୟତ ସମିତି ସାଧାରଣ ବୈଠକ

**ବଣାଇଁ, ୩୧।୫ (ସମିସ):** ବଣାଇଁଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହଠାରେ ଆଜି ଦ୍ୱାଦଶ ତମ ପଞ୍ଚାୟତ ସମିତି ସାଧାରଣ ବୈଠକ ବଣାଇଁଗଡ଼ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲତା କିସାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଯୋଜକ ବଣାଇଁଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ଅତିଥି ଭାବେ ଯୋଗ ଦେଇଥିଲେ। ଉପାଧକ୍ଷା ବିନତି ବେହେରା, ଜିଲ୍ଲା ପରିଷଦ ସଭ୍ୟ (ଖ) ରାମ ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ (କ) ବୀର ବିଚିତ୍ର ସେନ ନାଏକ, ବଣାଇଁ ବିଜେପି ମଣ୍ଡଳ ସଭାପତି ମିଥିଳା ପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ, ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମ୍ୟ ରଞ୍ଜନ ପ୍ରଧାନ, ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରିଆ ଲାକ୍ରା ଉପସ୍ଥିତ ରହିଥିଲେ। ଏହି ବୈଠକରେ ବିଡିଓ ଦିବ୍ୟ ଶଙ୍କର ଜୟପୁରିୟା ସମସ୍ତ ବ୍ଲକସ୍ତରୀୟ ସମ୍ପ୍ରସାରଣ ଅଧିକାରୀ ତଥା କ୍ଷେତ୍ରୀୟ ବିଭାଗୀୟ ଅଧିକାରୀ ଗଣଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳାର ସହିତ ସଭା ପରିଚାଳନା କରିବା ନିମନ୍ତେ ସହଯୋଗ କାମନା କରିଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରିଆ ଲାକ୍ରା ବିବରଣୀ ପାଠ କରିଥିବାବେଳେ ବୈଠକରେ ଆସିଥିବା କୃଷି, ମାଛ ଚାଷ, ମହିଳା ଏବଂ ଶିଶୁ ବିକାଶ, ଉଦ୍ୟାନ, ଶିକ୍ଷା, ପାନୀୟ ଜଳ, ବନ, ସ୍ୱାସ୍ଥ୍ୟ ଓ ବିକଶିତ ଗାଁ ବିକଶିତ ଓଡ଼ିଶାର କାର୍ଯ୍ୟକ୍ରମ ଓ ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ଉନ୍ନୟନ ମୂଳକ କାର୍ଯ୍ୟ ବିଭାଗୀୟ ଅଧିକାରୀ ଗଣ ଉପସ୍ଥାପନା କରିଥିଲେ। ଏହି ବୈଠକରେ ୧୩ ଗୋଟି ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ / ସଭ୍ୟା ଉପସ୍ଥିତ ରହି ନିଜ ଗ୍ରାମ ପଞ୍ଚାୟତର ଉନ୍ନତି କରଣ ପାଇଁ ମତାମତ ପ୍ରଦାନ କରିଥିଲେ। ବୈଠକରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆର୍‌ଏସ୍‌ପି ଦ୍ୱାରା ଏସ୍‌ଏମ୍‌ଏସ୍-୨ରେ ଲାଗିବ ଇଓଟି କ୍ରେନ୍

**ରାଉରକେଲା, ୩୧।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) 'ଏସ୍‌ଏମ୍‌ଏସ୍-୨ କନଭର୍ଟର ଚାର୍ଜିଂବେ'ରେ ଗୋଟିଏ ଇଓଟି କ୍ରେନ୍ ପ୍ରତ୍ୟାରୋପଣ' ପାଇଁ ଅହମ୍ମଦାବାଦର ମେସର୍ସ ଅନୁପମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ସ୍ୱାକ୍ଷର ସମାରୋହ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ ରାହୁଲ ଅଗ୍ରୱାଲ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ ଅଶ୍ୱିନୀ କୁମାର ସାହୁ, ଏସଏମଏସ-୨ ବିଭାଗର ସିଜିଏମ ଏମ.ଜି. ଶ୍ରୀକାନ୍ତ, ସିଇଟି ରାଉରକେଲାର ସିଜିଏମ ଶଲଭ ଶର୍ମା, ଏବଂ ଆରଏସପି ସିଇଟିର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ମେଷର୍ଷ ଅନୁପମ ଇଣ୍ଡଷ୍ଟ୍ରିଜ୍ ର ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଚୁକ୍ତିନାମା ଆରଏସପିର ଇସ୍ପାତ ନିର୍ମାଣ କାର୍ଯ୍ୟରେ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟ। ପ୍ରକଳ୍ପ ପାଇଁ ଗ୍ରହଣ ପତ୍ର (ଏଲଓଏ) ୨୦୨୪ ମଇ ୫ ତାରିଖରେ ଜାରି କରାଯାଇଥିଲା। ଚୁକ୍ତି ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟକାରୀ ତାରିଖରୁ ୧୮ ମାସ ମଧ୍ୟରେ ସମାପ୍ତ ହେବାକୁ ସ୍ଥିର ହୋଇଛି। ଏହି ପ୍ରକଳ୍ପ ପାଇଁ ପରାମର୍ଶଦାତା ମେସର୍ସ ସେଣ୍ଟର ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ରହିଛି। ନୂତନ ଇଓଟି କ୍ରେନ୍ ଏସଏମଏସ-୨ର ଇ-ଏଫ ବେ (୨୫ତମ ସ୍ତମ୍ଭ ଧାଡ଼ି) ର ଗେବଲ ଶେଷ ଆଡ଼କୁ ସ୍ଥାପିତ ହେବ। ସୁଗମ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ ସଂସ୍ଥାପନରେ ଆଂଶିକ ଭାଙ୍ଗିବା ଏବଂ ସଂରଚନାମୂଳକ ଉପାଦାନଗୁଡ଼ିକର ପୁନଃନିର୍ମାଣ ଅନ୍ତର୍ଭୁକ୍ତ ହେବ। ନୂତନ କ୍ରେନ୍ କନଭର୍ଟର ଚାର୍ଜିଂ ବେ କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ବିଶେଷକରି ଉତ୍ତପ୍ତ ଧାତୁ ଲାଡେଲ ଏବଂ ସ୍କ୍ରାପ୍ ଚାର୍ଜିଂ ପରିଚାଳନାରେ, ଯାହା ଇସ୍ପାତ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ନୂତନ ଭାବରେ ନିର୍ମିତ କ୍ରେନ୍ ସଫଳତାର ସହିତ କାର୍ଯ୍ୟକ୍ଷମ ହେବା ପରେ, ବିଦ୍ୟମାନ ୟୁନିଟ୍ କୁ ଡିକମିସନ୍ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭବିଷ୍ୟ ପ୍ରସ୍ତୁତ ଇସ୍ପାତ ନିର୍ମାତା ହେବା ପାଇଁ ଏହାର ଯାତ୍ରାରେ ଆରଏସପିକୁ ଆଗକୁ ବଢ଼ିବାରେ ସାହାଜ୍ୟ କରିବା ସହିତ ଏହାର ଉତ୍ପାଦନ ସୁବିଧାଗୁଡ଼ିକୁ ଆଧୁନିକୀକରଣ ଏବଂ ଶିଳ୍ପ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଆରଏସପିର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।




# ଶିଶୁ ନାଟ୍ୟ କର୍ମଶାଳାରେ ଯୁବ କଳାକାରଙ୍କ ପ୍ରତିଭା ପ୍ରଦର୍ଶନ



**ରାଉରକେଲା, ୩୧।୫ (ସମିସ):** ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା (ଏସ୍‌ଏସ ଡି), ନୂଆଦିଲ୍ଲୀ ଏବଂ ସେଲ୍ଫ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩୦ ଦିନିଆ ପ୍ରଡକ୍ସନ-ଓରିଏଣ୍ଟେଡ୍ ଚିଲଡ୍ରେନ୍ସ ଥିଏଟର କର୍ମଶାଳାରେ ଅଂଶଗ୍ରହଣକାରୀ ପିଲା ଏବଂ ଅଭିଭାବକମାନଙ୍କଠାରୁ ବିପୁଳ ଉତ୍ସାହ ପରିଲକ୍ଷିତ ହେଉଛି। ରାଉରକେଲା ସେକ୍ଟର - ୨୦ ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁଷ୍ଠିତ ଏହି କର୍ମଶାଳା ଯୁବ ନାଟ୍ୟ ପ୍ରତିଭାଙ୍କ ପାଇଁ ଏକ ହୃଦୟସ୍ପର୍ଶୀ ମଞ୍ଚ ସାବ୍ୟସ୍ତ ହୋଇଛି। ସହରର ୧୪ଟି ସ୍କୁଲର ୮ ରୁ ୧୬ ବର୍ଷ ବୟସର ମୋଟ ୪୦ ଜଣ ପିଲା ପ୍ରତ୍ୟେକ ଦିନ ଏହି ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କୁ ଅଭିନୟ, ସ୍ୱର ମୋଡ୍ୟୁଲେସନ୍, ମଞ୍ଚ ଉପସ୍ଥିତି ଏବଂ ଦଳଗତ କାର୍ଯ୍ୟ ସମେତ ନାଟ୍ୟକ୍ଷେତ୍ରର ବିଭିନ୍ନ ଦିଗ ଉପରେ ତାଲିମ ଦିଆଯାଉଛି। କର୍ମଶାଳାର ନିର୍ଦ୍ଦେଶକ ପ୍ରସିଦ୍ଧ ନାଟ୍ୟ ବ୍ୟକ୍ତିତ୍ୱ ଏବଂ ଏନ ଏସ ଡି ର ପୂର୍ବତନ ଛାତ୍ର ଜଗନ୍ନାଥ ସେଠ ସୃଜନଶୀଳତା ଏବଂ ସମର୍ପିତ ଭାବନା ସହିତ ଅଧିବେଶନଗୁଡ଼ିକର ନେତୃତ୍ୱ ନେଉଛନ୍ତି। ରାଉରକେଲାର ସିଭିକ୍ ସେଣ୍ଟରରେ ଆସନ୍ତା ଜୁନ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ ବିଶାଳ ମଞ୍ଚ ପ୍ରଯୋଜନା ସହିତ ଏହି କର୍ମଶାଳା ଉଦଯାପିତ ହେବ, ଯେଉଁଠାରେ ପିଲାମାନେ ଏକ ପୂର୍ଣ୍ଣାଙ୍ଗ ନାଟ୍ୟ ପ୍ରଦର୍ଶନରେ ସେମାନଙ୍କର ନବ ଉପାର୍ଜିତ ନାଟ୍ୟ ଦକ୍ଷତା ପ୍ରଦର୍ଶନ କରିବେ।

# ଶ୍ରୀଜଗନ୍ନାଥ କଳା ପରିଷଦର ବାର୍ଷିକୋତ୍ସବ

**ରାଉରକେଲା, ୩୧।୫ (ସମିସ):** ରାଉରକେଲାର ଅନ୍ୟତମ ନୃତ୍ୟାନୁଷ୍ଠାନ ଶ୍ରୀଜଗନ୍ନାଥ କଳା ପରିଷଦର ଦ୍ୱିଦିବସୀୟ ୧୮ତମ ବାର୍ଷିକୋତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ନୃତ୍ୟଗୁରୁ ପୁଷ୍ପା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଆବାହକତ୍ୱରେ ଆୟୋଜିତ ପ୍ରଥମ ଦିବସରେ ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ତପନ କାନେକର, ସମାଜସେବୀ ଓମ ପ୍ରକାଶ ବାପୁଡିଆ, ପୁରନମଲ ଅଗ୍ରୱାଲ, ପ୍ରଦୀପ ପଟ୍ଟନାୟକ, ଆନନ୍ଦ ଅଗ୍ରୱାଲ, କଳ୍ପନା ଶତପଥୀ, ଅନିତା ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୃତ୍ୟ ଶିଳ୍ପୀଙ୍କୁ ଉତ୍ସାହିତ କରିବା ସହ ପରିଷଦର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡିଶୀ ନୃତ୍ୟଶିଳ୍ପୀ ରାଜକୁମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ପ୍ରଫେସର ଡଃ ସମର ମୁଦାଲି, ସମାଜସେବୀ କମଳ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ସଂସ୍କୃତି, ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ଶ୍ରୀଜଗନ୍ନାଥ କଳା ପରିଷଦର ଅନନ୍ୟ ଭୂମିକାକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ବେହେଲା ବାଦକ ଗୁରୁ ଶରତଚନ୍ଦ୍ର ଧଳ ଓ ନୃତ୍ୟ ନିର୍ଦ୍ଦେଶକ ବିଜୟ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଚାରକ ତଥା ଅତିଥି ଭାବେ ଆରଜେ ମଳୟ ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ସକାଳେ ଅନୁଷ୍ଠାନ ତରଫରୁ ଫେସନ ସୋ କରାଯାଇ ଓ ପୂର୍ବରୁ ଚିତ୍ରାଙ୍କନ, ରାଇମ୍ସ ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଏହି ନୃତ୍ୟ ଉତ୍ସବ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ନୃତ୍ୟଶିଳ୍ପୀ ମାନଙ୍କୁ ପ୍ରଶଂସାପତ୍ର, ଉପଢୌକନ ଓ ମେମୋଣ୍ଟୋ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅନିଲ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ମିତାଞ୍ଜଳୀ ପଟ୍ଟନାୟକ, ନମିତା ମହାରଣା, ସବିତା ମିଶ୍ର, ଡଲି ସାହୁ, ଗୀତିମୟୀ ଗୌଡ, ମୀନତି ମଲ୍ଲିକ, ଗାୟତ୍ରୀ ବିଷୋୟୀ, ଅଙ୍ଗୁରବାଳା ଦଳେଇ, ସନ୍ଧ୍ୟା ରାଣୀ ମହାନ୍ତି, ସ୍ନେହା ନାୟକ, ବବିତା ମିଶ୍ର, ରାଜଶ୍ରୀ ସ୍ୱାଇଁ, ପୁଷ୍ପ ନନ୍ଦ, ଅନିତା ଦାସ, ରୋଜି ସାହୁ, ବିଶ୍ୱରଞ୍ଜନ, ସୌରଭ ମହାନନ୍ଦ, ରୁଦ୍ର ପ୍ରଧାନ, ପ୍ରତୀକ ମିଶ୍ର, ସବିତା ମିଶ୍ର, ଦେବସ୍ମିତା ପଟ୍ଟନାୟକ, ସାଲୋନୀ ସିଂହ, ସ୍ୱାଗତିକା ଗୌଡ, ନନ୍ଦିନୀ ସୁନା, ହେମା କୁମାରୀ, ବୈଭବୀ ସାହୁ, ମାହେଶ୍ୱରୀ ନାୟକ, ସୋନାସୀ ମହାରଣା, ଜନ୍ମଞ୍ଜୟ ମହାନ୍ତି, ବିକ୍ରମ ହାଁସଦା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ନୃତ୍ୟଗୁରୁ ପୁଷ୍ପା ମିଶ୍ର ସମସ୍ତଙ୍କ ସହଯୋଗ ତଥା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।



# ହାତିବାରୀ ଲ୍ୟାମ୍ପସ ପରିସରରେ ଖୋଲିଲା ଓମ୍‌ଫେଡ୍ ପାର୍ଲର



**ରାଉରକେଲା, ୩୧।୫ (ସମିସ):** ବିଶ୍ୱ ସମବାୟ ବର୍ଷ ଉପଲକ୍ଷେ ନୂଆଗାଁ ବ୍ଲକ ହାତିବାରୀ ବହୁମୁଖୀ ଆଦିବାସୀ ସମବାୟ ସମିତି (ଲ୍ୟାମ୍ପସ) ପରିସରରେ ଏକ ଓମଫେଡ୍ ପାର୍ଲର ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ସମବାୟ ସମିତିର ଉପନିବନ୍ଧକ ଉମା ଶଙ୍କର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ପାର୍ଲର ଉଦ୍‌ଘାଟନ କରି କହିଲେ ଯେ ପୂର୍ବରୁ ଲ୍ୟାମ୍ପସ ଗୁଡିକ କେବଳ ଚାଷୀଙ୍କୁ ବିଭିନ୍ନ ସମୟରେ ଋଣ ପ୍ରଦାନ କରୁଥିଲେ। ଚାଷୀମାନଙ୍କ ଧାନ କ୍ରୟ କରିବା ସହ ଚାଷୀମାନଙ୍କୁ ବିଭିନ୍ନ ବିହନ, ସାର ଆଦି ଯୋଗାଇ ଦେଇ ଆସୁଥିଲେ। ତେବେ ବର୍ତ୍ତମାନ ଏହି ପାରମ୍ପରିକ କାର୍ଯ୍ୟ ସହ ଆଉ ଏକ ବ୍ୟବସାୟିକ କାର୍ଯ୍ୟ ସହ ଜଡିତ ହୋଇଛି। ସମ୍ମାନିତ ଅତିଥି ଭାବେ ପାନପୋଷ ସମବାୟ ସମିତିର ସହକାରୀ ନିବନ୍ଧକ ବିକାଶ ସାମଦ ଯୋଗ ଦେଇ କହିଥିଲେ ଯେ ଏହି ଓମଫେଡ୍ ପାର୍ଲର ସମବାୟ ସଂସ୍ଥାଗୁଡିକର ଏକ ଆୟର ମାଧ୍ୟମ, ସମବାୟ ଅଧୀନରେ ପରିଚାଳିତ ହେବାକୁ ଥିବା ଏହି ପାର୍ଲରରେ ଦୁଗ୍ଧ ଜାତୀୟ ସମସ୍ତ ପ୍ରକାର ସାମଗ୍ରୀ ଯଥା ଛେନା, ପନିର, ଘିଅ, ଏପରିକି ହଳଦୀ ଆଦି ଜିନିଷ ସୁଲଭ ମୂଲ୍ୟରେ ମିଳି ପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ହାତିବାରୀ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ପ୍ରିୟଙ୍କା ସାହୁ, ସଭାପତି ସାଧନି ଖାଖା, ସମବାୟ ସଂସ୍ଥାର ରିଚାର୍ଡ ପିଟର ବେକ, ଲକ୍ଷ୍ମୀଧର ମୁଣ୍ଡା, ବନମାଳୀ ନାୟକ, ଲ୍ୟାମ୍ପସର କୋଷାଧ୍ୟକ ସରୋଜ କୁମାର ଦାସ, ନିର୍ଦ୍ଦେଶକ ବିଜୟ ଦାସ, ଗଣପତି ଦାସ, ହିମାଂଶୁ ଶେଖର ତ୍ରିପାଠୀ, ମଙ୍ଗଳ ମିଞ୍ଜ, ମୋହନ ସିଂ ଙ୍କ ସହ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ଚାଷୀ ଉପସ୍ଥିତ ଥିଲେ।

# ଖାଉଟି କାର୍ଡ ବାଣ୍ଟିଲେ ଯୋଗାଣ ମନ୍ତ୍ରୀ




**ରାଉରକେଲା, ୩୧।୫ (ସମିସ):** ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗତକାଲି ସେ ରାଉରକେଲା ହାଉସ ପହଞ୍ଚିବା ପରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଓ କର୍ମୀ ତାଙ୍କୁ ସ୍ୱାଗତ ଜଣାଇବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ମନ୍ତ୍ରୀ ଛେଣ୍ଡ ସ୍ଥିତ ନିର୍ମାଣଧୀନ ବିଜ୍ଞାନ ପାର୍କ ଓ ପ୍ଲାନେଟେରିୟମ ପରିଦର୍ଶନ କରି ସମୀକ୍ଷା କରିବା ସହିତ ପ୍ରକଳ୍ପ କାର୍ଯ୍ୟ ଶୀଘ୍ରଶେଷ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଆଗାମୀ ଦିନରେ ବିଜ୍ଞାନର ପ୍ରଚାର ପ୍ରସାର ସହ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅଧିକ ଆଗ୍ରହ ସୃଷ୍ଟି କରି ଜ୍ଞାନର ପରିପକ୍ୱତାର ବିକାଶ ଘଟିବ ଓ ରାଉରକେଲା ଏକ ପ୍ରମୁଖ ଲୋକପ୍ରିୟ ସହର ରୂପେ ପରିଗଣିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଆଜି ମନ୍ତ୍ରୀ ଶ୍ରୀ ପାତ୍ର ରାଉରକେଲା ସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷ ଠାରେ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରି ଥିଲେ। କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ଓ ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି କାର୍ଡ ବଣ୍ଟନକୁ ତ୍ୱରାନିତ କରିଥିଲେ। ଉକ୍ତ କାୟର୍ଯକ୍ରମରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି ଏବଂ ରାଜ୍ୟ, ଜିଲ୍ଲା, ମଣ୍ଡଳ ସ୍ତରୀୟ ବହୁ କାର୍ଯ୍ୟକର୍ତ୍ତା, କର୍ମୀ ଆଦି ଉପସ୍ଥିତ ଥିଲେ।

## ଇଏସ୍‌ଆଇ ମଡେଲ ହସ୍ପିଟାଲ

# ଡାକ୍ତର ସମସ୍ୟା ସମାଧାନ ନହେଲେ ୯ରୁ ଆନ୍ଦୋଳନ

ରାଉରକେଲା, ୩୧।୫ (ସମିସ)



ସ୍ଥାନୀୟ ଜେଲ ରୋଡ ସ୍ଥିତ ରାଉରକେଲା ମଡେଲ ହସ୍ପିଟାଲରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଉପରେ ଇଏସ୍‌ଆଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଓ ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ ନେତୃତ୍ୱଙ୍କ ସହିତ ଆଲୋଚନା ହୋଇଥିଲା। ସୁନ୍ଦରଗଡ଼ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ (ସିଆଇଟିୟୁ) ପକ୍ଷରୁ ରାଉରକେଲା ମଡେଲ ହସ୍ପିଟାଲରେ ଜିଲ୍ଲା ଓ ପଡୋଶୀ ଜିଲ୍ଲାର ପ୍ରାୟ ଲକ୍ଷାଧିକ ଇଏସ୍‌ଆଇ ବୀମାଭୁକ୍ତ ଶ୍ରମିକ ଓ ସେମାନଙ୍କ ପରିବାର ବର୍ଗ ମାନେ ଏହି ଏକ ମାତ୍ର ମଡେଲ ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ସେମାନଙ୍କର ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏହାର ପ୍ରତିବାଦରେ ବାରମ୍ବାର ଆନ୍ଦୋଳନ ହେଉଛି। ମଡେଲ ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ସ୍ପେଶାଲିଷ୍ଟ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ରେଡିଓଲୋଜିଷ୍ଟ, ପାରାମେଡିକାଲ, ଟେକନିସିଆନ ନଥିବା ବେଳେ ଆବଶ୍ୟକ ସମସ୍ତ ଔଷଧ ମିଳେ ନାହିଁ। ତେଣୁ ରାଉରକେଲା ଇଏସ୍‌ଆଇ ମଡେଲ ହସ୍ପିଟାଲର ବିଭିନ୍ନ ସମସ୍ୟା ସମାଧାନ ତୁରନ୍ତ କରିବା ପାଇଁ ଗତ ୧୪ ସେପ୍ଟେମ୍ବର ୨୦୨୪ ରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ୟୁନିୟନ ନେତୃତ୍ୱ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଇଏସ୍‌ଆଇ ପୂର୍ବାଞ୍ଚଳ ମେଡିକାଲ କମିଶନର ଡକ୍ଟର ରଚିତା ବିଶ୍ୱାସ, ଇଏସ୍‌ଆଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଜୟନ୍ତୀ ବେହେରା ଓ ଇଏସ୍‌ଆଇ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ପ୍ରମୁଖ ରାଉରକେଲା ମଡେଲ ହସ୍ପିଟାଲରେ ବୀମାଭୁକ୍ତ ଶ୍ରମିକ ଓ ତାଙ୍କର ପରିବାର ବର୍ଗ ସମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରାଯାଇ ଏକ ଲିଖିତ ପ୍ରତିଶ୍ରୁତି ଡାକ୍ତର ରଚିତା ବିଶ୍ୱାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଶୃତ ରେ ଇଏସ୍‌ଆଇ ମଡେଲ ହସ୍ପିଟାଲ ରେ ସମସ୍ତ ବିଭାଗ ରେ ସ୍ପେଶାଲିଷ୍ଟ ଡାକ୍ତର ଙ୍କୁ ନିଯୁକ୍ତି ପ୍ରଦାନ କରାଯିବା, ଶିକ୍ଷା ଛୁଟି ରେ ଥିବା ୩ଜଣ ଡାକ୍ତର ଙ୍କ ବଦଳରେ ରେ ଅଧିକ ଭାବରେ ମେଡିସିନ ସ୍ପେଶାଲିଷ୍ଟ, ଅର୍ଥୋ ସ୍ପେଶାଲିଷ୍ଟ, ଇଏନଟି ସ୍ପେଶାଲିଷ୍ଟ ଓ ଆନେସେସ୍ଥିଆ ଡାକ୍ତର ଙ୍କୁ ନିଯୁକ୍ତି ଦିଆଯିବା, ମଡେଲ ହସ୍ପିଟାଲ ରେ ଏକ୍ସରେ ଓ ଅଲଟ୍ରାସାଉଣ୍ଡ ମେସିନ ର ତୁରନ୍ତ ସ୍ଥାପିତ କରାଯିବା ନେଇ ଉଲ୍ଲେଖ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଇତି ମଧ୍ୟରେ ପ୍ରାୟ ୮ ମାସ ବିତିଯାଇଥିଲେ ମଧ୍ୟ ମଡେଲ ହସ୍ପିଟାଲ ରେ ଯଥା ପୂର୍ବଂ ତଥା ପରମଂ ଅବସ୍ଥାରେ ରହିଛି। ତେଣୁ ୟୁନିୟନ ର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଗତ ୧୮ ଫେବୃଆରୀ ୨୦୨୫ ରେ ମେଡିକାଲ କମିଶନର ଡାକ୍ତର ରଚିତା ବିଶ୍ୱାସ ଙ୍କୁ ଏକ ପତ୍ର ଲେଖି ତାଙ୍କର ପ୍ରତିଶ୍ରୁତି କୁ କାର୍ଯ୍ୟାକାରୀ କରିବା ପାଇଁ ନିବେଦନ କରିଥିଲେ। ଡାକ୍ତର ବିଶ୍ୱାସ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତ ପାଇବେ ବୋଲି ଜଣାଇଥିଲେ। ନୂତନ ଡାକ୍ତର ତ ନିଯୁକ୍ତି ପାଇଲେ ନାହିଁ, ବରଂ ଅର୍ଥୋପେଡ଼ିକ୍ ସ୍ପେଶାଲିଷ୍ଟ ଓ ପେଡ଼ିଆଟ୍ରିକ୍ ସ୍ପେଶାଲିଷ୍ଟ ଅନ୍ୟତ୍ର ବଦଳି ହୋଇଗଲେ। ୩ଜଣ ଡାକ୍ତର ତାଙ୍କର ଚାକିରି ଛାଡ଼ିଦେଲେ। ତେଣୁ ଶ୍ରୀ ଅଲ୍ଲୀ ପୁନଶ୍ଚ ଆଉ ଏକ ପତ୍ର ଗତ ୨୮ ଅପ୍ରେଲ ୨୦୨୫ ରେ ଲେଖି ଡାକ୍ତର ରଚିତ ବିଶ୍ୱାସଙ୍କୁ ଜଣାଇଥିଲେ ଯେ ତୁରନ୍ତ ମଡେଲ ହସ୍ପିଟାଲର ସମସ୍ତ ସମସ୍ୟା ସମାଧାନ ନହେଲେ ଆସନ୍ତା ୯ ଜୁନ ୨୦୨୫ ଠାରୁ ୟୁନିୟନ ପକ୍ଷରୁ ବୀମାଭୁକ୍ତ ଶ୍ରମିକମାନଙ୍କୁ ନେଇ ମଡେଲ ହସ୍ପିଟାଲ ସମ୍ମୁଖ ରେ ସମସ୍ୟାର ସମାଧାନ ପର୍ଯ୍ୟାନ୍ତ ଧାରଣା, ଆନ୍ଦୋଳନ ସଙ୍ଗଠିତ କରାଯିବ। ଇତି ମଧ୍ୟରେ ରାଉରକେଲା ମଡେଲ ହସ୍ପିଟାଲରେ ନୂତନ ସୁପରିଟେଣ୍ଡେଣ୍ଟ ଭାବରେ ଯୋଗ ଦେଇଥିବା ଡାକ୍ତର ମନିଷ ପ୍ରକାଶ ମିଞ୍ଜ, ଧାରଣ ପୂର୍ବରୁ ସମସ୍ୟା ଉପରେ ଆଲୋଚନା ପାଇଁ ଆଜି ୟୁନିୟନକୁ ନିବେଦନ କରିଥିଲେ। ଏହି ଆଲୋଚନାରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ମିଞ୍ଜଙ୍କ ସହିତ, ଡାକ୍ତର ଲାଲମୋହନ ମିଶ୍ର, ଡାକ୍ତର ଆଶିଷ ବେହେରା ଥିବା ବେଳେ, ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ସମ୍ପାଦକ ଯଯାତି କେଶରୀ ସାହୁ, ଅଜିତ ଏକ୍କା, ଅଜିତ କୁମାର ଦାଶ, ସନ୍ଦିପ ସ୍ୱାଇଁ, ଅନିଲ ସ, ଭବାନୀ ସାହୁ ପ୍ରମୁଖ ବୀମାଧାରୀ ସମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ସୁପରିଟେଣ୍ଡେଣ୍ଟ ଏ ନେଇ ଉପର କମିଟିକୁ ଅବଗତ କରାଇ ସମାଧାନ କରିବେ ବୋଲି ଜଣାଇଥିଲେ। ଶେଷରେ ଜାହାଙ୍ଗୀର ଅଲ୍ଲୀ ତୁରନ୍ତ ସମସ୍ୟାର ସମାଧାନ ନହେଲେ ୯ ଜୁନ୍‌ରୁ ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଖବର ପ୍ରକାଶ ପରେ ଲାଗିଲା ଟ୍ରାନ୍ସଫର୍ମର



ଶଗଡ଼ା, ୩୧।୫(ସମିସ):

ବୌଦ୍ଧ ଜିଲ୍ଲା ମନମୁଣ୍ଡା ବିଦ୍ୟୁତ୍ ସେକ୍ସନ ଅଧୀନ ଶିମିଳିପଦର ପଞ୍ଚାୟତ ଅଧୀନ କିର୍ଲା ଗ୍ରାମରେ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇଛି। ଗାଁରେ ବିଦ୍ୟୁତ୍ ସମସ୍ୟା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ଲଗାଯାଇଛି। ପ୍ରବଳ ଖରା ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ ଭୋଲ୍ଟେଜ ସମସ୍ୟା ଗ୍ରାମବାସୀଙ୍କୁ ଅତିଷ୍ଠ କରିଥିଲା। କଣ୍ଟାମାଳ ବ୍ଲକ କିର୍ଲା ଗ୍ରାମରେ ଦୀର୍ଘ ୬ମାସରୁ ଅଧିକ ସମୟ ହେବ ଲୋ ଭୋଲ୍ଟେଜ ସହ ବିଦ୍ୟୁତ୍ କାଟ୍ ଲାଗି ରହିଛି। ଗ୍ରାମରେ ୧ଶହ କେଭିର ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗା ଯାଇଥିଲା। ପାଖାପାଖି ୧୩୦ରୁ ଅଧିକ ବିଦ୍ୟୁତ ଉପଭୋକ୍ତା ଅଛନ୍ତି। ଗତ ୬ମାସ ହେବ ଟ୍ରାନ୍ସଫର୍ମରର ଦୁଇଟି ପଏଣ୍ଟ ପୋଡି ଯାଇଥିଲା। ବାକି ଗୋଟିଏ ପଏଣ୍ଟରୁ ସମସ୍ତ ଉପଭୋକ୍ତାଙ୍କୁ ବିଦ୍ୟୁତ ଦିଆ ଯାଉଥିଲା। ଏଣୁ ଲୋ ଭୋଲ୍ଟେଜ ସମସ୍ୟା ଦେଖା ଦେଇଥିଲା। ଗ୍ରାମବାସୀ ଲୋ ଭୋଲ୍ଟେଜ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ପଙ୍ଖା ଓ କୁଲର ମଧ୍ୟ ଚାଲୁ ନ ଥିଲା। ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଲୋକେ ଲୋ ଭୋଲ୍ଟେଜ ସହ ବିଦ୍ୟୁତ୍ ରହୁ ନ ଥିବାରୁ ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ବିଦ୍ୟୁତ୍ କାଟ ସାଙ୍ଗକୁ ପ୍ରବଳ ଖରା ଓ ଅସହ୍ୟ ଗୁଳୁଗୁଳି ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସମାଧାନ କରାଯାଇ ନ ଥିଲା। ଏ ନେଇ ଗତ ୨୩ ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ ଓ ବୌଦ୍ଧ ଜିଲ୍ଲା କଣ୍ଟାମାଳର ମନଧର କର୍ମୀ ଏକ୍ସ ହାଣ୍ଡେଲରେ ପ୍ରଶାସନ ସହ ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗ୍ରାମରେ ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗା ଯାଇଛି। ବିଦ୍ୟୁତ୍ ସଂଯୋଗ ହେବା ପରେ ଲୋକେ ଖୁସିବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ମନମୁଣ୍ଡା, ୩୧।୫(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଭୂର୍କିପଡ଼ା (ଖଇରମାଳ) ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ହୃଷୀକେଶ ସେଠୀ (୬୭) ନାମକ ଏହି ବୃଦ୍ଧ ଜଣକ ଶୁକ୍ରବାର ଭୋର ପ୍ରାୟ ୪.୩୦ରେ ନିଜ ବାଡି ପଟକୁ ଶୌଚ ପାଇଁ ଯାଇଥିଲେ। ସେହି ସମୟରେ ଗୋଟିଏ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସେ କୌଣସି ପ୍ରକାରେ ଭାଲୁଠାରୁ ଖସି ପଳାଇ ଆସିଥିଲେ।



ତେବେ ଭାଲୁ ଆକ୍ରମଣରେ ତାଙ୍କ ମୁହଁ, ଛାତି, ହାତ, ଗୋଡରେ କ୍ଷତ ସୃଷ୍ଟି ହୋଇଛି। କେତୋଟି ଦାନ୍ତ ମଧ୍ୟ ଭାଙ୍ଗିଯାଇଛି। ପୁଅ ବଳରାମ ତାଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଖବର ପାଇ ମନମୁଣ୍ଡା ବନପାଳ ପ୍ରକାଶ ସେଠୀ ବନ ବିଭାଗ କର୍ମଚାରୀଙ୍କ ସହ ଭାଲୁକୁ ଘଡାଇବାକୁ ଗାଁକୁ ଯାଇଥିଲେ। ଆଖପାଖ ଅଞ୍ଚଳରେ ବାଣ ଫୁଟାଇଥିଲେ ମଧ୍ୟ ଭାଲୁର ସନ୍ଧାନ ପାଇ ନ ଥିଲେ। ସନ୍ଧ୍ୟା ସମୟରେ ଘରୁ କେହି ନ ବାହାରିବା ଓ ସବୁବେଳେ ସତର୍କ ରହିବାକୁ ଗ୍ରାମବାସୀଙ୍କୁ ବନ ବିଭାଗ ତରଫରୁ ସଚେତନ କରାଯାଇଛି। ବନପାଳ ଶ୍ରୀ ସେଠୀ ଡାକ୍ତରଖାନାରେ ଶ୍ରୀ ସେଠୀଙ୍କୁ ଭେଟି ତଦନ୍ତ କରିଛନ୍ତି। ବନ ବିଭାଗ ତରଫରୁ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଅଦିନିଆ ବର୍ଷାରେ ଧାନଚାଷ ନଷ୍ଟ



**ଶଗଡ଼ା, ୩୧।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରେ ଗତ କିଛି ଦିନ ହେଲା କାଳବୈଶାଖୀ ବର୍ଷା ଦେଖିବାକୁ ମିଳିଛି। କାଳବୈଶାଖୀ ବର୍ଷା ଯୋଗୁଁ କଣ୍ଟାମାଳ ଅଞ୍ଚଳର ଚାଷୀଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନ ଚାଷ ସହ ପନିପରିବା ଫସଲ ବ୍ୟାପକ ଭାବରେ ପ୍ରଭାବିତ ହୋଇଛି। କେଉଁଠି ବିଲରେ ପଡ଼ି ଧାନ ଗଜା ହୋଇ ଗଲାଣି ତ କେଉଁଠି ଧାନ ଖରୀରେ ରହି ଗଜା ହେବାକୁ ବସିଲାଣି। ବର୍ଷାରେ କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଅଧୀନ ପରତଳା ଗ୍ରାମର ଚାଷୀ ଜାଗୁରାମ ଚାନ୍ଦଙ୍କ ୫ ଏକର ଧାନ ପାଣିରେ ବୁଡି ଗଜା ହେବା ସହ ନଷ୍ଟ ହୋଇ ଯାଇଛି। ଧାର କରଜ କରି ଚାଷ କରିଥିବା ଜାଗୁରାମ ଧାନ ଅମଳ କରି ଋଣ ପରିଶୋଧ କରିବା ଆଶା ମଉଳି ଯାଇଛି। କେମିତି ଋଣ ପରିଶୋଧ କରିବା ସହ ପରିବାର ଚଳାଇବେ ସେ ନେଇ ଜାଗୁରାମ ଚିନ୍ତାରେ ପଡ଼ିଛନ୍ତି।

## ମନମୁଣ୍ଡା ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ମନମୁଣ୍ଡା, ୩୧।୫(ସମିସ):** ମନମୁଣ୍ଡା ସହର ରାଜ୍ୟପଥରୁ ଜାତୀୟ ରାଜପଥରେ ପରିଣତ ହେଲା। ସହରବାସୀ ଭାବୁଥିଲେ ଏବେ ଭଲ ରାସ୍ତା ହେବ। ଡ୍ରେନେଜ ବ୍ୟବସ୍ଥା ହେବ। ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କିନ୍ତୁ ତାହାର ବିପରୀତ ଦେଖିବାକୁ ମିଳିଛି। ଜାତୀୟ ରାଜପଥ ତରଫରୁ ସହର ମଧ୍ୟରେ ଡ୍ରେନଜ ବ୍ୟବସ୍ଥା କରାଯାଇଛି ସତ କିନ୍ତୁ ଅଧପନ୍ତରିଆ। ସହରର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଡ୍ରେନ ଖୋଲା ହେବା ବଦଳରେ ମଝିରେ ବହୁତ ଜାଗା ଛାଡ଼ି ଦିଆ ଯାଇଛି। କେତେକ ଜାଗାରେ ଡ୍ରେନରେ ଢାଙ୍କୁଣି ଦିଆଯାଇଥିବାବେଳେ ଅଧିକ ଅଂଶ ଖୋଲା ମେଲାରେ ପଡ଼ି ରହିଛି। ବର୍ଷା ଋତୁରେ ରାସ୍ତା ଓ ଡ୍ରେନ ପାଣିରେ ସମାନ ରହୁଥିବାରୁ ଅନେକ ସମୟରେ ଲୋକମାନେ ଭ୍ରମରେ ଡ୍ରେନ ଭିତରେ ପଡୁଛନ୍ତି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀ ଏଥିରେ ବେଶୀ ପଡୁଛନ୍ତି। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମନା ଡ୍ରେନରେ ଢାଙ୍କୁଣି ନ ଥିବାରୁ କୁନିକୁନି ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସେହିପରି ଡ୍ରେନ ଭିତରେ ଦୋକାନୀ ଓ ସାଧାରଣ ଲୋକମାନେ ମଇଳା ଆବର୍ଜନା ପକାଇ ଅନେକ ସ୍ଥାନରେ ଡ୍ରେନ ପୋତି ହୋଇ ଗଲାଣି। ଏହାଦ୍ୱାରା ପାଣି ନିଷ୍କାସନ ହୋଇ ପାରୁ ନାହିଁ। ଦୁର୍ଗନ୍ଧ ସହ ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମନମୁଣ୍ଡାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି।




## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ


**ସୁବଳୟା, ୩୧।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବଳୟା ଥାନା ଡୁମୁରୀ ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ସୁବଳୟା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ସୁବଳୟା ଥାନା ଜଟେସିଂହା ପଞ୍ଚାୟତ ଡୁମୁରୀ ଗ୍ରାମର ଅଶୋକ ସାହୁ। ସେହି ଗ୍ରାମର ନରୋତ୍ତମ ଦାସଙ୍କ ପୁତ୍ର ରାଜା ଦାସ (୨୬) ଏକ ଲୁହା ରଡ଼ରେ ତାଙ୍କୁ ଆକ୍ରମଣ କରିଥିବା ଅଶୋକଙ୍କ ପତ୍ନୀ ସସ୍ମିତା ସାହୁ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସସ୍ମିତାଙ୍କ ଗାଁରେ ଏକ ଦୋକାନ ରହିଛି। ପ୍ରାୟ ଚାରି ଦିନ ପୂର୍ବରୁ ଅଭିଯୁକ୍ତ ରାଜା ଦୋକାନକୁ ଯାଇ ଗଣ୍ଡଗୋଳ କରିଥିଲା। ଏନେଇ ସସ୍ମିତାଙ୍କ ପରିବାର ଲୋକ ରାଜାଙ୍କ ପରିବାରକୁ ଜଣାଇଥିଲେ। ଶୁକ୍ରବାର ସକାଳେ ଅଶୋକ ସାହୁ ନିଜ ଅଟୋ ଧରି ମେଡିକାଲ ଯାଉଥିବା ସମୟରେ ରାଜା ଗାଁ ମୁଣ୍ଡରେ ତାଙ୍କୁ ଅଟକାଇ ଅତର୍କିତ ଭାବରେ ମୁଣ୍ଡକୁ ଏକ ଲୁହା ରଡ୍‌ରେ ଆକ୍ରମଣ କରିଥିଲା।



ପରିବାର ଲୋକେ ଅଶୋକଙ୍କୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନା ଓ ପରେ ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଅଶୋକ ବୁର୍ଲା ଡାକ୍ତରଖାନାରେ ବର୍ତ୍ତମାନ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି। ଅଶୋକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଆଧାର କରି ସୁବଳୟା ଥାନାରେ ଏକ ମାମଲା (୭୪/୨୫) ରୁଜୁ କରି ଅଧିକ ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ପୀୟୁଷରାଜ ନାଏକ ପ୍ରକାଶ କରିଛନ୍ତି। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ରହିଥିବା ଜଣାପଡ଼ିଛି।

## ଖଟଖଟିଆରେ ଶୀତଳ ଷଷ୍ଠୀ ଯାତ୍ରା

**ଶଗଡ଼ା, ୩୧।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ସଦର ଗ୍ରାମର ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠରେ ଶୀତଳ ଷଷ୍ଠୀ ଉପଲକ୍ଷେ ମାଟିପକା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହାସହ ଦେବ ନିମନ୍ତ୍ରଣ ଅନୁଷ୍ଠିତ ହୋଇଥିଲା। ଶନିବାର ରେଙ୍ଗାଲି ଗ୍ରାମରେ ଗୁପ୍ତେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଟଖଟିଆ ଗ୍ରାମବାସୀଙ୍କ ସହଯୋଗ କ୍ରମେ ପ୍ରଥମ ଥର ପାଇଁ ଗ୍ରାମରେ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଛି। ବର ପିତାମାତା ଭାବେ ଖଟଖଟିଆର ବିରଞ୍ଚି ନାରାୟଣ ମିଶ୍ର ଓ ମମତା ରାଣୀ ମିଶ୍ର ଦାୟିତ୍ୱ ନିର୍ବାହ କରିଛନ୍ତି। ସେହିଭଳି କନ୍ୟା ପିତାମାତା ଭାବେ ରେଙ୍ଗାଲି ଗ୍ରାମର ପ୍ରଦୀପ ଚାନ୍ଦ ଓ ସୁଜାତା ଚାନ୍ଦ ଦାୟିତ୍ୱ ତୁଲାଇଛନ୍ତି। ଶନିବାର ଖଟଖଟିଆ ଗ୍ରାମରୁ ବାବାଙ୍କ ବରଯାତ୍ରୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ରେଙ୍ଗାଲି ଅଭିମୁଖେ ଯାଇଥିଲେ। ବର ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ।










## ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଶଗଡ଼ା, ୩୧।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତର କୋଡ଼ିବାହାଲ ଗ୍ରାମରେ ପୋଖରୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟଙ୍କନିଧି କମ୍ପଙ୍କ ପୁଅ ଆଦିତ୍ୟ। ଶୁକ୍ରବାର ସନ୍ଧ୍ୟା ୬ଟାରେ ଘଣ୍ଟାପଡ଼ା ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଛି। ସୂଚନାଯୋଗ୍ୟ, ସାଙ୍ଗମାନଙ୍କ ସହ ଆଦିତ୍ୟ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ପୋଖରୀରେ ବୁଡି ଯାଇଥିବା ସନ୍ଦେହ କରି ଖୋଜା ଖୋଜି କରି ମୃତଦେହ ଉଦ୍ଧାର କରିଥିଲେ।

## ବିପୁଳ ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡ଼ା, ୩୧।୫(ସମିସ): ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରାଯାଇ ବ୍ୟାପକ ମହୁଲ ପୋଚ ସହ ବିପୁଳ ଦେଶୀ ମଦ ଜବତ କରାଯାଇଛି। ବୌଦ୍ଧ ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ବରଗାଁ ପଞ୍ଚାୟତ ମାତାକୁପା ଗ୍ରାମ ନିକଟ ଜଙ୍ଗଲରେ ମଦ ପ୍ରସ୍ତୁତି ଚାଲିଥିବା ବେଳେ ଚଢ଼ଉ କରି ୨୫୦ କେଜି ମହୁଲ ପୋଚ ସହ ୧୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ବୌଦ୍ଧ ମୋବାଇଲ ଟିମ୍‌ର ଅଧିକାରୀ ବିଷ୍ଣୁ ଚରଣ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ସେହିପରି କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ବରଗାଁ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ରାଜୁ ରଣା (୨୬) ନିକଟରୁ ୭ ଲିଟର ଦେଶୀ ମଦ ଜବତ କରିଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ରାଜୁକୁ ନୋଟିସ୍ ଦେଇ ଛାଡି ଦିଆଯାଇଥିବା କଣ୍ଟାମାଳ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ; ରାସ୍ତା ଅବରୋଧ



**ସୁନ୍ଦରଗଡ଼, ୩୧।୫(ସମିସ)**

ହେମଗିରି ବାଇପାସ୍ ରାସ୍ତାରେ ଆଜି ଏକ ଭାରିଯାନ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ଏ ନେଇ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ।

ହେମଗିରି ଥାନା ଅନ୍ତର୍ଗତ ସାନଘୁମୁଡା ଆରଆର କଲୋନୀର ଲୁକେଶ୍ୱର ମାଝୀ (୪୦) ତାଙ୍କ ସ୍କୁଟି (ଓଡି ୧୬ କେ - ୩୮୪୯)ରେ ଘରୁ ବାହାରି କଲାମେଘା ଅଭିମୁଖେ ବାହାରି ଥିଲେ। ତେବେ ହେମଗିରି ବାଇପାସ୍ ରାସ୍ତାରେ ଏକ ଭାରୀ ଯାନ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତେଜନା ଦେଖା ଦେଇଥିଲା। ଉତ୍ୟକ୍ତ ଲୋକେ ଘଟଣାସ୍ଥଳକୁ ପହଞ୍ଚି ଉପଯୁକ୍ତ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ବୁଝାସୁଝା କରିଥିଲେ ହେଁ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ହେମଗିରି ତହସିଲଦାର ସାରିକାରାଣୀ ଧମେଲ ଘଟଣାସ୍ଥଳକୁ ଯାଇ ଏମ୍ଏସ୍‌ପିଏଲ୍ କମ୍ପାନୀ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ନିବୃତ ରହିଥିଲେ। ଏହା ପରେ ପୁଲିସ ମୃତଦେହ ଜବତ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## କାନ୍ଥରେ ପିଟିହେଲା ବାଇକ୍, ଜଣେ ମୃତ

**କୁତ୍ରା, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ବୁଡାକଟା ଗ୍ରାମଠାରେ ଏକ ମଟରସାଇକେଲ ଚାଳକ ନିଜର ଭାରସାମ୍ୟ ହରାଇ କାନ୍ଥରେ ପିଟି ହୋଇଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଶନିବାର ଦିନ ଅପରାହ୍ନ ୩ଟା ସମୟରେ ରଜାବସା ଗ୍ରାମର ବିଜୟ ବୁଡ଼ା(୪୦), ମନୋଜ ଲାକଡ଼ା(୩୨) ଓ ଅନ୍ୟ ଜଣେ ଯୁବକ ମଟରସାଇକଲ ଯୋଗେ ବୁଡ଼ାକଟା ଛକରୁ ନିଜ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଘରର କାନ୍ଥକୁ ଧକ୍କା ଦେଇଥିଲେ। ଫଳରେ ତିନି ଜଣ ଯାକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ରାସ୍ତାରେ ଛିଟିକି ପଡ଼ି ବିଜୟ ଓ ମନୋଜ ଗୁରୁତର ଆହତ ହୋଇଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ କୁତ୍ରା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ମନୋଜର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ବିଜୟଙ୍କ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ମର୍ଗହାଉସକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଆସନ୍ତା କାଲି ଶବ ବ୍ୟବଚ୍ଛଦ କରାଯିବ ପୋଲିସ ସୁତ୍ରରୁ ଜାଣିବାକୁ ମିଳିଛି।।



## ଦୁଷ୍କର୍ମକାରୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ସୁନ୍ଦରଗଡ଼, ୩୧।୫(ସମିସ):** ସୁନ୍ଦରଗଡ଼ ସଦର ଥାନା ଲେମଲେମା ଗ୍ରାମରେ ପ୍ରାୟ ୪ ବର୍ଷ ତଳେ ଘଟି ଯାଇଥିବା ଚର୍ଚ୍ଚିତ ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥ ମାମଲାର ଶୁଣାଣି କରି ଅଭିଯୁକ୍ତ ମଙ୍ଗଳ ଗର୍ଡ଼ିଆ (୩୦)କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡସ୍ୱରୂପ ତାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୨୧ ମସିହା ଜାନୁଆରୀ ୨୧ ତାରିଖ ରାତି ପ୍ରାୟ ୮ଟା ସମୟରେ ଲେମଲେମା ଗ୍ରାମର ଜଣେ ୫୧ ବର୍ଷୀୟା ମହିଳା ତାଙ୍କ ଗ୍ରାମରେ ଥିବା ଏକ ଦୋକାନକୁ କିଛି ଜିନିଷ କିଣିବା ପାଇଁ ଏକାକୀ ଯାଇଥିଲେ। ତେବେ ସେ ଦୋକାନରୁ ଘରକୁ ଫେରିବା ସମୟରେ ଅନ୍ଧାରର ସୁଯୋଗରେ ଅଭିଯୁକ୍ତ ତାଙ୍କୁ ରାସ୍ତାରୁ ଟାଣି ନେଇ ଦୁଷ୍କର୍ମ କରିଥିଲା। ମହିଳାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା କିଛି ଲୋକ ଘଟଣାସ୍ଥଳକୁ ପହଞ୍ଚିବାରୁ ଅଭିଯୁକ୍ତ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲା। ଘଟଣାରେ ମହିଳାଙ୍କ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଥିଲା। ଘଟଣାର ୨ ଦିନ ପରେ ପୀଡ଼ିତାଙ୍କ ଝିଅ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଜିଲ୍ଲା ଦୌରା ଜଜ୍ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଦିଲ୍ଲୀପ କୁମାର ମୁର୍ମୁ ମାମଲା ପରିଚାଳନା କରୁଥିଲେ।

## ଡାକ୍ତରଖାନାରୁ ୨ ମୃତଦେହ ଜବତ

**ସୁନ୍ଦରଗଡ଼, ୩୧।୫(ସମିସ):** ସୁନ୍ଦରଗଡ଼ ସଦର ଥାନା ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳରୁ ୨ଟି ମୃତଦେହ ଜବତ କରିଛି। ସେମାନେ ହେଲେ ସିଆଁବାହାଲ ଗ୍ରାମର ରଞ୍ଜନ ବିଲୁଙ୍ଗ (୪୫) ଓ ସୁବଳୟା ଗ୍ରାମର କଳ୍ପନା କୁଲ୍ଲୁଙ୍କ ଦେଢ଼ ମାସର ଏକ ଶିଶୁ। ଏମାନଙ୍କୁ ପରିବାର ଲୋକେ ମୃତ ଅବସ୍ଥାରେ ଡାକ୍ତରଖାନାକୁ ନେଇଥିଲେ। ଏଣୁ କାର୍ଯ୍ୟରତ ଡାକ୍ତରମାନେ ତାଙ୍କ ମୃତ୍ୟୁରେ ସନ୍ଦେହ ପ୍ରକଟ କରି ଥାନାକୁ ଏମ୍ଏଲ୍‌ସି ପଠାଇ ଥିଲେ। ଏ ନେଇ ପୁଲିସ ୨ଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଟ୍ରେନ୍‌ରୁ ଖସି ଜଣେ ମୃତ

**ସୁନ୍ଦରଗଡ଼, ୩୧।୫(ସମିସ):** ହାୱଡା-ମୁମ୍ବାଇ ରେଳପଥର ହେମଗିର କନିକା ରେଳ ଷ୍ଟେସନ ଠାରେ ଆଜି ସନ୍ଧ୍ୟାରେ ଏକ ଟ୍ରେନରୁ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଯାଉଥିଲେ। ତେବେ କୌଣସି କାରଣ ବଶତଃ ଟ୍ରେନ୍‌ରୁ ଖସି ପଡ଼ି ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ରେଳବାଇ ପୁଲିସ ଅଦ୍ୟାବଧି ଫହଚି ପାରି ନାହିଁ। ରବିବାର ପଞ୍ଚନାମା କରା ଯିବ ବୋଲି ରାଜଗାଙ୍ଗପୁର ରେଳବାଇ ପୁଲିସ କହିଛି।

## ବିଧାୟକଙ୍କ ସମେତ ୭୦ ଜଣଙ୍କୁ ଛାଡ଼ିଲା ପୁଲିସ

**ସୁନ୍ଦରଗଡ଼, ୩୧।୫(ସମିସ):** ହେମଗିରି ଥାନା ବରପାଲି ରେଲୱେ ସାଇଡିଂରୁ ଗତକାଲି ପୁଲିସ ଉଠାଇ ନେଇଥିବା ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହଙ୍କ ସମେତ ୭୦ ଜଣ ଆନ୍ଦୋଳକାରୀଙ୍କୁ ଆଜି ଛାଡ଼ିଛି। ବିଧାୟକ ଶ୍ରୀ ସିଂହ ତାଙ୍କୁ ଗିରଫ କରି ଜେଲ ପଠାଇବାକୁ ଦାବି କରିଥିଲେ ହେଁ ପୁଲିସ ଗିରଫ କରିବାକୁ ସାହସ ଜୁଟାଇ ପାରି ନାହିଁ। ଆଜି ପୂର୍ବାହ୍ନ ସାଢ଼େ ଏଗାରଟାରେ ତାଙ୍କୁ ଛାଡ଼ିଥିବାବେଳେ ଉକ୍ତ ନୂତନ ସାଇଡିଂରେ ଆସନ୍ତା ୬ ତାରିଖରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକର ଆୟୋଜନ କରିବାକୁ ଉପ ଜିଲ୍ଲାପାଳ ଦାଶରଥି ସରାବୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ ଛାଡ଼ ପାଇବା ପରେ ସମ୍ପୃକ୍ତ ରେଳବାଇ ସାଇଡିଂରେ ପୁଣି ଧାରଣା ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ ଗତ ୩ ତାରିଖରେ ପୁଲିସ ଉକ୍ତ ରେଳବାଇ ସାଇଡିଂରେ ପରିବହନକୁ ବିରୋଧ କରୁଥିବା ବିଧାୟକ ଶ୍ରୀ ସିଂହଙ୍କ ସମେତ ୯୫ ଜଣ ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇ ନେଇଥିଲା। ଏହା ପରେ ଉକ୍ତ ନୂତନ କୋଇଲା ସାଇଡିଂରେ ପରିହନ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଗତ ୨୩ ତାରିଖରେ ପରିବହନ ସଂସ୍ଥା ପକ୍ଷରୁ ପୁଣି ପରିବହନ ପାଇଁ ମସୁଧା କରା ଯାଇଥିଲା। ଏଥିରେ ଅସଫଳ ହେବାରୁ ଗତକାଲି ପୁଲିସ ବଳ ପ୍ରୟୋଗ କରି ପରିବହନ କରା ଯାଇଥିଲା। ଏହି ପରିହନକୁ ବିରୋଧ କରି ରାସ୍ତା ଅବରୋଧ କରିଥିବା ବିଧାୟକଙ୍କ ସମେତ ୨୬ ଜଣ ମହିଳା ଓ ୪୪ ଜଣ ପୁରୁଷଙ୍କୁ ପୁଲିସ ଉଠାଇ ନେଇ ସୁନ୍ଦରଗଡ଼ ରିଜର୍ଭ ଲାଇନରେ ଅଟକ ରଖିଥିଲା। ଏପରିକି ପୁଲିସ ତାଙ୍କ ସାର୍ଟ ଚିରି ଦେଇଥିବା ବିଧାୟକ ଶ୍ରୀ ସିଂହ ଅଭିଯୋଗ କରିଛନ୍ତି। ଆନ୍ଦୋଳକାରୀଙ୍କୁ ଅଟକ ରଖାଯାଇ ରାତିରେ ପୁଲିସ ଉପସ୍ଥିତିରେ ପରିବହନ କରା ଯାଇଥିଲା। ନିଜ ସୁରକ୍ଷା ପାଇଁ ଲଢୁଥିବା ଗ୍ରାମବାସୀଙ୍କୁ ପୁଲିସ, ପ୍ରଶାସନର ଏପରି ଦମନଲୀଳାଙ୍କୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖା ଦେଇଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ



**ରାଉରକେଲା, ୩୧।୫(ସମିସ):** ଲାଠିକଟା ଓ ବିରକେରା ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ଖରିଫ କାର୍ଯ୍ୟକ୍ରମ ନିମନ୍ତେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ଆରମ୍ଭ କରାଯାଇ ଥିବା ୧୫ ଦିନିଆ ଅଭିଯାନର ଆଜି ତୃତୀୟ ଦିବସରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ସଫଳତା ପାଇଁ ଚାଷୀ କୂଳ ଓ ସରକାରୀ ହିତାଧିକାରୀ ମାନଙ୍କୁ ଆହ୍ୱାନ କରିଥିଲେ। ଚାଷୀ ମାନଙ୍କ ସରକାରୀ ଯୋଜନାରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୁକାନ୍ତ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ ପ୍ରସନ୍ନ କୁମାର ମହାରଣା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ ଜୟନ୍ତ କୁମାର ପତି, କୃଷି ନିର୍ବାହୀ ଯନ୍ତ୍ରୀ ଇଂ ପରମାନନ୍ଦ ପ୍ରଧାନ, ଉଦ୍ୟାନ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା ମତ ରଖିଥିଲେ। ଲାଠିକଟା କୃଷି ଅଧିକାରୀ ସୁପ୍ରିୟା ଦାସ, ପ୍ରାଣୀ ଚିକିତ୍ସା ଅଧିକାରୀ ଡ ପିତାମ୍ବର ସାହୁ, ଉଦ୍ୟାନ କୃଷି ଅଧିକାରୀ ସଞ୍ଜୟ ସୁବୁଦ୍ଧି, ମତ୍ସ୍ୟ ଅଧିକାରୀ ଭବାନୀ ଶଙ୍କର ରାଉତ, କୃଷି ଅଧିବର୍ଶିକା ଶାଶ୍ୱତି ଚକ୍ର ସଂଯୋଜନା କରିଥିଲେ।

## ଅହିଲ୍ୟା ବାଈ ହୋଲକରଙ୍କ ଜୟନ୍ତୀ

**ସୁନ୍ଦରଗଡ଼, ୩୧।୫(ସମିସ):** ବିଜେପିର ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ରାଜ ମାତାରୁ ଲୋକମାତା ଭାବେ ପରିଚିତ ପୂଣ୍ୟ ଶ୍ଳୋକା ଦେବୀ ଅହିଲ୍ୟା ବାଈ ହୋଲକରଙ୍କ ୩୦୦ ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର ଭିତ୍ରିଆଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ସଭାପତି ଯଶବନ୍ତ ନାଏକ, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ସଦର ସୁନ୍ଦରଗଡ଼ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମା ମେହେର, ଜିଲ୍ଲା ଉପ ସଭାନେତ୍ରୀ ସଂଯୁକ୍ତା ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଅହଲ୍ୟା ବାଈ ହୋଲକର ରାଜ ମାତାରୁ ଲୋକ ମାତା ଭାବେ କିପରି ପରିଚୟ ଲାଭ କରି ପାରିଲେ ସେ ନେଇ ଆଲୋଚନା କରିଥିଲେ। ମଣ୍ଡଳସ୍ତରୀୟ ଜୟନ୍ତୀ ପାଳନରେ ତାଙ୍କ ଜୀବନୀ ଉପରେ ବିସ୍ତୃତ ବିବରଣୀ ରଖିବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ଦେହୁରୀ, ଶାନ୍ତି ସରାଫ, ଭେଷଜ ରଥ, ଭୋପାଳ ସାହୁ, ଅମିୟ ପଟ୍ଟନାୟକ, ରବି ଚନ୍ଦ୍ର ପଟେଲ, ସିମେଶ୍ୱର ଲରିଆ, ଦୋଳରସା ଗୁଡ଼ିଆ, ଶ୍ରୀକାନ୍ତ ଭଞ୍ଜ, ଦୀପକ ଏକ୍କା, କର୍ଣ୍ଣ ସିଂ, ରାଜେଶ ଲାକ୍ରା, ଦୀପକ ସେଠ୍, ହରିପ୍ରିୟା ପଟେଲ, କାଉନସିଲର ଦୀପାଞ୍ଜଳି ନନ୍ଦ, ମମତା ଖାଲଖୋ, ଶକୁନ୍ତଳା କାଲୋ, ଭାରତୀ ପଟେଲ, ଲତିକା ପଟ୍ଟନାୟକ, କାନନବାଲା ବେହେରା, ପଞ୍ଚଶିଳା ବାରିକ, ସ୍ୱର୍ଣ୍ଣଲତା ପଟେଲ, ତୃଷା ରାଣୀ ହୋତା, ରୀନା ପ୍ରଧାନ ଓ ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ତୁମୁଲିଆ ବସ୍ତି-ରାଶିପତ୍ରା ରାସ୍ତା ଶୋଚନୀୟ



**ବାଲିଶଙ୍କରା, ୩୧।୫(ସମିସ):** ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ତୁମୁଲିଆ ବସ୍ତିଠାରୁ ରାଶିପତ୍ରା ସଂଯୋଗୀକରଣ ରାସ୍ତା ଅତି ଦୟନୀୟ ଅବସ୍ଥାରେ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଜନସାଧାରଣ ପଞ୍ଚାୟତ ଯିବା ଆସିବା କରୁଥିବାବେଳେ ଛାତ୍ରଛାତ୍ରୀ ମଧ୍ୟ ଏହି ରାସ୍ତା ଦେଇ ପାଠ ପଢ଼ିବାକୁ ଯାଇଥାନ୍ତି। ଖାଲଖମା ପୂର୍ଣ୍ଣ ଏହି ରାସ୍ତା ବର୍ଷା ଦିନେ କାଦୁଅ ପଚପଚ ହୋଇଯାଉଥିବାବେଳେ ୪ ଚକିଆ ଗାଡ଼ି ଏହି ରାସ୍ତା ଦେଇ ଯିବା ଦୂରର କଥା, ସାଇକଲ କି ୨ ଚକିଆ ଯାନବାହାନ ଯିବା ଆସିବା ଅତି କଷ୍ଟକର। ଏହି ରାସ୍ତାର ଦୟନୀୟ ଅବସ୍ଥା ନେଇ ତୁମୁଲିଆ ସରପଞ୍ଚ ଦେବଲାଲ ଲାକଡ଼ାଙ୍କୁ ଯୋଗାଯୋଗ କରିବାରୁ ମାସିକିଆ ମିଟିଂରେ ପ୍ରସ୍ତାବ ଆଗତ ହୋଇଛି ଯେ ଉକ୍ତ ରାସ୍ତା ପାଇଁ ପିଡିଏସ୍‌ରୁ ଯେଉଁ ଟଙ୍କା ରହିଛି, ସେଥିରୁ ଖର୍ଚ୍ଚ କରି ଏହି ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉ। ରାସ୍ତାକୁ ତୁରନ୍ତ ପଦକ୍ଷେପ ନେଇ ନିର୍ମାଣ କରିବା ପାଇଁ ତୁମୁଲିଆ ଓ ରାଶିପତ୍ରା ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

**ମରାମତି ଦାବି**

## କଲେଜ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁତ୍ରା, ୩୧।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ମହାବିଦ୍ୟାଳୟର ବଗିଚା-ମାଳି ପାଉଲୁସ ଖାଖା ଶନିବାର ଅବସର ଗ୍ରହଣ କରିଛନ୍ତି। ସେ ମହାବିଦ୍ୟାଳୟରେ ୧୯୮୬ ମସିହାରେ ମାଳି ଭାବରେ ଯୋଗଦେଇ ଦୀର୍ଘ ୩୯ ବର୍ଷ ନିଃସ୍ୱାର୍ଥପର ଭାବରେ କର୍ମ କରି ଶତାଧିକ ବୃକ୍ଷ, ଫୁଲଗଛ ଆଦି ରୋପଣ କରି ମହାବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ, ଷ୍ଟାଫ ଆଶୋସିଏସନ୍ ଉପଦେଷ୍ଟା ତଥା ରାଜନୀତି ବିଜ୍ଞାନର ଅଧ୍ୟାପକ ଚିତ୍ତରଞ୍ଜନ ପାତ୍ର ତଥା ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ

**ସୁନ୍ଦରଗଡ଼, ୩୧।୫(ସମିସ):** ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା। ସୁନ୍ଦରଗଡ଼ ସହରର ନାଗରିକଙ୍କୁ ତମାଖୁ ବର୍ଜନ କରିବା ପାଇଁ ସ୍ଲୋଗାନ୍ ମାଧ୍ୟମରେ ସଚେତନ କରାଯାଇଥିଲା। ବ୍ରହ୍ମା କୁମାରୀ ସେବା କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମା କୁମାରୀ ଜ୍ୟୋତ୍ସ୍ନା ଭଉଣୀ ତମାଖୁ ଦ୍ୱାରା ଜନ ସାଧାରଣ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଦିଗରେ ପ୍ରଭାବିତ ହେଉଛନ୍ତି ବୋଲି ମତବ୍ୟକ୍ତ କରିବା ସହ ତମାଖୁ ସେବନରୁ ନିବୃତ ରହିବା ପାଇଁ ବର୍ତ୍ତମାନ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନତା କରିବା ଜରୁରୀ ବୋଲି କହିଥିଲେ। ସେହିପରି ରାଜ ଯୋଗ ଅଭ୍ୟାସ ଦ୍ୱାରା ଧୂମ୍ରପାନ ବା ତମାଖୁ ସେବନ ସହଜରେ ଦୂର ହୋଇ ପାରିବ ବୋଲି ମତ ରଖିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଦୀପ କୁମାର ପ୍ରସାଦ ଏବଂ ଡା. ଶିବାଶିଷ ମହାରଣା ଯୋଗଦେଇ ଧୂମ୍ରପାନ ସେବନ ଦ୍ୱାରା ଶରୀରର ପାଟି, ମୁଖ ଗହ୍ୱର, ଫୁସଫୁସ ଇତ୍ୟାଦିରେ କର୍କଟ ରୋଗ ହେଉଥିବା ବେଳେ ତମାଖୁ ସେବନ ଦ୍ୱାରା ହୃଦ୍‌ଘାତ, ଯକ୍ଷ୍ମା, ଫୁସଫୁସ ରୋଗର କାରଣ ହୋଇଥାଏ ବୋଲି କହିଥିଲେ। ବ୍ରହ୍ମା କୁମାର ସଂସ୍ଥାର ରାଜ ଯୋଗ ଶିକ୍ଷାକୁ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟାଳୟ ଅଧିକାରୀ ଅଜୟ କୁମାର ଜେନା ଏବଂ ମହେନ୍ଦ୍ର ବାଗ ତାଙ୍କ ବକ୍ତବ୍ୟରେ ନିଶା ଦ୍ରବ୍ୟରୁ ମୁକ୍ତ ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ନିଶା ନିବାରଣ କେନ୍ଦ୍ରରେ ଔଷଧ ଯୋଗାଇ ଦିଆଯାଏ ବୋଲି ସୂଚନା ଦେଇଥିଲେ। ସଚେତନ ରାଲିରେ ବ୍ରହ୍ମା କୁମାରୀ ଆଶ୍ରମର ଭାଇ ଭଉଣୀଙ୍କ ସମେତ ଜିଏନ୍ଏମ୍, ଏଏନ୍ଏମ୍ ଛାତ୍ରୀ, ଆଶା କର୍ମୀ ବହୁ ସଂଖ୍ୟା ରେ ଯୋଗ ଦେଇଥିଲେ। ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି ଓ ବ୍ରହ୍ମା କୁମାରୀ ସୁଜାତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ପରିତ୍ୟକ୍ତ କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ବୋହୂ ମୃତ୍ୟୁ କାରଣ ଅସ୍ପଷ୍ଟ, ଶାଶୂର ଆତ୍ମହତ୍ୟା

**ଥୁଆମୂଳ ରାମପୁର, ୩୧।୫(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା କୋଷାବରା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଗତ ଗୁରୁବାର ଦିନ ଥୁଆମୂଳ ରାମପୁର ପୁଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏନେଇ ମୃତ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ମୃତ ମହିଳାଙ୍କ ସ୍ୱାମୀ ଓ ଶଶୂରକୁ ପୁଲିସ ଏ ପର୍ଯ୍ୟନ୍ତ ଅଟକ ରଖିଛି। ବୋହୂ ମୃତ୍ୟୁ ଉପରୁ ପରଦା ଉଠି ନ ଥିବାବେଳେ ଶନିବାର ଶାଶୂ ରାଏମତି ଆତ୍ମହତ୍ୟା କରିଛନ୍ତି। ଏହା ଘଟଣାକୁ ଅଧିକ ରହସ୍ୟମୟ କରି ଦେଇଛି। କେଉଁ କାରଣ ଲାଗି ସେ ଆତ୍ମହତ୍ୟା କଲେ ଏବେ ସମସ୍ତଙ୍କ ମଧ୍ୟରେ ସେହି ପ୍ରଶ୍ନ। ପୁଲିସକୁ ଭୟ କରି ଆତ୍ମହତ୍ୟା ନା ଆଉ କିଛି କାରଣ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ସୂଚନାଯୋଗ୍ୟ, କୋଷାବରା ଗ୍ରାମର ରଞ୍ଜନ ନାଏକଙ୍କ ସ୍ତ୍ରୀ ତମାଳ ନାଏକ (୨୨) ଗତ ବୁଧବାର କେଉଁଆଡେ ଚାଲିଯାଇଥିବା ନେଇ ଥୁଆମୂଳ ରାମପୁର ଥାନାରେ ରଞ୍ଜନ ଅଭିଯୋଗ କରିଥିଲେ। ଗୁରୁବାର ପରିବାର ଲୋକେ ଖୋଜାଖୋଜି କଲାପରେ ଗାଁ ଚାଷଜମି ନିକଟ ଏକ ପରିତ୍ୟକ୍ତ କୂଅରେ ତମାଳଙ୍କ ମୃତ ଦେହ ଭାସୁଥିବା ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ ତମାଳଙ୍କ ବାପା କାଳିଦାସ ନାଏକ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ ତମାଳଙ୍କ ସ୍ୱାମୀ ରଞ୍ଜନ, ଶଶୂର ଲଳିତ ନାଏକଙ୍କୁ ଥାନାକୁ ନେଇ ଅଟକ ରଖିବା ସହିତ ପଚାରଉଚରା ଜାରି ରଖିଛି। ଗୋଟିଏ ପଟେ ବୋହୂର ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇ ନ ଥିବା ବେଳେ ଶାଶୂ ଆତ୍ମହତ୍ୟା କରିବା ଅଧିକ ରହସ୍ୟ ସୃଷ୍ଟି କରିଛି।

## ତଳସରା ଥାନାରେ 'ଆମ ପୁଲିସ' ବୈଠକ

**ବାଲିଶଙ୍କରା, ୩୧।୫(ସମିସ):** ତଳସରା ଥାନା ପରିସରରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ତଳସରା ଥାନା ଅଧିକାରୀ ପୁଷ୍ପେନ୍ଦୁ ସାଗରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆମ ପୁଲିସ ବୈଠକରେ ସନ୍ତୋଷ ସାହୁ, ରବି ପଟେଲ, ବନମାଳୀ ବାରସତିଆ, ନନ୍ଦନ ସିଂ, ରାମେଶ୍ୱର ପ୍ରଧାନ, ଦୁବରାଜ ବାରସତିଆ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଥାନା ଅଧିକାରୀ ଜନସାଧାରଣ ଓ ପୁଲିସ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରେ ହେଉଥିବା ଚୋରି, ଡକାୟତି, ମାରପିଟ ଭଳି ଘଟଣା ନହେବା ସହ ଶାନ୍ତି ଶୃଙ୍ଖଳା ସହ ଅଞ୍ଚଳରେ ରହି ପାରିବେ ବୋଲି ମତ ପ୍ରକାଶ ପାଇଥିଲା।



## ବିପଦସଙ୍କୁଳ ଅବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

**ସୁନ୍ଦରଗଡ଼, ୩୧।୫(ସମିସ):** ଟାଙ୍ଗରପାଲି ବ୍ଲକର ବର୍ତନକେଲା ଅଙ୍ଗନ ବାଡି କେନ୍ଦ୍ରଟି ଅତ୍ୟନ୍ତ ବିପଦ ଶଙ୍କୁଳ ହୋଇ ପଡ଼ିଛି। ତଥାପି ଉକ୍ତ କେନ୍ଦ୍ରର ନୂତନ କୋଠା ନିର୍ମାଣ ହେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ସମ୍ପ୍ରତି ଅଧିକାଂଶ ଅଙ୍ଗନବାଡି କେନ୍ଦ୍ରରେ ଏକ ଅଙ୍କ ବିଶିଷ୍ଟ ପିଲା ରହିଥିବା ବେଳେ ଏହି ଅଙ୍ଗନବାଡି କେନ୍ଦ୍ରରେ ୧୬ ଜଣ ପିଲା ରହିଛନ୍ତି। ତଥାପି ଏହି ପୁରୁଣା କୋଠାକୁ ମରାମତି କରା ଯାଇ ନ ଥିବାରୁ ବିପଦଶଙ୍କୁଳ ହୋଇ ପଡ଼ିଛି। ଫଳରେ କେନ୍ଦ୍ରର କର୍ମୀ ବାଧ ହୋଇ ଗାଁ ସ୍କୁଲରେ କନ୍ଦ୍ର ଚଳାଇଛନ୍ତି। ଗ୍ରାମବାସୀ ଏହି ଅଙ୍ଗନବାଡି କେନ୍ଦ୍ରର ନୂତନ କୋଠା ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ତଥାପି ନୂତନ ନିର୍ମାଣ ହେଉ ନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ନୂତନ ଅଙ୍ଗନବାଡି କୋଠା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



# ଲଘୁଚାପ ବର୍ଷାରେ ଧୋଇଗଲା ରବି ଧାନ

## ଲାଭ ଆଶା ମଉଳିଲା; ହତାଶ ଚାଷୀ

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟ ସରକାରଙ୍କ ତରଫରୁ ଧାନ କ୍ୱିଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ସବ୍‌ସିଡି ଦିଆଯାଉଛି। ତେଣୁ ଅଧିକ ଲାଭ ପାଇବା ପାଇଁ ଖରିଫ୍ ଧାନ ବିକ୍ରି ପରେ ଚାଷୀ ରବିରେ ଦୋଫସଲୀ ଧାନ କରିଥିଲା। ଏପରିକି, ଜଳସେଚିତ ଅଞ୍ଚଳରେ ଥିବା ଜମିରେ ଧାନ ଭଲ ଥୋଡ଼ ବି ଧରିଥିଲା। ହେଲେ ବାରମ୍ବାର କାଳବୈଶାଖୀ ବର୍ଷା ଧାନ ଗଛକୁ କିଛି ମାତ୍ରାରେ ନଷ୍ଟ କରିଦେଇଥିବା ବେଳେ ଏବେ ଦୁଇ ଦୁଇଟି ଲଘୁଚାପ ବର୍ଷା ଦାଉ ସାଧିଛି। ଠିକ୍ ଅମଳ ବେଳକୁ ବର୍ଷା ଏମିତି ଲାଗି ରହିଛି ଯେ ଚାଷୀ ତା' ପରିଶ୍ରମକୁ ଖଳାକୁ ଆଣିପାରୁନି। କିଛି ସ୍ଥାନରେ ବିଲରେ କଟା ହୋଇ ପଡ଼ିଥିବା ଧାନ କେଣ୍ଡା ଭିଜୁଥିବା ବେଳେ ଧାନ ଗଦା, ମଣ୍ଡିରେ ବି ଧାନ ଭିଜୁଛି। ଉପକୂଳ ଓଡ଼ିଶା ସମେତ ସୋନପୁର, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼ ପ୍ରଭୃତି ଜିଲ୍ଲାରେ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ଫଳରେ ଚାଷୀର ଚିନ୍ତା ବଢ଼ି ଯାଇଛି।

ବର୍ଷାରେ ରବି ଫସଲ କରିଥିବା ସାରା ଓଡ଼ିଶାର ଚାଷୀଙ୍କ ଅବସ୍ଥା ବେହାଲ ହୋଇଯାଇଛି। ବର୍ଷା ହେବା ନେଇ ଆଗୁଆ ସୂଚନା ପାଇଥିଲେ ମଧ୍ୟ ସବୁ ଜମିରୁ ଧାନ ଅମଳ କରିବାକୁ ଚାଷୀଙ୍କ ପାଖରେ ବେଳ ନଥିଲା। ଆଉ ଯାହା କଟାଯାଇଛି, ତାହା ଖଳାକୁ ଆସିପାରୁନାହିଁ। ସେମିତି ଜମିରେ ପଡ଼ିରହିଛି। ଲଘୁଚାପ ବର୍ଷା ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି। କିଛି ଚାଷୀଙ୍କର ବର୍ଷକର ଦାନା ବି ଛଡ଼ାଇନେଇଛି ଏହି ଅଦିନିଆ ବର୍ଷା। ଆଉ ଯାହା କିଛି ରହିଯାଇଛି ତାହା ଅମଳ ହୋଇପାରିବ କି ନାହିଁ, ତାହାକୁ ନେଇ ଚିନ୍ତା ଘାରିଲାଣି। କେବଳ ଯେ ଜମିରେ ଧାନ ନଷ୍ଟ ହୋଇଛି, ତାହା ନୁହେଁ। ମଣ୍ଡିରେ ବି ବର୍ଷାରେ ଭିଜୁଛି ଶହଶହ ବସ୍ତା ଧାନ। ଅମଳ କରିବା ପରେ ଧାନ ବିକିବା ଲାଗି ଚାଷୀମାନେ ମଣ୍ଡିରେ ଧାନ ବସ୍ତା ପକାଇ ଅପେକ୍ଷାରେ ରହିଥିଲେ। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ି ରହିଥିବାରୁ ତାହା ଏବେ ପାଣିରେ ବୁଡ଼ି ରହିଛି। କିନ୍ତୁ, ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି।

ଏମିତିକି, ଧାନମଣ୍ଡିରେ ଧାନର ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ପାଇଁ ଚାଷୀମାନେ ଦାବି କରିଆସୁଥିଲେ ମଧ୍ୟ ସରକାର କିଛି କରିନାହାନ୍ତି। ଏବେ ବର୍ଷା କମିବାର ସମ୍ଭାବନା ରହିଛି। ତେଣୁ ଚାଷୀମାନେ ଓଦା ଧାନକୁ ଅମଳ କରି ଶୁଖାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଯେପରି ନଷ୍ଟ ନ ହୁଏ, ସେଥିପ୍ରତି ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛି। ଏବେ ଧାନକୁ ଖରାରେ ଶୁଖାଇ ରଖିଦେଲେ ଆଉ ଗଜା ଧରିବନି ବୋଲି ବିଶେଷଜ୍ଞ କହିଛନ୍ତି। ବର୍ଷାରେ ଧାନ ଓଦା ହୋଇଯାଇଥିବାରୁ ସରକାର ଏହାର ମାନ ନିର୍ଦ୍ଧାରଣ କୋହଳ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ 'ବିଜୁ ହଲ୍' ଉଦ୍‌ଘାଟିତ

## ଉଦ୍‌ଘାଟନ କଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ




**ନୂଆଦିଲ୍ଲୀ,୩୧।୫(ସମିସ):** ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସରେ ଭାରତର ବରପୁତ୍ର ଓ ଇଣ୍ଡୋନେସିଆର 'ଭୂମିପୁତ୍ର' ବିଜୁ ପଟ୍ଟନାୟକଙ୍କ ନାମରେ ସ୍ଥାପନ ହୋଇଛି ଏକ ହଲ। ଆତଙ୍କବାଦ ବିରୋଧରେ ଆନ୍ତର୍ଜାତୀୟସ୍ତରରେ ସ୍ୱର ଉତ୍ତୋଳନ ନିମନ୍ତେ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଇଣ୍ଡୋନେସିଆ ପ୍ରତିନିଧି ଦଳର ସଦସ୍ୟ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହଲ୍ ଓ ସେଠାରେ ସ୍ଥାପିତ ଏକ ଫଳକକୁ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଛନ୍ତି। ଇଣ୍ଡୋନେସିଆସ୍ଥିତ ଭାରତୀୟ ଦୂତାବାସ କର୍ତ୍ତୃପକ୍ଷ ଏହି ଖବର ଓ ଫଟୋକୁ ନିଜ 'ଏକ୍ସ' ହ୍ୟାଣ୍ଡଲରେ ପୋଷ୍ଟ କରିଛି।

ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ମରଣ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସହ ଇଣ୍ଡୋନେସିଆର ସମ୍ପର୍କ ବହୁ ପ୍ରାଚୀନ। ୧୯୫୧ ରେ ଭାରତରେ ପ୍ରଥମ ସାଧାରଣତନ୍ତ୍ର ଦିବସରେ ତତ୍କାଳୀନ ଇଣ୍ଡୋନେସିଆ ରାଷ୍ଟ୍ରପତି ଆମର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍‌ମାନଙ୍କ ସହ ୧୯୪୭ରେ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ ଅଦମ୍ୟ ସାହସ ପ୍ରଦର୍ଶନ କରି ଇଣ୍ଡୋନେସିଆର ନେତାମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିପାଇଁ ଇଣ୍ଡୋନେସିଆ ସରକାର ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଦେଶର ସର୍ବଶ୍ରେଷ୍ଠ ସମ୍ମାନ ସହ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ବୋଲି ଅପରାଜିତା କହିଛନ୍ତି।

# ଅମରେନ୍ଦ୍ର ମହାନ୍ତି ନୂଆ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୧।୫(ସମିସ):** ସ୍ୱାସ୍ଥ୍ୟ ବିଭାଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କ୍ଷେତ୍ରରେ ଏକ ଅଦଳବଦଳ ହୋଇଛି। ଡାକ୍ତର ବିଜୟ କୁମାର ମହାପାତ୍ର ସ୍ୱତନ୍ତ୍ର ସଚିବ ଭାବେ ପଦୋନ୍ନତି ପାଇବା ପରେ ବି ଅତିରିକ୍ତ ଭାବେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିଲେ। ଏବେ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ରାଉରକେଲାସ୍ଥିତ ଆର୍‌ଜିଏଚ୍ ଅଧୀକ୍ଷକ ଡାକ୍ତର ଶଶିଭୂଷଣ ପଟେଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। କ୍ୟାପିଟାଲ୍ ହସ୍ପିଟାଲ୍ ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ପଣ୍ଡାଙ୍କୁ ଏସ୍‌ଆଇଏଚ୍ ଆଣ୍ଡ ଏଫ୍‌ଡବ୍ଲୁ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ପୁରୀ ସିଡିଏମ୍‌ଓ ଡାକ୍ତର ରୂପଭାନୁ ମିଶ୍ରଙ୍କୁ ପଦୋନ୍ନତି ଦିଆଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକ ନିଯୁକ୍ତି ଦିଆଯାଇଛି। ସେହିପରି ଖୋର୍ଦ୍ଧା ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କୁ ନର୍ସିଂ ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି।

**କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ହେଲେ ରୂପଭାନୁ ମିଶ୍ର**

# ଯଶୋବନ୍ତ ନାରାୟଣ ସିଂହ ଲାଗୁରୀ ହେଲେ ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୫(ସମିସ):** କେନ୍ଦୁଝର ଲୋକସଭାର ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଅନୁଗୋଳ,୩୧।୫(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ଅନ୍ତର୍ଗତ ତଳସୀରା ଗାଁରେ ଏହି ଅଘଟଣ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ଜଣକୁ ଅଟକ ରଖି ପଚାରଉଚରା କରୁଛନ୍ତି। ଶୁକ୍ରବାର ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ତଳସୀରା ଗାଁକୁ ଚାଲି ଆସିଥିଲା। ଗାଁରେ ଥିବା ଏକ ବଗିଚାରେ ଫସଲ ସୁରକ୍ଷା ପାଇଁ ଘେରାଯାଇଥିବା ବିଦ୍ୟୁତ୍ ତାରରେ ଶୁଣ୍ଢ ଲାଗିବାରୁ ତା'ର ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ।

**ହାତୀ ଆକ୍ରମଣରେ ବୃଦ୍ଧ ମୃତ**

# ବନକର୍ମଚାରୀ ଓ ପୁଲିସ୍ ୩ ଘଣ୍ଟା ଅଟକ

**ଛେଣ୍ଡିପଦା,୩୧।୫ (ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ଗ୍ରାମରେ ହାତୀ ଆକ୍ରମଣରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, କଣଲୋଇର ପ୍ରସନ୍ନ ନାଏକ (୬୩)। ଭୋର୍ ପ୍ରାୟ ୫ଟାରେ ପ୍ରସନ୍ନ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀକୁ ଦେଖି ପ୍ରସନ୍ନ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ଅନୁଧ୍ୟାନ ପାଇଁ ବନ କର୍ମଚାରୀ ଓ ବାଗଡ଼ିଆ ପୁଲିସ୍ ଗ୍ରାମକୁ ଯାଇଥିବା ବେଳେ ଲୋକେ ସେମାନଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଛେଣ୍ଡିପଦା ରେଞ୍ଜର୍ ଶୁଭ୍ର ଶୁଚିସ୍ମିତା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ଉତ୍ତେଜନା ଥମିନଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ, ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ସ୍ଥାୟୀ ନିଯୁକ୍ତି, ୩ଦିନ ମଧ୍ୟରେ ସୌର ସୁରକ୍ଷା ବାଡ଼ କାର୍ଯ୍ୟ ଆରମ୍ଭ, ଟ୍ରେଞ୍ଚ୍ ଖନନ, ଫସଲ ନଷ୍ଟର ଶତପ୍ରତିଶତ କ୍ଷତିପୂରଣ, କାର୍ଯ୍ୟରେ ଅବହେଳା କରିଥିବା ହାତୀ ସ୍କ୍ୱାଡ୍‌ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନୂତନ ହାତୀ ସ୍କ୍ୱାଡ୍ ନିଯୁକ୍ତି, ଜଙ୍ଗଲରେ ଯେକୌଣସି କାର୍ଯ୍ୟ ହେଲେ ବନସୁରକ୍ଷା ସମିତିର ସୁପାରିସ ପରେ କରାଯିବା ଆଦି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ମାଝୀ ଓ ଗ୍ରାମ ସଭାପତି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଥମିଥିଲା। ପରେ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ପ୍ରତିଦିନ ହାତୀ-ମଣିଷ ଲଢ଼େଇ, ବନ ବିଭାଗର ପଦକ୍ଷେପ ଶୂନ

■ ପଦା ହେବାକୁ ବସିଲାଣି ସଂରକ୍ଷିତ ଜଙ୍ଗଲ, ଗାଁମୁହାଁ ହାତୀପଲ



ସୂଚନାଯୋଗ୍ୟ, ପ୍ରସ୍ତାବିତ କଣଲୋଇ ସଂରକ୍ଷିତ ଜଙ୍ଗଲରେ ଆଜକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏକ ଦନ୍ତାହାତୀ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗାଁ ଭିତରକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହ ଲୋକଙ୍କ ଘର ଓ ଗୁହାଳ ଆଦି ଭାଙ୍ଗି ନଷ୍ଟ କରୁଛନ୍ତି। ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ରେଞ୍ଜରଙ୍କୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଛି।

# ରାଜ୍ୟ ଟପ୍ପର ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର +୨ ବିଜ୍ଞାନ ଛାତ୍ର ସମ୍ବର୍ଦ୍ଧିତ

**କଟକ,୩୧।୫(ସମିସ):** ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀରେ ଅନେକ ପରିବର୍ତ୍ତନ ଆସିଛି। ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥିମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ। ସେଥିପାଇଁ ନିଜର ଅଧ୍ୟବସାୟ ସାଙ୍ଗକୁ ବାତାନୁକୂଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର, ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପର ଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଏହା କହିଛନ୍ତି। ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ବିଜ୍ଞାନ ଟପ୍ପର ବିନୀତ ମହାନ୍ତି ୯୭.୬୬% ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ୯୦%ରୁ ଅଧିକ ନମ୍ବର ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା। ଶ୍ରୀ ସିନ୍ଧେଙ୍କ ଜୀବନଯାତ୍ରା ଏକ ଶକ୍ତିଶାଳୀ ପ୍ରେରଣା ସୃଷ୍ଟି କରିଛି। କଟକ ଜିଲ୍ଲାପାଳ ଭାବେ ବ୍ୟସ୍ତ ଦାୟିତ୍ୱ ମଧ୍ୟରେ ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବା ପାଇଁ ସରସ୍ୱତୀ ଗ୍ରୁପ ଶ୍ରୀ ସିନ୍ଧେଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ। ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ। କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।




■ ଏଡିଏମ୍‌ଓ ଦୁର୍ବାଦଳ ମିଶ୍ର ହତ୍ୟା ମାମଲା

# ୨ ଅଭିଯୁକ୍ତଙ୍କୁ ଆଜୀବନ

**ସୋନପୁର,୩୧।୫(ସମିସ):** ବହୁଚର୍ଚ୍ଚିତ ସୁବର୍ଣ୍ଣପୁର ଏଡିଏମ୍‌ଓ ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଦୁର୍ବାଦଳ ମିଶ୍ର ହତ୍ୟା ମାମଲାର ରାୟ ଦୀର୍ଘ ୧୧ବର୍ଷ ପରେ ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ମାମଲାର ଶୁଣାଣି କରି ଆଜି ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୫ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ହତ୍ୟାକାରୀଦ୍ୱୟ ହେଲେ, ପ୍ରତ୍ୟୁଷ ପଣ୍ଡା (ବବୁଲୁ) ଓ ଅଶୋକ ସାହୁ।

୨୦୧୪ ନଭେମ୍ବର ୨୧ରେ ଶିଶୁରୋଗ ବିଶେଷଜ୍ଞ ତଥା ଏଡିଏମଓ ଡା. ଦୁର୍ବାଦଳଙ୍କୁ ତାଙ୍କ ଘର ଆଗରେ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଘଟଣାରେ ଜଣେ ନାବାଳକଙ୍କ ସମେତ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ସୋନପୁର ପୁଲିସ୍ ଧରିଥିଲା। ନାବାଳକ ଅଭିଯୁକ୍ତର ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ବିଚାର ଚାଲିଛି। ସରକାରୀ ଓକିଲ କହ୍ନେୟାଲାଲ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ୧୦ଟି ଆଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୩୧।୫(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ଟି ବୋମାକୁ ନିଷ୍କ୍ରିୟ କରିଛନ୍ତି ସୁରକ୍ଷା ବଳ। ସୂଚନାନୁଯାୟୀ, ଛତିଶଗଡ଼ର ଅବୁଝମାଡ଼ ଜଙ୍ଗଲରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବା ସହ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ଅବୁଝମାଡ଼ ଜଙ୍ଗଲରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ଯବାନମାନେ ମାଓବାଦୀ ଖଞ୍ଜିଥିବା ୧୦ଟି ଆଇଡି ବୋମାକୁ ଠାବ କରି ଏହାକୁ ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ନିଷ୍କ୍ରିୟ କରି ଦେଇଥିବା ଜଣାପଡିଛି। ଏହା ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ମନମୋହନ ସାମଲଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ନୋଟିସ

**ଭୁବନେଶ୍ୱର,୩୧।୫ (ସମିସ):** ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ବିରୋଧରେ ଅସତ୍ୟପାଠ ଅଭିଯୋଗ ଆଣି ୧୫ ଦିନ ମଧ୍ୟରେ ଏହାରଉତ୍ତରରଖିବାକୁନୋଟିସଜାରିକରିଛିରାଜ୍ୟଆଇନଜୀବୀପରିଷଦ।

ପରିଷଦ ପକ୍ଷରୁ କୁହାଯାଇଛି ଯେ ନିଜକୁ ଜଣେ ଆଇନଜୀବୀ ବୃତ୍ତିଧାରୀ ବୋଲି ଦର୍ଶାଇଥିବା ମନମୋହନ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ ଓ ଏହି ସମୟରେ ରାଜ୍ୟ ସରକାରରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ। ଆଇନଜୀବୀ ପରିଷଦର ନିୟମ ଅନୁସାରେ ଆଇନଜୀବୀ ଭାବରେ ମନମୋହନ ସାମଲ ଉପରୋକ୍ତ ଅବଧିରେ ଆଇନ ବୃତ୍ତିରୁ ବିରତ ରହିବା ଓ ପରବର୍ତ୍ତୀ ସମୟରେ ମନ୍ତ୍ରୀ ପଦରୁ ଅବ୍ୟାହତି ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଆଇନବୃତ୍ତିକୁ ପ୍ରତ୍ୟାବର୍ତ୍ତନ କରିବା କଥା। ମାତ୍ର ଶ୍ରୀ ସାମଲ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର କୌଣସି ସୂଚନା ବା ତଥ୍ୟ ପ୍ରଦାନ ନ କରି ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଓ ଓକିଲାତି ବୃତ୍ତି ଯାହାକି ଏକ ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହି ଆଇନଜୀବୀ ଅଧିନିୟମର ବିରୋଧାଚରଣ କରିଛନ୍ତି । ଗତ ୨୩.୦୫.୨୦୨୫ ରିଖରେ ଆଇନଜୀବୀ ପରିଷଦ ନିକଟରେ ଶ୍ରୀ ସାମଲ କରିଥିବା ଅଭିଯୋଗରେ ସେ ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ବୋଲି ଉଲ୍ଲେଖ କରିଛନ୍ତି । ସେହିପରି ୨୫.୦୧.୨୦୨୧ ରିଖ ରେ ଦାଖଲ କରିଥିବା ଭେରିଫିକେସନ ଫର୍ମ (ପାରା ୧୨)ରେ ଶ୍ରୀ ସାମଲ ନିଜକୁ ଆଇନଜୀବୀ ବୋଲି ଦର୍ଶାଇବା ସହ ନିରବଚ୍ଛିନ୍ନ ଭାବରେ ଆଇନବୃତ୍ତି ବା ଓକିଲାତି ପେଶାରେ ରହିଥିବା ଦର୍ଶାଇଛନ୍ତି । ତେଣୁ ଆଇନଜୀବୀ ପରିଷଦ ଆଡ଼ଭୋକେଟ୍ ଅଧିନିୟମର ଧାରା ୩୫ ଅନୁସାରେ ତାଙ୍କୁ ୧୫ ଦିନିଆ ନୋଟିସ ଜାରି କରିଛି ।

# ତିନି ଦଫା ଦାବି ନେଇ ଏକାଠି ହେଲେ ପ୍ରକାଶକ

**ଭୁବନେଶ୍ୱର,୩୧।୫(ସମିସ):** ସଂଘ, ସହର ଓ ସଂସ୍ଥା ନିର୍ବିଶେଷରେ ରାଜ୍ୟର ୫୦ରୁ ଅଧିକ ପୁସ୍ତକ ପ୍ରକାଶକ ଏକାଠି ହୋଇ ସରକାରୀସ୍ତରରେ ପୁସ୍ତକ ଚୟନ ପ୍ରକ୍ରିୟା, ବିଭିନ୍ନ ଯୋଜନାରେ ପାତରଅନ୍ତର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ନିଯୁକ୍ତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକମାନଙ୍କୁ ପଠାଯାଇଛି। ନିକଟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମହାବିଦ୍ୟାଳୟ ପାଠାଗାର ନିମନ୍ତେ ପୁସ୍ତକ ତାଲିକାରେ ନିର୍ଦ୍ଦିଷ୍ଟ ୪-୫ ଜଣ ପ୍ରକାଶକଙ୍କ ପୁସ୍ତକୁ ଅଗ୍ରାଧିକାର ଦିଆଯାଇଥିବା ବେଳେ ଶତାଧିକ ପ୍ରକାଶକଙ୍କୁ ଅଣଦେଖା କରାଯାଇଛି। ଏହି ଚୟନ କମିଟିରେ ଥିବା ଜଣେ ବ୍ୟକ୍ତି ଜାଣି ଶୁଣି ଏଭଳି କରିଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ତାଲିକାକୁ ବାତିଲ କରାଯାଇ ସରକାରୀ ନିୟମ ଆଧାରରେ ସାନି ତାଲିକା ପ୍ରକାଶ କରିବାକୁ ପ୍ରକାଶକମାନେ ଦାବି କରିଛନ୍ତି।

ସେହିପରି ଉକ୍ତ ବ୍ୟକ୍ତି ପୂର୍ବରୁ ଓଡ଼ିଆ ଭାଷା ପ୍ରତିଷ୍ଠାନରେ ସଂଯୋଜକ ଥିବା ବେଳେ ନିଜର ଅଜାଙ୍କ ପୁସ୍ତକ ବିକ୍ରି କରିବା, ନିଜ ପିଏଚ୍‌ଡି ଥେସିସ୍‌କୁ ପତ୍ନୀଙ୍କ ନାମରେ ପୁସ୍ତକ କରି ବିକ୍ରି କରିବା ଭଳି ଏକାଧିକ ବେଆଇନ କାର୍ଯ୍ୟ କରିଥିବା ବେଳେ ପ୍ରାୟ ୨୦ବର୍ଷ ଧରି ବିଭିନ୍ନ ଚୟନ କମିଟିରେ ରହି ନିର୍ଦ୍ଦିଷ୍ଟ ୪-୫ଜଣ ପ୍ରକାଶକଙ୍କୁ କାର୍ଯ୍ୟାଦେଶ ଦେବାରେ ସହଯୋଗ କରୁଛନ୍ତି ବୋଲି ପ୍ରକାଶକ ସମୂହ ଅଭିଯୋଗ କରିଛନ୍ତି। ଓସେପା, ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ ନ କରିବା ଲାଗି ପ୍ରକାଶକମାନେ ଅନୁରୋଧ କରିଛନ୍ତି। ଚିଠିର ଏକକିତା ନକଲ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ନିର୍ଦ୍ଦେଶାଳୟ ଓ ଓଡ଼ିଶା ସାହିତ୍ୟ ଏକାଡେମୀକୁ ମଧ୍ୟ ପ୍ରେରଣ କରାଯାଇଛି।

ସ୍ଥାନୀୟ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରକାଶକ ସମୂହର ଏ ବୈଠକରେ ଜୟକୃଷ୍ଣ ମହାପାତ୍ର, ଭିକାରୀ ଧଳ, ବନ୍ଦନା ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, କରୁଣାକାର ପୃଷ୍ଟି, ସସ୍ମିତା ଦାଶ, କ୍ଷୀରୋଦ ଚନ୍ଦ୍ର ପତି, ସରୋଜ ବଳ, ବନୋଜ ତ୍ରିପାଠୀ, ଅଭୟ ଦାସ, ସୁଧୀର ମଉଡ଼ମଣି, ଶୁଭ୍ରାଂଶୁ ପଣ୍ଡା, ରାଧାକୃଷ୍ଣ ଘଡ଼େଇ, ବିରଞ୍ଚି ନାରାୟଣ ଦାଶଙ୍କ ସବେତ ପ୍ରମୁଖ ୫୦ରୁ ଅଧିକ ପ୍ରକାଶକ ଉପସ୍ଥିତ ଥିଲେ।

**ମହାବିଦ୍ୟାଳୟ ପାଠାଗାର ପୁସ୍ତକ ତାଲିକା ବାତିଲ କରାଯାଉ**

**ଚୟନ ପ୍ରକ୍ରିୟାରେ ପ୍ରକାଶନ ସଂଘ ପ୍ରତିନିଧିଙ୍କୁ ସାମିଲ କରାଯାଉ**

# ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହେବ ୧୦୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର, ୩୧।୫ (ସମିସ):** ରାଜ୍ୟରେ ଯେପରି ଅଧିକରୁ ଅଧିକ ଅକ୍ଷୟ ଶକ୍ତିର ଆହରଣ ସହ ବ୍ୟବହାର ହୋଇପାରିବ, ସେନେଇ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏନେଇ ପୂର୍ବ ବିଜେଡି ସରକାର ସ୍ୱତନ୍ତ୍ର ଭାବେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ୨୦୨୨ ପ୍ରଣୟନ କରିଥିଲେ। ଏହି କ୍ରମରେ ରାଜ୍ୟ ସରକାର ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର (ଫ୍ଲୋଟିଂ ସୋଲାର) ପ୍ରକଳ୍ପ ବିକଶିତ କରିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାର ଆନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ କମିଟି ପକ୍ଷରୁ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ସମନ୍ୱିତ ଜିଆଇଏସ୍ ମ୍ୟାପିଂ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ, ରେଙ୍ଗାଲି, ଅପରକୋଲାବ୍, ଇନ୍ଦ୍ରାବତୀ ଓ ବାଲିମେଳା ଜଳଭଣ୍ଡାରରେ ଏହି ମ୍ୟାପିଂ ପ୍ରକ୍ରିୟାକୁ ଚୂଡ଼ାନ୍ତ କରାଯିବ। ପରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ୫ଟି ସ୍ଥାନରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେବା ପରେ ୧୦୦୦ ମେଗାୱାଟ୍ ବିଜୁଳି ଉତ୍ପାଦନ ହେବା ସହ ଏହାଦ୍ୱାରା ପ୍ରାୟ ୧୦ଲକ୍ଷ ଘରକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରିବ।

■ ବିଭିନ୍ନ ଜଳଭଣ୍ଡାରରେ କରାଯିବ ସମନ୍ୱିତ ଜିଆଇଏସ୍ ମ୍ୟାପିଂ

■ ୫ଟି ସ୍ଥାନରେ ପ୍ରକଳ୍ପ ସ୍ଥାପନ ପାଇଁ ଶକ୍ତି ବିଭାଗର ଯୋଜନା

ଅପରପକ୍ଷେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋଲାର୍ ଏନର୍ଜି(ଏନଆଇଏସଇ) ଏବଂ ଆଇ-ଫରେଷ୍ଟ୍‌ର ଏକ ମିଳିତ ସର୍ଭେର ରିପୋର୍ଟ ଅନୁଯାୟୀ, ରାଜ୍ୟର ୬୭୦ବର୍ଗ କି.ମି ବିଶିଷ୍ଟ ଜଳୀୟ ଅଞ୍ଚଳରୁ ୩୩.୫ଗିଗାୱାଟ୍ କ୍ଷମତାର ଶକ୍ତି ଉତ୍ପାଦନ କରାଯାଇପାରିବ। ସେହିପରି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଓଡ଼ିଶା ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି, ତନ୍ମଧ୍ୟରୁ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପରୁ ୧୧ ପ୍ରତିଶତ ଉତ୍ପାଦନ ହାସଲ କରିହେବ। ୨୦୩୦ ସୁଦ୍ଧା ଓଡ଼ିଶା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ହାସଲ କରିଛି। ଏଥିରେ ସୌର ଏବଂ ଭାସମାନ ସୌର ପ୍ରକଳ୍ପର ଭୂମିକା ସର୍ବାଗ୍ରେ ରହିବ ବୋଲି ଶକ୍ତି ବିଶେଷଜ୍ଞ ଆଶା ରଖିଛନ୍ତି। ଅଧିକରୁ ଅଧିକ ଅକ୍ଷୟ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହା ପରିବେଶ ଉପଯୋଗୀ ହେବା ସହ ଅଧିକ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହାସହ ଏହା ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ। ନିକଟରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ମଧ୍ୟ ଭାସମାନ ସୌର ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ବହୁ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହା ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାକୁ ସୁଦୃଢ଼ କରୁଥିବା ନେଇ ଶକ୍ତି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି।

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

# ପ୍ରଥମ ଶ୍ରେଣୀରେ କରୁନଙ୍କ ୪ର୍ଥ ଦ୍ୱିଶତକ

**କେଣ୍ଟବୁରୀ, ୩୧।୫ (ଏଜେନ୍ସି):** କରୁନ ନାୟାରଙ୍କ ଦମ୍‌ଦାର ଦ୍ୱିଶତକୀୟ ପାଳି ବଳରେ ଏଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ଦୃଢ଼ସ୍ଥିତିରେ ରହିଛି। ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧିନ ଭାରତ-ଏ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶନିବାର ଦ୍ୱିତୀୟ ଦିବସରେ ୧୨୫.୧ ଓଭରରେ ୫୫୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କରୁନ ନାୟାର ୨୦୪ ରନର ମାରାଥନ ପାଳି ଖେଳିଥିଲେ। ୨୮୧ ବଲର ଏହି ପାଳିରେ ସେ ୨୬ ଚୌକା ଓ ୧ ଛକା ମାରିଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୯୨, ଧ୍ରୁବ ଜୁରେଲ ୯୪, ଯଶସ୍ୱୀ ଜୟସ୍ୱାଲ ୨୪, ଶାର୍ଦ୍ଦୁଳ ଠାକୁର ୨୭ ରନ କରିଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଲାୟନ୍ସ ଶେଷ ଖବର ସୁଦ୍ଧା ୩୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୩୩ ବର୍ଷୀୟ କରୁନଙ୍କ ଏହା ୪ର୍ଥ ଦ୍ୱିଶତକୀୟ ପାଳି। ୨୦୧୫-୧୬ ରଣଜୀ ଟ୍ରଫି ସିଜନରେ କର୍ଣ୍ଣାଟକ ପକ୍ଷରୁ ପ୍ରତିନିଧିତ୍ୱ କରି ତାମିଲନାଡୁ ବିପକ୍ଷରେ ୩୨୮ ରନ କରିଥିଲେ। ଯାହା ତାଙ୍କର ଶ୍ରେଷ୍ଠ ପାଳି ହୋଇ ରହିଛି। ସେହିଭଳି ଇଂଲଣ୍ଡ ମାଟିରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ। ଏଥିପୂର୍ବରୁ ସେ ୨୦୨୪ରେ କାଉଣ୍ଟି କ୍ରିକେଟ୍ କ୍ଲବ ନର୍ଥାମ୍ପଟନ ପକ୍ଷରୁ ଖେଳି ଗ୍ଲାମରଗନ ବିପକ୍ଷରେ ୨୦୨ ରନ କରିଥିଲେ।



# ଜାତୀୟ ସବ୍‌ଜୁନିଅର ଉଷୁରେ ଓଡ଼ିଶାକୁ ୧୭ ପଦକ




**ଭୁବନେଶ୍ୱର, ୩୧।୫ (ସମିସ):** ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିଅର ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ୧୭ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛି। ଓଡ଼ିଶା ଖେଳାଳିମାନେ ଜିତିଥିବା ପଦକ ମଧ୍ୟରେ ୨ଟି ସ୍ୱର୍ଣ୍ଣ ସହ ୪ ରୌପ୍ୟ ଓ ୧୧ କାଂସ୍ୟ ରହିଛି। ବାଳକ ୨୬ କିଗ୍ରା ମଜନୁ ମୁଣ୍ଡା ଓ ବାଳିକା ୨୨ କିଗ୍ରାରେ ରଶ୍ମିତା ମୁଣ୍ଡା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ସୁଶାନ୍ତ ଗାଗରାଇ, ପ୍ରିୟତମ ମୁଣ୍ଡା, ଆୟୂଷ ଦାସ ଓ ଦିରେନ୍ଦ୍ର ଦାସ ରୌପ୍ୟପଦକ ହାସଲ କରିଥିଲେ। ଗତ ୨୬ରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ୍ ୫୯ ଜଣ ଖେଳାଳି ଓ ୬ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ପ୍ରଦ୍ୟୁମ୍ନ ବେହେରା ମୁଖ୍ୟ ଜଜ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ବିକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍

**ଭୁବନେଶ୍ୱର, ୩୧।୫ (ସମିସ):** ଆଇଆଇଟି ଭୁବନେଶ୍ୱର ଓ ପୂର୍ବତଟ ରେଳବାଇ କ୍ରୀଡ଼ା ସଂଘ (ଇକୋର୍ସା) ର ମିଳିତ ସହଯୋଗରେ ରବିବାର ସକାଳ ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ (୨୧.୧ କିମି) ଅନୁଷ୍ଠିତ ହେବ। ଅଲିମ୍ପିଆନ ଦୂତୀ ଚାନ୍ଦ ଏହି ହାଫ୍ ମାରାଥନର ନେତୃତ୍ୱ ନେବେ। ହାଫ୍ ମାରାଥନ ବ୍ୟତୀତ ୨ କିମି, ୫ କିମି ଓ ୧୦ କିମି ରେସ ଆୟୋଜିତ ହେବ। ମୋଟ୍ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏଥିରେ ରଖାଯାଇଛି। ରବିବାର ଭୋର୍ ୪ଟା ୩୦ରେ ଜଟଣୀ ରେଳବାଇ କ୍ରିକେଟ୍ ଷ୍ଟାଡିୟମରୁ ଏହି ହାଫ୍ ମାରାଥନ ଆରମ୍ଭ ହେବ। ଆଇଆଇଟି ଭୁବନେଶ୍ୱରରୁ ଏହା ୟୁଟର୍ଣ୍ଣ ନେଇ ପୁନର୍ବାର କ୍ରିକେଟ୍ ଷ୍ଟାଡିୟମରେ ସମାପ୍ତ ହେବ। ଏଥିରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତେଲଙ୍ଗାନା ଆଦିରୁ ୧୨୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା ଅଂଶଗ୍ରହଣ କରିବେ ବୋଲି ଇକୋର୍ସା ପକ୍ଷରୁ କୁହାଯାଇଛି। ଏହି ହାଫ୍ ମାରାଥନର ଟି-ଶାର୍ଟକୁ ଶନିବାର ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜ୍ୱା ଉଦ୍‌ଘାଟନ କରିଥିଲେ।

**ଏସିଆନ୍ ଆଥ୍‌ଲେଟିକ୍ସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ**

# ଶ୍ରାବଣୀଙ୍କୁ ରୌପ୍ୟ; ଜାତୀୟ ରେକର୍ଡ ସହ ଅନିମେଶଙ୍କୁ କାଂସ୍ୟ

ଗୁମି, ୩୧।୫ (ଏଜେନ୍ସି)



ଦକ୍ଷିଣ କୋରିଆରେ ଶେଷ ହୋଇଥିବା ୨୮ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଅନ୍ତିମ ଦିବସରେ ଶନିବାର ଓଡ଼ିଶା କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ଦେଶର ଜଣାଶୁଣା ଧାବକ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ଜାତୀୟ ରେକର୍ଡ ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଧାବିକା ଶ୍ରାବଣୀ ନନ୍ଦ ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ସଫଳତା ପାଇଛନ୍ତି।

ଶନିବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ର ଫାଇନାଲରେ ଅନିମେଶ ୨୦.୩୨ ସେକେଣ୍ଡ ସମୟ ନେଇ ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ଏଥିରେ ଜାପାନର ତୋୱା ଉଜାୱା (୨୦.୧୨) ଓ ସାଉଦୀ ଆରବର ଅବଦୁଲାଜିଜ୍ ଆତଫି (୨୦.୩୧) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ଅନିମେଶଙ୍କ ଏହି ଟାଇମିଂ ନୂଆ ଜାତୀୟ ରେକର୍ଡ ହୋଇଛି। ନିକଟରେ ଅନୁଷ୍ଠିତ ଫେଡେରେସନ କପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୪୦ ସେକେଣ୍ଡରେ ଫିନିଶ କରି ରେକର୍ଡର ଅଧିକାରୀ ରହିଥିଲେ। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଆଥ୍‌ଲେଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ଅନିମେଶଙ୍କୁ ଏହି ଅନ୍ତର୍ଜାତୀୟ ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପ୍ରଶିକ୍ଷକ ମାର୍ଟିନ ଓନ୍ସ ଅନିମେଶଙ୍କ ଏହି ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିଛନ୍ତି।

ଅପରପକ୍ଷରେ ମହିଳା ୪ ଗୁଣା ୧୦୦ ମିଟର ରିଲେ୍ ରେସରେ ଭାରତୀୟ ଦଳ ୪୩.୮୬ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟପଦକ ଜିତିଥିଲା। ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ସମେତ ଏସ୍. ସ୍ନେହା, ଅଭିନ୍ୟା ସେଟ୍ଟୀ ଓ ନିତ୍ୟା ଗାନ୍ଧେ ଭାରତୀୟ ଦଳର ସଦସ୍ୟା ରହିଥିଲେ। ୪୩.୨୮ ସେକେଣ୍ଡ ସହ ଚାଇନା ରିଲେ ଦଳ ସ୍ୱର୍ଣ୍ଣପଦକ ହାତେଇନେଇଥିଲା। ଭାରତୀୟ ରିଲେ ଦଳ ଏଠାରେ ରୌପ୍ୟ ଜିତିବା ସହ ୨୦୦୦ ମସିହା ପରେ ପ୍ରଥମଥର ଲାଗି ଏସିଆନ ଚାମ୍ପିଅନସିପ୍‌ର ଏହି ଇଭେଣ୍ଟରେ ପଦକ ସଫଳତା ପାଇଛି।

**ଜାଭେଲିନରେ ସଚିନଙ୍କୁ ରୌପ୍ୟ**

ପୁରୁଷ ଜାଭେଲିନ ଥ୍ରୋ'ରେ ଭାରତର ଯୁବ ଆଥ୍‌ଲେଟ୍ ସଚିନ ଯାଦବ ଅଳ୍ପକେ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଛନ୍ତି। ସଚିନ ୮୫.୧୬ ମିଟର ଫିଙ୍ଗି ୨ୟ ସ୍ଥାନରେ ରହିବା ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ୮୬.୪୦ ମିଟର ସହ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନ ଥିଲେ। ଶନିବାର ଅନ୍ୟ ଭାରତୀୟ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ମହିଳା ୫୦୦୦ ମିଟରରେ ପାରୁଲ ଚୌଧୁରୀ ରୌପ୍ୟ ଏବଂ ମହିଳା ୮୦୦ ମିଟରରେ ପୂଜା ଓ ମହିଳା ୪୦୦ ମିଟର ହର୍ଡ୍ଲରେ ବିତ୍ୟା ରାମରାଜ କାଂସ୍ୟ ପଦକ ଜିତିଛନ୍ତି।

**ଭାରତକୁ ୨୪ ପଦକ**

ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଚଳିତ ୨୬ତମ ସଂସ୍କରଣରେ ଭାରତ ୨୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ କାଂସ୍ୟ ପଦକ ରହିଛି। ୧୯ ସ୍ୱର୍ଣ୍ଣ ସହ ମୋଟ୍ ୨୬ ପଦକ ଜିତି ଚାଇନା ପ୍ରଥମ ସ୍ଥାନ ହାସଲ କରିଛି।


ଅନିମେଶ

**ଫ୍ରେଞ୍ଚ ଓପନ୍**

# ଚତୁର୍ଥ ରାଉଣ୍ଡରେ ସିନର, ଜ୍ୱେରେଭ

**ପ୍ୟାରିସ,୩୧।୫(ଏଜେନ୍ସି):** ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ବ୍ରିଟେନର ୫ମ ସିଡ୍ ଜ୍ୟାକ ଡ୍ରାପର ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶନିବାର ତୃତୀୟ ରାଉଣ୍ଡ ମାଚ୍‌ରେ ସିନର ୬-୦, ୬-୧, ୬-୩ ସିଧା ସେଟ୍‌ରେ ଚେକ ଗଣରାଜ୍ୟର ଜିରି ଲେହକାଙ୍କୁ, ଡ୍ରାପର ୬-୨, ୬-୪, ୬-୨ ସିଧା ସେଟ୍‌ରେ ବ୍ରାଜିଲର ଜୋଆଓ ଫୋନସେକାଙ୍କୁ, ଜ୍ୱେରେଭ ୬-୨, ୭-୬, ୬-୧ ସେଟ୍‌ରେ ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

**ପେଗୁଲା, ଆନ୍ଦ୍ରିଭା ପ୍ରି-କ୍ୱାର୍ଟରରେ**

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି ଜେସିକା ପେଗୁଲା ୩-୬, ୬-୪, ୬-୨ ସେଟ୍‌ରେ ଚେକ ଖେଳାଳି ମାର୍କେଟା ଭଣ୍ଡ୍ରୋଉଶୋଭାଙ୍କୁ, ଷଷ୍ଠ ସିଡ୍ ରୁଷିଆର ୧୭ ବର୍ଷୀୟା ମୀରା ଆନ୍ଦ୍ରିଭା ୬-୩, ୬-୧ ସିଧା ସେଟ୍‌ରେ ୩୨ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁତିନଶୋଭାଙ୍କୁ, ୧୭ତମ ସିଡ୍ ଅଷ୍ଟ୍ରେଲିଆର ଡାରିଆ କାସାତକିନା ୬-୧, ୭-୫ ସେଟ୍‌ରେ ସ୍ପେନର ୧୦ମ ସିଡ୍ ପଉଲା ବଡୋସାଙ୍କୁ ହରାଇ ପ୍ରି-କ୍ୱାର୍ଟରକୁ ଉଠିଛନ୍ତି। ପୁରୁଷ ଯୁଗଳରେ ଭାରତର ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା, ଯୁକି ଭାମ୍ବ୍ରୀ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।


ମୀରା ଆନ୍ଦ୍ରିଭା

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

# ବରଗଡ଼, ଢେଙ୍କାନାଳ, କେନ୍ଦୁଝର ବିଜୟୀ

**ଭୁବନେଶ୍ୱର, ୩୧।୫ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ ଏକଦିବସୀୟ ମ୍ୟାଚରେ ଶନିବାର ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ ଢେଙ୍କାନାଳ ୮ ୱିକେଟ୍‌ରେ ପୁରୀକୁ ପରାସ୍ତ କରିଛି। ଶ୍ରେୟାଂଶୁ ମହାନ୍ତି (୫.୫-୧-୨୭-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୮.୫ ଓଭରରେ ମାତ୍ର ୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଢେଙ୍କାନାଳ ୧୭ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଶ୍ରେୟାଂଶୁ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ କେନ୍ଦୁଝର ୪୦ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ଦିଗବିଜୟ ଦେହୁରୀଙ୍କ ୪୦ ରନ ସହାୟତାରେ ୨୩.୩ ଓଭରରେ ୯୩ ରନରେ ସୀମିତ ରହିଥିଲା। ଜବାବରେ ବାଲେଶ୍ୱର ୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ସଙ୍କେତ ପଣ୍ଡା ୧୩ ରନରେ ୩ଟି ୱିକେଟ୍ ନେଇଥିଲେ।

ରେଭେନଶା ଗ୍ରାଉଣ୍ଡ-୧ରେ ନୂଆପଡ଼ା ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ବରଗଡ଼ ୧୧୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ସେକ୍ ହାୟତ୍ ସର୍ବାଧିକ ୪୫ ରନ କରିଥିଲେ। ନୂଆପଡ଼ାର ନିଖିଳ ଚନ୍ଦ୍ରପର ୬ଟି ୱିକେଟ୍ ସଫଳତା ପାଇଥିଲେ। ଜବାବରେ ନୂଆପଡ଼ା ୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ମଧ୍ୟ ସେକ୍ ହାୟତ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଅନ୍ୟମ୍ୟାଚରେ ରାଉରକେଲା ୪ ୱିକେଟରେ ଗଞ୍ଜାମକୁ, ଭୁବନେଶ୍ୱର-ଏ ୧୪୧ ରନରେ ପାରାଦୀପକୁ ଓ କଟକ-ଏ ୨୦୬ ରନରେ କନ୍ଧମାଳକୁ ମାତ୍ ଦେଇଛି। କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୩ ୱିକେଟ୍), ରାଉରକେଲାର ଖୁସୱନ୍ତ ସାନ୍ଧୁ (୫ ୱିକେଟ୍) ଓ ଭୁବନେଶ୍ୱର-ଏ'ର ଅର୍ନବ ଶତପଥୀ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**■ ପିକେଏଲ୍ ଖେଳାଳି ନିଲାମୀ**

# ଶାଦଲୋଇଙ୍କ ମୂଲ୍ୟ ୨.୨୩ କୋଟି ଟଙ୍କା

**ମୁମ୍ବାଇ,୩୧।୫(ଏଜେନ୍ସି):** ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ୨୦୨୫ ସଂସ୍କରଣ ପାଇଁ ମୁମ୍ବାଇରେ ଖେଳାଳି ନିଲାମୀ ଚାଲୁ ରହିଛି। ଶନିବାର ଓ ରବିବାର ଦୁଇଦିନ ଧରି ଚାଲିବାକୁ ଥିବା ଏହି ନିଲାମୀରେ ଇରାନର ତାରକା ଡିଫେଣ୍ଡର ମହମ୍ମଦ ରେଜା ଶାଦଲୋଇ ୨.୨୩ କୋଟି ଟଙ୍କାରେ ଗୁଜରାଟ ଜିଆଣ୍ଟସ ଦଳରେ ସାମିଲ ହୋଇଛନ୍ତି। ସେହିପରି ଯୋଗେଶ ୧.୨୫ କୋଟି ଟଙ୍କାରେ ବେଙ୍ଗାଲୁରୁ ବୁଲ୍ସ, ଦୀପକ ୮୬ ଲକ୍ଷ ଟଙ୍କାରେ ପାଟଣା ପାଇରେଟ୍ସ ଦଳରେ ସାମିଲ ହୋଇଛନ୍ତି। ଦୀପକ ପ୍ରଥମ ଖେଳାଳି ଭାବେ ନିଲାମୀରେ ୫୦ ଲକ୍ଷ ପାର କରିଥିଲେ।




**ଆଇପିଏଲ୍ ୧୮ | ଆଜି କ୍ୱାଲିଫାୟର-୨**


# ୧୧ ବର୍ଷ ପରେ ଫାଇନାଲ ଲକ୍ଷ୍ୟରେ ପଞ୍ଜାବ

ଅହମ୍ମଦାବାଦ, ୩୧।୫ (ଏଜେନ୍ସି)



ଆଇପିଏଲ୍‌ର ଚଳିତ ଅଷ୍ଟାଦଶ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ସୁପର୍ ସନ୍‌ଡେ'ରେ ଗୁରୁତ୍ୱପୂର୍ଣ୍ଣ କ୍ୱାଲିଫାୟର-୨ରେ ଆସନ୍ତାକାଲି ପାଞ୍ଚଥରର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ସହ ପଞ୍ଜାବ କିଙ୍ଗସ ସାମ୍ନାସାମ୍ନି ହେବେ। ଉଭୟ ମୁମ୍ବାଇ ଓ ପଞ୍ଜାବ ଲାଗି ଏହା ସେମିଫାଇନାଲ ସଦୃଶ ହୋଇଛି। ଅର୍ଥାତ୍ ଯେଉଁ ଦଳ ଏହି ମ୍ୟାଚରେ ବିଜୟୀ ହେବ ମଙ୍ଗଳବାର ଫାଇନାଲରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ପୂର୍ବରୁ କ୍ୱାଲିଫାୟର-୧ରେ ଆର୍‌ସିବି ୮ ୱିକେଟ୍‌ରେ ପଞ୍ଜାବକୁ ମାତ୍ ଦେଇ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।

ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପାଇଁ କ୍ୱାଲିଫାୟର-୨ ବେଶ୍ ଗୁରୁତ୍ୱବହନ କରୁଛି। କ୍ୱାଲିଫାୟର-୧ରେ ପଞ୍ଜାବ ରଜତ ପାଟିଦାରଙ୍କ ଆର୍‌ସିବି ନିକଟରୁ ଏକପାଖିଆ ଭାବେ ୮ ୱିକେଟ୍‌ରେ ହାରି ସିଧାସଳଖ ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏବେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମୁକାବିଲା ପଞ୍ଜାବ ପାଇଁ 'କର ବା ମର' ସଦୃଶ ହୋଇଛି। ଯଦି ପଞ୍ଜାବ ଏହି ମ୍ୟାଚରେ ବିଜୟୀ ହୁଏ ତେବେ ୧୧ ବର୍ଷ ପରେ ଆଇପିଏଲ୍ ଫାଇନାଲ ଖେଳିବାର ସୌଭାଗ୍ୟ ଲାଭ କରିବ। ଶେଷ ଓ ପ୍ରଥମଥର ଲାଗି ପଞ୍ଜାବ ୨୦୧୪ରେ ଫାଇନାଲ ଖେଳିଥିଲା। ଏଥିରେ କିନ୍ତୁ ଦଳ ୩ ୱିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାସ୍ତ ହୋଇ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଥିଲା। ପଞ୍ଜାବ ପାଇଁ ବ୍ୟାଟିଂରେ ପ୍ରଭସିମରନ ଓ ଆୟର ଯଥାକ୍ରମେ ୫୧୭ ଓ ୫୧୬ ରନ କରି ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ବୋଲିଂରେ ଅର୍ଶଦୀପ୍ ସିଂହ ୧୮ ୱିକେଟ୍ ନେଇ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ମୁମ୍ବାଇ ଏଲିମିନେଟରେ ୨୦ ରନରେ ଗୁଜରାଟ ଟାଇଟନ୍ସକୁ ପରାସ୍ତ କରି କ୍ୱାଲିଫାୟର-୨ରେ ପହଞ୍ଚିଛି। ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଏହି ମ୍ୟାଚରେ ୮୧ ରନ କରି ଫର୍ମକୁ ଫେରିବା ଏବଂ ଇଂଲଣ୍ଡର ଅଭିଜ୍ଞ ୱିକେଟ୍‌କିପର ଜନ୍ନୀ ବେୟାରଷ୍ଟୋ ୪୭ ରନର ଦ୍ରୁତ ପାଳି ଖେଳିବା ମୁମ୍ବାଇର ବ୍ୟାଟିଂ ଲାଇନଅପ୍‌କୁ ଆହୁରି ସୁଦୃଢ଼ କରିଛି। ଯଦି ଏହି ମ୍ୟାଚରେ ମୁମ୍ବାଇ ବିଜୟୀ ହୁଏ ତେବେ ୭ଥର ଲାଗି ଫାଇନାଲ ଖେଳିବ।




**କ୍ୱାଲିଫାୟର-୨**
**ମୁମ୍ବାଇ ବନାମ ପଞ୍ଜାବ**
ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS